୬ କମାଲ କଲେ ଅଶ୍ୱିନ-ଜାଡ଼େଜା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ମୂଲ୍ୟ : ୨.୦୦ ଟଙ୍କା ୮ ପୃଷ୍ଠା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୨୩୪ ● ୨୦ ସେପ୍ଟେମ୍ବର ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-234 ● 20th September 2024, Friday ● Bhubaneswar
Licensed to post without pre-payment of postage No- BN-60/22-24

# ଆଗାମୀ ଦଶକ ହେବ ଭିତ୍ତିଭୂମି ନିର୍ମାଣର ଦଶକ

**ପୁରୀ, ୧୯।୯**
**ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ପୁରୀ ଶରଧାବାଲିଠାରେ ନୂଆ ସରକାର ଗଠନର ପ୍ରଥମ ୧୦୦ ଦିନ ପୂରଣ ଅବସରରେ ରାଜ୍ୟସ୍ତରୀୟ ଉତ୍ସବ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ନୂଆ ସରକାର ୧୦୦ ଦିନ ମଧ୍ୟରେ ସମସ୍ତ ପ୍ରମୁଖ ପ୍ରତିଶ୍ରୁତି ପାଳନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜନତାଙ୍କ ଆଶୀର୍ବାଦରେ ୨୦୩୬ରେ ସମୃଦ୍ଧ ଓଡିଶା ଗଠନର ସଂକଳ୍ପ ପୂରଣ ହେବ । ଏହାର ମୂଳଦୁଆ ପ୍ରଥମ ୫ ବର୍ଷରେ ପଡିବ। ଏହାର ପ୍ରକ୍ରିୟା ପ୍ରଥମ ୧୦୦ ଦିନ ମଧ୍ୟରେ ଆରମ୍ଭ ହୋଇ ସାରିଛି। ବିକଶିତ ଭାରତରେ ଓଡିଶା ନିଶ୍ଚିତ ଭାବରେ ବିକାଶର ରେଳ ଗାଡିରେ ପ୍ରଥମ ବଗି ହେବ।

ଅଭିଭାଷଣ ଆରମ୍ଭରେ ମୁଖ୍ୟମନ୍ତ୍ରୀ ମହାପ୍ରଭୁ ଜଗନ୍ନାଥଙ୍କୁ ସ୍ମରଣ କରି କହିଥିଲେ, ମହାପ୍ରଭୁ ଆମ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ଓ ଓଡ଼ିଶାର ଲୋକଙ୍କ ପାଇଁ କାମ କରିଯିବା ପାଇଁ ଉତ୍ସାହ ତଥା ପ୍ରେରଣା ଯୋଗାଇ ଦେଉଥାନ୍ତୁ। ଏ ଜାତି ମହାପ୍ରଭୁଙ୍କ ଆଶୀର୍ବାଦ ବିନା ନିଃସ୍ୱ। ସେ ଆମ ମୂରବୀ। ଆଜି ଯେତେବେଳେ ଆମେ ଆମ ସରକାରର ଶହେ ଦିନ ପୂରଣ କରୁଛୁ, ମହାପ୍ରଭୁଙ୍କୁ କୃତଜ୍ଞତାର ସହିତ ମନେ ପକାଉଛୁ । ତାଙ୍କ ଆଶୀର୍ବାଦ ହିଁ ଆମ କର୍ମ ପ୍ରବଣତାର କାରଣ। ସେ ହିଁ କର୍ତ୍ତା, ଆମେ କେବଳ ଦାୟିତ୍ୱ ନିର୍ବାହ କରୁଛୁ । ଆଜି ଶ୍ରୀକ୍ଷେତ୍ରରେ ଉପସ୍ଥିତ ହୋଇ ମୁଁ ନିଜକୁ କୃତାର୍ଥ ମନେ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।




- ୧୦୦ ଦିନ ମଧ୍ୟରେ ସମସ୍ତ ପ୍ରମୁଖ ପ୍ରତିଶ୍ରୁତି ପାଳନ କରିଛୁ
- ଆଗାମୀ ୧୨ ବର୍ଷର କାଳଖଣ୍ଡରେ ସମୃଦ୍ଧ ଓଡ଼ିଶା ଗଠନ ହେବ
- ପ୍ରଥମ ୫ ବର୍ଷରେ ଏହାର ମୂଳଦୁଆ ପଡିବ
- ସଂକଳ୍ପ ପତ୍ର ଆମ ପାଇଁ ଧର୍ମଗ୍ରନ୍ଥ

ଉତ୍କଳମଣି ଗୋପବନ୍ଧୁଙ୍କ ଏକ ପ୍ରସିଦ୍ଧ ପଂକ୍ତିକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଜା ଲାଗି ରାଜା, ପ୍ରଜା ହିତେ ରାଜନୀତି, ପ୍ରଜା ଇଚ୍ଛା ଅଭିମତ, ରାଜ୍ୟ ମୂଳ ଭିତ୍ତି। ସେ କହିଥିଲେ ଯେ ଗଣତନ୍ତ୍ରରେ ସରକାର ପ୍ରଜାଙ୍କର ଓ ପ୍ରଜାଙ୍କ ପାଇଁ ଲୋକ ମତ, ଲୋକ ହିତ ଓ ଲୋକ ସ୍ୱାର୍ଥ ହିଁ ସର୍ବୋପରି। ଆମ ସରକାର ଲୋକଙ୍କ ସମର୍ଥନରେ ଗଢା ହୋଇଥିବା ଲୋକଙ୍କ ସରକାର। ଦୀର୍ଘ ଚବିଶ ବର୍ଷର ଅହଙ୍କାରୀ ଓ ଲୋକ ବିରୋଧୀ ସରକାରର ପତନ ଘଟିଛି। କେବଳ ଲୋକଙ୍କ ପାଇଁ ଲୋକଙ୍କ ଠାରୁ ଦୂରେଇ ଗଲେ, ଲୋକ ବିରୋଧୀ ହେଲେ, ଲୋକଙ୍କ ସମସ୍ୟାକୁ ଅବହେଳା କଲେ ଲୋକେ ଗ୍ରହଣ କରିବେ ନାହିଁ ବୋଲି ପ୍ରମାଣିତ ହୋଇଛି।

୨୦୨୪ ନିର୍ବାଚନରେ ପୂର୍ବ ସରକାର ନିଜ ସ୍ୱାର୍ଥ ପୂରଣ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କୁ ମଧ୍ୟ ଭୋଟ ରାଜନୀତି ପାଇଁ ବ୍ୟବହାର କରିଥିଲେ। ଏହାଠାରୁ ନୀଚ କାର୍ଯ୍ୟ ଆଉ କଣ ହୋଇପାରେ ବୋଲି ସେ ମତ ଦେଇଥିଲେ।

ନିର୍ବାଚନର ସଂକଳ୍ପ କଥା ଉଲ୍ଲେଖ କରି ସେ କହିଲେ ଯେ, ନିର୍ବାଚନ ସମୟରେ ଆମେ ଲୋକଙ୍କୁ କିଛି ପ୍ରତିଶ୍ରୁତି ଦେଇଥିଲୁ ଓ ଆମର ସଂକଳ୍ପକୁ ଘୋଷଣା କରିଥିଲୁ । ଏହା ଲୋକଙ୍କ ପ୍ରତି ଆମ ଦାୟିତ୍ୱବୋଧର ପ୍ରତିଫଳନ ଥିଲା। ଆମ ଦଳର ନେତୃବୃନ୍ଦ ଲୋକଙ୍କ ମତକୁ ଗୁରୁତ୍ୱ ଦେଇ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସଂକଳ୍ପ ପତ୍ର ତିଆରି କରିଥିଲେ। ଆମ ପାଇଁ ଆମ ସଂକଳ୍ପ ପତ୍ର ଆମ ଧର୍ମଗ୍ରନ୍ଥ ବୋଲି ସେ କହିଥିଲେ।

ସେ ପୁଣି କହିଥିଲେ ଯେ, ଆଜି ଆମ ସରକାର କ୍ଷମତାକୁ ଆସିବା ପରେ ୧୦୦ ଦିନ ପୂରଣ କରୁଛି । ଖୁସିର କଥା ଯେ ଆମେ ଲୋକଙ୍କ ସରକାର ହିସାବରେ ନିଜକୁ ପ୍ରତିପାଦିତ କରିଛୁ । ଏ କଥା ଆମେ କହୁନାହୁଁ, ଆପଣ ମାନେ ଓ ଗଣମାଧ୍ୟମ ଏହା କହୁଛନ୍ତି । ବର୍ଷ ବର୍ଷ ଧରି ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣା ଯାଉ ନ ଥିଲା। ସରକାରୀ ଅଧିକାରୀ ମାନଙ୍କ ଦୟାରେ ଲୋକେ ରହିଥିଲେ । ଆମେ ଏଥିରେ ପରିବର୍ତ୍ତନ ଆଣିଛୁ । ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ ସିଧାସଳଖ ଭାବରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ପ୍ରତିବିଧାନର ପ୍ରୟାସ କରୁଛନ୍ତି । ଅଭିଯୋଗ ଶୁଣାଣୀ ଦ୍ୱାରା ଅନେକ ସମସ୍ୟା ସରକାରଙ୍କ ଦୃଷ୍ଟିକୁ ଆସିଥାଏ ଓ ସେସବୁର ପ୍ରତିକାର ସମ୍ଭବ ହୋଇଥାଏ। ଆମେ ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଜନ ଶୁଣାଣି କରୁଛୁ। ଭବିଷ୍ୟତରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଶୁଣାଣି କରିବା ପାଇଁ ଆମେ ପ୍ରତିଶ୍ରୁତି ବଦ୍ଧ ବୋଲି ସେ କହିଥିଲେ।

ସରକାରଙ୍କ ବିଶ୍ୱସନୀୟତା ନିର୍ଭର କରିଥାଏ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ। ମିଛ ପ୍ରଚାର ଓ ମିଛ ପରିସଂଖ୍ୟାନ ଲୋକ ସମସ୍ୟାର ସମାଧାନ ନୁହେଁ । ଆମ ସରକାର କୌଣସି ଘରୋଇ ସଂସ୍ଥାର ପ୍ରମାଣପତ୍ର ଲୋଡେନାହିଁ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଥିଲେ।

ସେ କହିଲେ ଆମେ କିଭଳି କାମ କରୁଛୁ, ସେକଥା ଲୋକେ କହିବେ ଓ ଲୋକେ ବିଚାର (ପୃଷ୍ଠା ୭ରେ)

## ପାକିସ୍ତାନ ଉପରେ ବର୍ଷିଲେ ମୋଦି

# ଜମ୍ମୁ-କଶ୍ମୀରରେ ପାକ୍ ଏଜେଣ୍ଡା ଲାଗୁ ହେବାକୁ ଦେବୁ ନାହିଁ



**ନୂଆଦିଲ୍ଲୀ, ୧୯।୯**

ଜମ୍ମୁ-କଶ୍ମୀରରେ ଏକ ନିର୍ବାଚନ ରାଲିକୁ ସମ୍ବୋଧିତ କରିବାବେଳେ ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସ, ନ୍ୟାସନାଲ କନଫରେନ୍ସ ଏବଂ ପିଡିପି ଉପରେ ଖୁବ ବର୍ଷିଛନ୍ତି । ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଧାରା ୩୭୦ଉପରେ ଦେଇଥିବା ବିବୃତ୍ତିରେ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, କଂଗ୍ରେସ-ନ୍ୟାସନାଲ କନଫରେନ୍ସକୁ ନେଇ ଜମ୍ମୁ-କଶ୍ମୀରରେ ଉତ୍ସାହ ନ ଥାଇପାରେ, କିନ୍ତୁ ପଡୋଶୀ ଦେଶ (ପାକିସ୍ତାନ) ଏହାକୁ ନେଇ ବହୁତ ଉତ୍ସାହିତ ଅଛନ୍ତି । ପାକିସ୍ତାନରେ କଂଗ୍ରେସ-ନ୍ୟାସନାଲ କନଫରେନ୍ସ ମିଳିତ ମେଣ୍ଟ ବୃଦ୍ଧି ପାଇବାରେ ଲାଗିଛି। ତାଙ୍କର ଘୋଷଣାପତ୍ରକୁ ନେଇ ପାକିସ୍ତାନ ଖୁବ ଉତ୍ସାହିତ ଅଛି।

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୋଲାଖୋଲି ଭାବେ କଂଗ୍ରେସ-ନ୍ୟାସନାଲ କନଫରେନ୍ସକୁ ସମର୍ଥନ କରିଛନ୍ତି । ସେ କହିଛନ୍ତି ଯେ ଧାରା ୩୭୦ ଏବଂ ୩୫ଏ ସମ୍ବନ୍ଧରେ କଂଗ୍ରେସ ଏବଂ ନ୍ୟାସନାଲ କନଫରେନ୍ସର ଏଜେଣ୍ଡା ପାକିସ୍ତାନର ଏଜେଣ୍ଡା ସହିତ ସମାନ। ଅର୍ଥାତ କଂଗ୍ରେସ ନ୍ୟାସନାଲ କନଫରେନ୍ସର ପୋଲ ପାକିସ୍ତାନ ନିଜେ ଖୋଲି ଦେଇଛି।

ଏହାପୂର୍ବରୁ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଧାରା ୩୭୦ରଦ୍ଦ କରିବାକୁ ଓକିଲାତି କରି କହିଥିଲେ ଯେ ଜମ୍ମୁ କଶ୍ମୀରରେ ଧାରା ୩୭୦ଏବଂ ୩୫ଏ ପୁନରୁଦ୍ଧାର ପାଇଁ ପାକିସ୍ତାନ ଏବଂ ନ୍ୟାସନାଲ କନଫରେନ୍ସ-କଂଗ୍ରେସ ମେଣ୍ଟ ମିଳିତ ହୋଇଛି ।

ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସ-ନ୍ୟାସନାଲ କନଫରେନ୍ସ ଉପରେ ଆକ୍ରମଣ କରିଛନ୍ତି । ଜମ୍ମୁ-କଶ୍ମୀରରେ ପାକିସ୍ତାନର ଏଜେଣ୍ଡା କାର୍ଯ୍ୟକାରୀ କରିବାକୁ ଆମେ ଅନୁମତି ଦେବୁ ନାହିଁ । ଜମ୍ମୁ-କଶ୍ମୀରରେ ବିଶ୍ୱର କୌଣସି ଶକ୍ତି ଧାରା ୩୭୦ ଫେରାଇ ଆଣି ପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ ଆରମ୍ଭ

**ଭୁବନେଶ୍ୱର, ୧୯।୯**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୩ ତାରିଖ ସୋମବାର ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ ଶୁଣାଣି କରିବେ । ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଅଭିଯୋଗ ଦେବାକୁ ଥିବା ଜନସାଧାରଣଙ୍କ ପାଇଁ ଗୁରୁବାରଠାରୁ ଜନ ଶୁଣାଣି ପୋର୍ଟାଲ ଏବଂ ମୋବାଇଲ ଆପ୍ଲିକେସନ ମାଧ୍ୟମରେ ପଞ୍ଜୀକରଣ ଆରମ୍ଭ ହୋଇଛି । ପଞ୍ଜୀକୃତ ସର୍ବାଧିକ ୧ହଜାର ଦରଖାସ୍ତକାରୀ ସେହିଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ନିଜ ନିଜର ଅଭିଯୋଗ ଜଣାଇପାରିବେ। ଭୁବନେଶ୍ୱର ୟୁନିଟ - ୫ରେ ଥିବା ସରକାରୀ ବାସଗୃହଠାରେ ଦିନ ୧୧ଟାରୁ ଜନ ଶୁଣାଣି ଆରମ୍ଭ ହେଉଛି। ଆବେଦନକାରୀ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଏବଂ ପରିଚୟପତ୍ର ଧରି ସେଠାରେ ଉପସ୍ଥିତ ରହିବାକୁ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ୩୯,୨୭୧ କୋଟି ନିବେଶରେ ୧୨ ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ପ୍ରସ୍ତାବକୁ ମଞ୍ଜୁରୀ

**ଭୁବନେଶ୍ୱର, ୧୯।୯**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହାଇଲେବୁଲ୍ କ୍ଲିୟରାନ୍ସ ଅଥରିଟି (ଏଚ୍‌ଏଲ୍‌ସିଏ)ର ୩୬ତମ ବୈଠକରେ ୩୯,୨୭୧.୫୦ କୋଟି ଟଙ୍କାର ପୁଞ୍ଜି ନିବେଶରେ ୧୨ଟି ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୧୭,୦୯୮ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଇଏସ୍‌ଡିଏମ୍, ଇସ୍ପାତ, ଧାତବ ଆନୁସଙ୍ଗିକ, ରସାୟନ, ସିମେଣ୍ଟ, ଗ୍ରୀନ ଆମୋନିଆ, ରବର/ପ୍ଲାଷ୍ଟିକ କ୍ଷେତ୍ରର ପ୍ରକଳ୍ପ ପ୍ରତିଷ୍ଠା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ୮ଟି ଜିଲ୍ଲାରେ ସ୍ଥାପନ କରାଯିବ। ମଞ୍ଜୁରୀ ମିଳିଥିବା ପ୍ରକଳ୍ପ ମଧ୍ୟରେ ରହିଛି ଟରେଣ୍ଟ ଗ୍ରୀନ ହାଇଡ୍ରୋଜେନ ପ୍ରାଇଭେଟ୍ ଲିମିଟେଡ୍‌ର ୧୦,୨୬୦ କୋଟି ଟଙ୍କାର ପ୍ରକଳ୍ପ। ଏହି କମ୍ପାନୀ ଗଞ୍ଜାମରେ ଏକ ୪,୩୦,୦୦୦ ମିଲିୟନ୍ ଟନ୍ କ୍ଷମତା ବିଶିଷ୍ଟ ଗ୍ରୀନ ଆମୋନିଆ କାରଖାନା ସ୍ଥାପନ କରିବ। ଜିନ୍ଦଲ (ଇଣ୍ଡିଆ) ଲିମିଟେଡ୍ ଢେଙ୍କାନାଳରେ ୫୬୯୧ କୋଟି ଟଙ୍କା ନିବେଶ କରିବାର ଥିବା ବେଳେ ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡ୍ ସମ୍ବଲପୁରରେ ୩୫୦୦ କୋଟି ଟଙ୍କା ନିବେଶ କରି ଏକ ଇସ୍ପାତ ଆନୁସଙ୍ଗିକ କମ୍ପ୍ଲେକ୍ସ ସ୍ଥାପନ କରିବ। (ପୃଷ୍ଠା ୭ରେ)



### ଏଚ୍‌ଏଲ୍‌ସିଏ ବୈଠକ

# ଭଦ୍ରକ ଗୁଡୁପୋଖରୀ ବଜାରରେ ଗୋଷ୍ଠୀ ସଂଘର୍ଷ

## ୧୬୩ ଧାରା ଲାଗୁ, ୨୧ ତାରିଖ ରାତି ଯାଏଁ ବଳବତ୍ତର

**ଭଦ୍ରକ, ୧୯।୯ : ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଗୁଡୁପୋଖରୀ ବଜାରରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୪ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି । ଗୋଷ୍ଠୀ ସଂଘର୍ଷ ଘଟଣା ପରେ ପରିସ୍ଥିତିକୁ ନଜରରେ ରଖି ଘଟଣାସ୍ଥଳରେ ଭାରତୀୟ ନ୍ୟାୟ ସଂହିତାର ୧୬୩ ଧାରା ଲାଗୁ କରାଯାଇଛି । (ପୃଷ୍ଠା ୭ରେ)



# ଇପିଏଫ୍‌ରୁ ଏକାଥରକେ ଉଠାଇହେବ ୧ ଲକ୍ଷ ଟଙ୍କା

**ନୂଆଦିଲ୍ଲୀ, ୧୯।୯**

ଏଣିକି ଅବସରକାଳୀନ ପାଣ୍ଠି ପରିଚାଳକ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ)ରୁ ଏକାଥରକେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ଉଠାଇହେବ। ଏହାଫଳରେ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଇପିଏଫ୍‌ଓର ସଦସ୍ୟମାନେ ବ୍ୟକ୍ତିଗତ ଆର୍ଥିକ ଆବଶ୍ୟକତା ସମୟରେ ଥରକରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ଉଠାଇପାରିବେ। ଏ ସମ୍ପର୍କରେ କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ ସୂଚନା ଦେଇଛନ୍ତି। ଯେଉଁ କର୍ମଚାରୀମାନେ ନୂତନ ଏବଂ ଚାକିରିରେ ୬ ମାସ ପୂରଣ କରିନାହାଁନ୍ତି ସେମାନେ ମଧ୍ୟ ଏହି ବ୍ୟବସ୍ଥାରେ ଟଙ୍କା ଉଠାଇବାକୁ ଯୋଗ୍ୟ ବିବେଚିତ ହେବେ, ଯାହା ପୂର୍ବରୁ ଅନୁମତି ଥିଲା। ଅପରପକ୍ଷେ ଭବିଷ୍ୟନିଧି ପାଣ୍ଠିକୁ ଯୋଗଦାନ କ୍ଷେତ୍ରରେ ବେତନଭୋଗୀ (ପୃଷ୍ଠା ୭ରେ)

# ଓଡ଼ିଶା ପୁଲିସକୁ ରିପୋର୍ଟ ମାଗିଲା ଏନ୍‌ସିଡବ୍ଲ୍ୟୁ

**ଭୁବନେଶ୍ୱର, ୧୯।୯**
**ନ୍ୟୁଜ୍ ବ୍ୟୁରୋ**

ମେଜର-ପୋଲିସ ବିବାଦ ଘଟଣା ସାମ୍ନାକୁ ଆସିଲା । ସାମ୍ନାକୁ ଆସିଲା ମେଜରଙ୍କ ବାନ୍ଧବୀଙ୍କ ଭିଡିଓ। ଦେହରେ ଅନେକ କ୍ଷତ ଚିହ୍ନ ଥିବା ସ୍ପଷ୍ଟ ହାତ ମଧ୍ୟ ଜଖମ ହୋଇଥିବା ଦେଖାଯାଇଛି । ଏହି ଘଟଣାରେ ଓଡିଶା ପୁଲିସକୁ ରିପୋର୍ଟ ତଲବ କରିଛନ୍ତି ଏନ୍‌ସିଡବ୍ଲ୍ୟୁ।

ଗତ ଶନିବାର ବିଳମ୍ବିତ ରାତିରେ ଭରତପୁର ଥାନାକୁ ଅଭିଯୋଗ ପାଇଁ ଯାଇଥିବା ମେଜର ଗୁରୁବନ୍ତ ସିଂ ଓ ତାଙ୍କ ବାନ୍ଧବୀଙ୍କୁ ପୁଲିସ ଥାନାରେ ଅକଥନୀୟ ନିର୍ଯାତନା ଦେଇଥିଲା। ମେଜର ଗୁରୁବନ୍ତଙ୍କୁ ରାତିତମାମ ପୁଲିସ ହାଜତରେ ରଖି ପିଟିଥିଲା । ଏହାସହ ତାଙ୍କ ବାନ୍ଧବୀଙ୍କୁ ଅର୍ଦ୍ଧନଗ୍ନ କରି ମାଡ ମାରିବା ସହ ଲହୁଲୁହାଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଭରତପୁର ଥାନାର ତତ୍କାଳୀନ ଆଇଆଇସି ମେଜରଙ୍କ ବାନ୍ଧବୀଙ୍କୁ ଦୁଷ୍କର୍ମ କରିବା ପାଇଁ ଧମକ ଦେଇଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଥିଲା। ବୁଧବାର ଭରତପୁର ଥାନାଧିକାରୀ ଦୀନକୃଷ୍ଣ ମିଶ୍ର, ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ସଲିଳମୟୀ ସାହୁ ଓ କନେଷ୍ଟବଳ ବଳରାମ (ପୃଷ୍ଠା ୭ରେ)

National Commission for Women
ODISHA POLICE

## ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ
## ୨୨ରୁ ପୁଣି ବଢ଼ିବ ବର୍ଷା

**ଭୁବନେଶ୍ୱର, ୧୯।୯**
**ନ୍ୟୁଜ୍ ବ୍ୟୁରୋ**

ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ । ୨୨ ତାରିଖରୁ ପୁଣି ବଢିବ ବର୍ଷା । ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଘଡଘଡି ବିଜୁଳି ସହ ପ୍ରବଳ ବର୍ଷିବ। ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ରହିବ ଲଘୁଚାପର ପ୍ରଭାବ। ୭୦ ରୁ ୧୧୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ହେବାନେଇ ଆକଳନ କରାଯାଇଛି। ବର୍ତ୍ତମାନ ରାଜ୍ୟରେ ମୌସୁମୀ (ପୃଷ୍ଠା ୭ରେ)

## ଏକାଳ ସକାଳ



ସତର୍କ ସଜାଗ ସର୍ବଦା ରହିଲେ
ହେବନାହିଁ କିଛି ରୋଗ
ସଚେତନ ସର୍କାର କରାନ୍ତି
ମଙ୍କିପକ୍ସର ଦେଖିକି ରାଗ
ସ୍ୱଚ୍ଛତାକୁ ନକରି ତ୍ୟାଗ
ନିର୍ମଳ ଭିତର ବାହାରେ ରଖିବା
ହେଇଯିବ ସବୁ ବାଗ।

# ଶୁକ୍ର ପ୍ରଦକ୍ଷିଣ ଯାନ ପଠାଇବ ଭାରତ : ଖର୍ଚ୍ଚ ହେବ ୧୨୩୬ କୋଟି



**ନୂଆଦିଲ୍ଲୀ, ୧୯।୯**

ଭାରତର ମହାକାଶ ଅନ୍ୱେଷଣ ଅଭିଯାନକୁ ଆଉ ଏକ ଲମ୍ଫଡିଆଁ ଦେଇ ଭାରତ ସରକାର ପୃଥିବୀର ନିକଟତର ଗ୍ରହ ଶୁକ୍ର ପ୍ରଦକ୍ଷିଣ ଅଭିଯାନ ବା ଭେନସ୍ ଅର୍ବିଟର୍ ମିଶନ (ଭୋମ)କୁ ମଂଜୁରୀ ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟରେ ଏ ସଂକ୍ରାନ୍ତ ପ୍ରସ୍ତାବ ଅନୁମୋଦନ ଲାଭ କରିଛି।

ଏହି ଅଭିଯାନରେ ଭାରତର ଏକ ବୈଜ୍ଞାନିକ ଯାନ ପୃଥିବୀର ପଡ଼ୋଶୀ ଶୁକ୍ର ଗ୍ରହ ଚାରିପଟେ ପ୍ରଦକ୍ଷିଣ କରିବ। ଏହି ଯାନ ଶୁକ୍ର ଗ୍ରହର ପୃଷ୍ଠ, ପୃଷ୍ଠତଳ, ବାୟୁମଣ୍ଡଳ, ଏହା ଉପରେ ସୂର୍ଯ୍ୟଙ୍କ ପ୍ରଭାବ ଆଦି ସଂପର୍କରେ ଅନୁସନ୍ଧାନ କରିବ।

ଭାରତର ମହାକାଶ ମନ୍ତ୍ରଣାଳୟ ତରଫରୁ ଏହି ଅଭିଯାନ ଆରମ୍ଭ ହେବ। ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ୨୦୨୮ ମାର୍ଚ୍ଚ ମାସରେ ଶୁକ୍ରଯାନ ମହାକାଶକୁ ଉତ୍କ୍ଷେପିତ ହେବ। ଏହି ଅଭିଯାନରେ ମୋଟ ୧୨୩୬ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରୁ ୮୨୪ କୋଟି ଟଙ୍କା ଶୁକ୍ର ପ୍ରଦକ୍ଷିଣ ପାଇଁ ଯାନ ତିଆରିରେ ଖର୍ଚ୍ଚ ହେବ। ଭାରତର ମହାକାଶ ଗବେଷଣା ସଂସ୍ଥା ବା ଇସ୍ରୋ ଏହି ଯାନ ତିଆରି ଓ ଉତକ୍ଷେପଣର ଦାୟିତ୍ୱ ନେବ।

ଏଯାବତ ଜଣାଥିବା ତଥ୍ୟ ଅନୁସାରେ ଏକଦା ଶୁକ୍ର (ପୃଷ୍ଠା ୭ରେ)




ସୌଜନ୍ୟ : ସୋସିଆଲ ମିଡିଆ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୦ ସେପ୍ଟେମ୍ବର, ଶୁକ୍ରବାର, ୨୦୨୪





# ଦୁର୍ଗମ ଅଞ୍ଚଳବାସୀଙ୍କ ସମସ୍ୟା ବୁଝିଲେ ଜିଲ୍ଲାପାଳ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**



କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କୋଟଗଡ ବ୍ଲକ ଅଞ୍ଚଳର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ଜିଲ୍ଲାପାଳ ଋତୁରାଜ ଆସି କୋଟଗଡ଼ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜିଲ୍ଲାପାଳ ବିଡିଓଙ୍କ କାର୍ଯ୍ୟାଳୟରେ ବିଡିଓ ଶୁଭକାନ୍ତ ନାୟକଙ୍କ ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଅପରାହ୍ନରେ ସୁବର୍ଣ୍ଣଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିବା ପରେ ଦୁର୍ଗମ ଜାକେଶୀ, ମାର୍ଲାଙ୍ଗା, ଓରା, ଜୁବାଗୁଡ଼ା , କଟାବାଡ଼ି ପର୍ଡମାହା ପର୍ଯ୍ୟନ୍ତ ଯାଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା ସହ ଲୋକଙ୍କ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ସେହି ସମୟରେ ଲୁଦୁ, ଦାରାବାଡ଼ି ପର୍ଯ୍ୟଟନ ସ୍ଥଳ ବୁଲି ଦେଖିଥିଲେ। ସନ୍ଧ୍ୟାରେ କୋଟଗଡ ବ୍ଲକକୁ ଫେରି ସମସ୍ତ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟଙ୍କ ସହ ଆଲୋଚନା କରିଥିଲେ। ସାଧାରଣ ଲୋକଙ୍କ ସମସ୍ୟା ବୁଝିଥିଲେ। ଜିଲ୍ଲାପାଳ ଋତୁରାଜ କୋଟଗଡ଼ ବନବିଭାଗ ବଙ୍ଗଳାରେ ରାତ୍ରିଯାପନ କରିଥିଲେ। ଦୀର୍ଘ ବର୍ଷ ପରେ କନ୍ଧମାଳ ବାସୀଙ୍କ ମନରେ ଖୁସି ଦେଖାଦେଇଛି। ତାଙ୍କ ଗୁହାରି ଶୁଣିବାକୁ ଜିଲ୍ଲାପାଳଙ୍କ ଦୁର୍ଗମ ଅଞ୍ଚଳରେ ପାଦ ପଡ଼ିବାକୁ ନେଇ ଚର୍ଚ୍ଚା ହେବାରେ ଲାଗିଛି। ସକାଳେ ବି ବିଭିନ୍ନ ବିଭାଗର କର୍ମଚାରୀମାନଙ୍କ ସହ ଆଲେଚନା କରିଛନ୍ତି। କାର୍ଯ୍ୟରେ ଯୋଗ ଦେବାର ମାତ୍ର କିଛି ଦିନ ଭିତରେ କନ୍ଧମାଳର ନୂତନ ଜିଲ୍ଲାପାଳ ଅମୃତ ଋତୁରାଜ ୫୦ରୁ ଅଧିକ ଗ୍ରାମକୁ ଗସ୍ତ କରି ସାରିଲେଣି। ଏ ଭିତରେ ରହିଛି ଅନେକ ଦୁର୍ଗମ ଅଞ୍ଚଳ। ଶୁକ୍ରବାର କୋଟଗଡ଼ ବ୍ଲକର ଦୁର୍ଗମ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେଠାରେ ଲୋକଙ୍କ ମୌଳିକ ସୁବିଧା ଶିକ୍ଷା, ସ୍ୟାସ୍ଥ୍ୟ, ଗମନା ଗମନ କିଭଳି ଅଛି, ସେ ନେଇ ପଚାରି ବୁଝିଛନ୍ତି। ଅଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସିଆରପି, ଏମ୍‌ବିକେ, ମାଛ ଚାଷ, ଛେଳି ଚାଷ କରିବା ସହ ଫୁଲ ଚାଷ କରି କିଭଳି ସ୍ୱାବଲମ୍ବୀ ହୋଇପାରିବ ଏନେଇ ପରାମର୍ଶ ଦେଇଥିଲେ। ବିଶେଷ କରି କୋଟଗଡ଼ ବ୍ଲକରେ ସୋରିଷ ଫୁଲ, ସୂର୍ଯ୍ୟମୁଖୀ ଫୁଲ ଚାଷ କରିବା ପାଇଁ ଉର୍ବର ମାଟି ରହିଛି । ତେଣୁ ଏହା କିଭଳି ଅଧିକରୁ ଅଧିକ ଚାଷ ହୋଇପାରିବ ସେ ନେଇ ଉଦ୍ୟାନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲୁଦୁ ଜଳପ୍ରପାତ ଓ ଡରବାଲି ଜଳପ୍ରପାତର ଉନ୍ନତି ନେଇ ମଧ୍ୟ ଆଲୋଚନା କରିଥିଲେ। ସରକାରୀ ଯୋଜନା କିପରି ଦୁର୍ଗମ ଅଞ୍ଚଳବାସୀଙ୍କ ନିକଟରେ ପହଞ୍ଚି ପାରିବ ଏନେଇ ଦୃଷ୍ଟି ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

# ଦଶଟି ଜିଲ୍ଲାରେ ବୁଲିବ କୋଶଳ ଅସ୍ମିତା ରଥ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ପଶ୍ଚିମ ଓଡ଼ିଶାର ଅସ୍ମିତା ବର୍ତ୍ତମାନ ଘୋର ସଂକଟରେ ପଡ଼ିଛି। ଏହାର ଭାଷା ସଂସ୍କୃତି ତଥା ଅସ୍ମିତାର ସୁରକ୍ଷା ଓ ସମୃଦ୍ଧି ସକାଶେ ସାଧାରଣ ଜନତାକୁ ସଚେତନ କରିବା ନିମନ୍ତେ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ବୌଦ୍ଧ, ସୁବର୍ଣ୍ଣପୁର ଆଦି ଦଶଟି ଜିଲ୍ଲାରେ କୋଶଳ ଅସ୍ମିତା ରଥ ବୁଲିବା ସହ ପ୍ରତି ଜିଲ୍ଲା ସଦର ମହକୁମାରେ ସାଧାରଣ ଜନତା, ଯୁବଶକ୍ତି, ମାତୃଶକ୍ତି, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ନେତୃମଣ୍ଡଳୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ସଭା ସମିତି ଅନୁଷ୍ଠାନ କରିବାକୁ କୋଶଳ ସାହିତ୍ୟ ସଂସ୍କୃତି ଏକାଡେମି ଓ କୋଶଳ ହେରିଟେଜ ଟ୍ରଷ୍ଟ ତରଫରୁ ନିଷ୍ପତ୍ତି ହୋଇଛି। ଏହି କୋଶଳ ଅସ୍ମିତା ରଥ ଚଳିତ ସେପଟେମ୍ବର ୧୭ ତାରିଖ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ କୋଶଳେଶ୍ୱରୀ ମନ୍ଦିରରୁ ବାହାରି ୨୩ ତାରିଖ ସୁବର୍ଣ୍ଣପୁର ଜିଲ୍ଲାର ବୈଦ୍ୟନାଥ କୋଶଳେଶ୍ୱର ମନ୍ଦିରରେ ଯାତ୍ରା ଶେଷ ହେବ। ଏହି ଯାତ୍ରା ସମୟରେ ରାସ୍ତାରେ ପଡୁଥିବା ବିଭିନ୍ନ ସହର ଓ ଗ୍ରାମରେ ପଥପ୍ରାନ୍ତ ସଭା ହେବ। ଏହି କାର୍ଯ୍ୟକ୍ରମରେ ଏକାଡେମୀର ସଭାପତି ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦଗାତା, ଉପସଭାପତି ପଦ୍ମଶ୍ରୀ ହଲଧର ନାଗ, ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି । ଉପରୋକ୍ତ କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ଜନସାଧାରଣ ଯୋଗଦାନ କରିବାକୁ ଏକାଡେମୀର ସାଧାରଣ ସଂପାଦକ ଗୋରେଖନାଥ ସାହୁ ଓ ଯୁଗ୍ମ ସଂପାଦକ ସାକେତ ଶ୍ରୀଭୂଷଣ ସାହୁ ଅନୁରୋଧ କରିଛନ୍ତି ।



# ଶ୍ରୀ ଶ୍ରୀ ଯୋଗେଶ୍ୱର ମନ୍ଦିରରୁ ଚୋରି

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

୧୩ ତାରିଖ ମଧରାତ୍ରିରେ ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ଛନଛାନ ଡୁଙ୍ଗୁରି ଠାରେ ଥିବା ଶ୍ରୀ ଶ୍ରୀ ଯୋଗେଶ୍ୱର ମନ୍ଦିରରୁ ତାଲା ଭାଙ୍ଗି କେତେଜଣ ଦୁର୍ବୃତ୍ତ ପ୍ରାୟ ୩୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ସହିତ ଆସବାବପତ୍ର ଆଦି ନେଇ ଯାଇଛନ୍ତି। ଆସବାବପତ୍ର ମଧ୍ୟରେ ଅଧିକାଂଶ ଇଲେକଟ୍ରିକ ସାମଗ୍ରୀ, ସାଉଣ୍ଡ ବକ୍ସ ଚୋରି ହୋଇଥିବା ଦେଖାଯାଇଛି। ଏହାର ବିହିତ ତଦନ୍ତ କରି ପ୍ରତିକାର ବ୍ୟବସ୍ଥା କରିବାକୁ ପୁଲିସ ତଥା ପ୍ରଶାସନିକ କର୍ତ୍ତୃପକ୍ଷଙ୍କୁ ମନ୍ଦିର କମିଟି ତରଫରୁ ଅନୁରୋଧ କରାଯାଇଛି ।

# କେନ୍ଦୁଝରଗଡ଼-ଖୋର୍ଦ୍ଧରୋଡ଼ ମେମୁ ଏକ୍ସପ୍ରେସ୍‌ରେ ପ୍ରବଳ ଭିଡ଼ : ଅଧିକ କୋଚ୍ ଲଗାଇବାକୁ ଦାବି

**ନରଶପୁର, ନ୍ୟୁଜ୍‌ବ୍ୟୁରୋ**



ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଥିବା ବେଳେ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀର ବିଧାୟକ ଏବେ ରାଜ୍ୟର ମୁଖ୍ୟମନ୍ତ୍ରୀ ହେଲେ କେନ୍ଦୁଝର ଜିଲ୍ଲାକୁ ଚାଲୁଥିବା କେନ୍ଦୁଝରଗଡ଼ ଖୋର୍ଦ୍ଧାରୋଡ଼ ମେମୁ ସ୍ପେଶାଲ ଟ୍ରେନ୍‌ରେ ଯାତ୍ରୀ ଅସନ୍ତୋଷ ବୃଦ୍ଧି ପାଇବାର ଦେଖାଯାଉଛି। ନିର୍ଦ୍ଧାରିତ ସିଟ୍‌ଠାରୁ ଦୁଇଗୁଣରୁ ଅଧିକ ସଂଖ୍ୟକ ଯାତ୍ରୀ ଏହି ଟ୍ରେନ୍ ଉପରେ ପ୍ରତିଦିନ ନିର୍ଭର କରୁଛନ୍ତି। କେନ୍ଦୁଝରରୁ ପୂର୍ବତଟ ରେଳବାଇ କୋଟି କୋଟି ଟଙ୍କା ରାଜସ୍ୱ ପରିବହନ ମାଧ୍ୟମରେ ଆୟ କରୁଥିବାବେଳେ କେନ୍ଦୁଝର ଜିଲ୍ଲା ପ୍ରତି କ୍ରମାଗତ ଅବହେଳା କରି ଚାଲିଛି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏଠି କହିବ କାହାକୁ ଶୁଣୁଛି ବା କିଏ ? ଏହି କଥା ଏବେ ପ୍ରତ୍ୟେକ କେନ୍ଦୁଝର ବାସୀଙ୍କ ମନରେ ଦୀର୍ଘଦିନ ହେବ ଏହାର ନିଦର୍ଶନ କେନ୍ଦୁଝରଗଡ଼ ଖୋର୍ଦ୍ଧରୋଡ଼ ଟ୍ରେନ୍‌ରେ ଦେଖିବାକୁ ମିଳୁଛି। କୋଟି କୋଟି ଟଙ୍କାର ରାଜସ୍ୱ ଆୟ ହେବ କେନ୍ଦୁଝରବାସୀଙ୍କ ଖଣିଜ ସମ୍ପତ୍ତି ପରିବହନରୁ ଆଉ କେନ୍ଦୁଝର ବାସୀ ସମସ୍ତ ଅବହେଳାର ଶିକାର ହେବେ। ଏହାହିଁ ପୂର୍ବତଟ ରେଳବାଇର ନୀତି। ଖୋର୍ଦ୍ଧାରୋଡ୍‌ରୁ କେନ୍ଦୁଝର ଗଡ଼କୁ ଆସୁଥିବା ମେମୁ ଏକ୍ସପ୍ରେସ୍ ଟ୍ରେନରେ ପ୍ରବଳ ଗହଳି ଦେଖିବାକୁ ମିଳୁଛି। ଏହି ଟ୍ରେନରେ ସର୍ବମୋଟ ଆଠଟି କୋଚ୍ ଲାଗିଥିବା ବେଳେ ଅତ୍ୟଧିକ ଯାତ୍ରୀ ଗହଳି ପରିଲକ୍ଷିତ ହେଉଛି। ଏବେ ପ୍ରତ୍ୟେକ କୋଚ୍‌ରେ ରେଳ ଯାତ୍ରୀ ଠିଆହୋଇ ଭୁବନେଶ୍ୱରରୁ କେନ୍ଦୁଝର ପର୍ଯ୍ୟନ୍ତ ଆସିଥିବା ଦେଖିବାକୁ ମିଳିଛି। ଯାତ୍ରୀ ଭିଡ଼ ଏପରି ଯେ ଲୋକେ ସ୍ଥାନ ନ ପାଇ ତଳେ ବସି ଆସିବାକୁ ବାଧ ହୋଇଛନ୍ତି। କଟକ ବଡ଼ ମେଡ଼ିକାଲରୁ ତଥା ଅନେକ ସ୍ଥାନରୁ ଆସିଥିବା ରୋଗୀ ତଳେ ଶୋଇ ଆସୁଥିବା ମଧ୍ୟ ଲକ୍ଷ୍ୟ କରାଯାଇଥିଲା। ରେଳ ବିଭାଗ ଏ ଦିଗରେ ଧ୍ୟାନ ଦେଇ ଏହି କେନ୍ଦୁଝରଗଡ଼ ଖୋର୍ଦ୍ଧରୋଡ଼ ମେମୁ ଏକ୍ସପ୍ରେସ୍ ଟ୍ରେନ୍‌ରେ ଅଧିକ ସଂଖ୍ୟକ କୋଚ୍ ଯୋଡ଼ିବା ପାଇଁ ଦାବି ଜୋର ଧରିଛି। ପୂର୍ବତଟ ରେଳ ବିଭାଗ ଏ ଦିଗରେ ଧ୍ୟାନ ନଦେଲେ ଆଗାମୀ ଦିନରେ ଯାତ୍ରୀଙ୍କ ଆକ୍ରୋଶର ଯେ ଶିକାର ନହେବ ଏକଥା କିଏ କହିବ।

# ଶିକ୍ଷା ଦେବା ଆଳରେ ନିରୀହ ଜନତାଙ୍କୁ କରାଯାଉଛି ଧର୍ମାନ୍ତରୀକରଣ



**ବାଲିଗୁଡା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ତୁମୁଡ଼ିବନ୍ଧ ବ୍ଲକ ବେଲଘର ଥାନା ଅଞ୍ଚଳରେ କିଛି ବର୍ଷ ହେବ ଜଣେ ବ୍ୟକ୍ତି ଶିକ୍ଷା ଦେବା ନା ରେ ଆସି ରହିବା ପରେ ଅନୁସୂଚିତ ଆଦୀମ ଜନଜାତି, ଜନଜାତି ଓ ଜାତି ବର୍ଗର ଲୋକଙ୍କୁ ଧର୍ମାନ୍ତରୀକରଣ କରୁଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ନେଇ ଉଷାବାଲି ଗ୍ରାମର ଶତାଧିକ ଯୁବକ ବେଲଘର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ହେଲା ମଣିପୁର ରାଜ୍ୟର ଜଣେ ବ୍ୟକ୍ତି ଦୀର୍ଘ ୧୦ବର୍ଷ ହେବ ଏହି ଅଞ୍ଚଳକୁ ଆସି ଅଶିକ୍ଷିତ ଅନୁସୂଚିତ ଆଦିମ ଜନଜାତି, ଜନଜାତି ଓ ଜାତି ବର୍ଗର ଲୋକଙ୍କୁ ଶିକ୍ଷା ପ୍ରଦାନ କରିବା ନେଇ ଲୋକଙ୍କୁ ବୁଝାଇ ତରଲଙ୍ଗି ଠାରେ ରହିବା ଆରମ୍ଭ କରିଥିଲା। ଏହା ପରେ ଶିକ୍ଷା ଦେବା ନାମରେ ବିଭିନ୍ନ ଗ୍ରାମକୁ ଯାଇ ସରଳତା ଓ ନିରକ୍ଷରର ସୁଯୋଗ ନେଇ ଧର୍ମ ପରିବର୍ତ୍ତନ କରିଥିବାର ଅଭିଯୋଗ ହୋଇଛି। ବର୍ତ୍ତମାନ ଉଷାବାଲି ଗ୍ରାମରେ ଯାଇ କିଛି ପରିବାରକୁ ବିଭିନ୍ନ ପ୍ରଲୋଭନ ଦେଖାଇବା ସହ ଧମକ ଦେଖାଇ ଧର୍ମାନ୍ତରୀକରଣ ହେବାକୁ ବାଧ କରୁଥିବା ନେଇ ଅଭିଯୋଗ ହେବା ପରେ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି। ଏଣୁ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଉକ୍ତ ଅଞ୍ଚଳ ଛାଡ଼ି ତାଙ୍କ ନିଜ ଅଞ୍ଚଳ ମଣିପୁର ଚାଲିଯିବା ପାଇଁ କହିଛନ୍ତି। ବାଲେଶ୍ୱର ମାଝି, ପିତାମ୍ବର ମାଝି ଗୋବିନ୍ଦ ମାଝୀ, ସୁଜିତ ମାଝି, ସୁଶୀଳ ମାଝି ପ୍ରମୁଖ ବେଲଘର ଥାନାରେ ପହଞ୍ଚି ଏକ ଲିତ ଅଭିଯୋଗ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ବେଲଘର ଥାନା ଅଧିକାରୀ ସୌମ୍ୟରଞ୍ଜନ ପତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଗ୍ରାମବାସୀ ଏକ ଲିତ ପତ୍ର ପ୍ରଦାନ କରିଛନ୍ତି, ତାହାର ତଦନ୍ତ କରାଯିବା ସହ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# କଳିଙ୍ଗ ଷ୍ଟୁଡ଼ିଓ-ସମ୍ ହସ୍ପିଟାଲ ଛକ ରାସ୍ତା ଶୋଚନୀୟ ଯାତାୟାତ ପାଇଁ ଲୋକେ ଜୀବନକୁ ବାଜି ଲଗାଉଛନ୍ତି

**ଖଣ୍ଡଗିରି, ନ୍ୟୁଜ୍‌ବ୍ୟୁରୋ**

କଳିଙ୍ଗ ଷ୍ଟୁଡିଓ ଛକରୁ ସମ ଡାକ୍ତରଖାନା ଗୋଲେଇ ଛକ ଗୋଟିଏ କିଲୋମିଟରର ରାସ୍ତା, ହେଲେ ରାସ୍ତାର ଅବସ୍ଥା ଏମିତି ଯେ ଏହାକୁ ପାର୍ କରିବାକୁ ଜୀବନକୁ ବାଜି ଲଗାଇବା ଭଳି। ଅସରାଏ ବର୍ଷା ହୋଇଗଲେ ରାସ୍ତା ଓ ଖାଲ ପାଣିରେ ଏକାକାର ହୋଇଯାଉଛି। ଗାତରେ ପଡ଼ି ଦୁର୍ଘଟଣା ହେବା ନିତିଦିନିଆ ଘଟଣା ହୋଇଯାଇଛି। ଟ୍ରାଫିକ ସମସ୍ୟା ମଧ୍ୟ ଉତ୍କଟ ରୂପ ଧାରଣ କରିଛି। ଶ୍ୟାମପୁର ଗାଁ ଓ ଏହା ଆଖପାଖ ଅଞ୍ଚଳ ୨୨ ନମ୍ବର ୱାର୍ଡରେ ମିଶିବା ପରେ ସେଠାକାର ଲୋକ ଭାବିଥିଲେ ଏଣିକି ସବୁ ସମସ୍ୟାର ସମାଧାନ ହେବ। ସହରବାସୀଙ୍କୁ ଯେଉଁ ସୁବିଧା ମିଳୁଛି, ତାହା ଉପଲବ୍ଧ ହେବ। ଇତିମଧ୍ୟରେ ସେ ଗାଁ ଆଡ଼କୁ ସହର ମାଡ଼ିଯାଇ ନିଜ ଭିତରେ ସାମିଲ କରି ବସିଲାଣି। ଆଖପାଖରେ ବଡ଼ ବଡ଼ ଡାକ୍ତରଖାନା ଓ ଶିକ୍ଷାନୁଷ୍ଠାନ ମଧ୍ୟ ଗଢ଼ି ଉଠିଛି। ଯୋଗକୁ ଅଞ୍ଚଳର କର୍ପୋରେଟର୍ ଏବେ ଭୁବନେଶ୍ୱର ମହାନଗର ନିଗମର ଡେପୁଟି ମେୟର ମାତ୍ର ସମସ୍ୟାର ସମାଧାନ ହେଲାନାହିଁ ବରଂ ସମସ୍ୟା ଦିନକୁ ଦିନ ବଢ଼ି ଚାଲିଛି। କଳିଙ୍ଗ ଷ୍ଟୁଡିଓ ଛକରୁ ସମ୍ ଡାକ୍ତରଖାନା ଗୋଲେଇ ଛକ ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାର ଉଭୟ ପାଖରେ ଡ୍ରେନ୍ କାମ ସରି ନଥିବାରୁ ପାଣି ନିଷ୍କାସନ ହୋଇ ପାରୁନାହିଁ। ଫଳରେ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ପାଣି ଜମୁଛି। ଯାତାୟାତ ଏକ ପ୍ରକାର ଠପ୍ ହେଇଯାଉଛି। ଦୀର୍ଘବର୍ଷ ହେଲା ଏହି ସମସ୍ୟା ଭୋଗୁଥିବାରୁ ଲୋକେ ୨ ବର୍ଷ ତଳେ ଆନ୍ଦୋଳନ କରି ରାଜରାସ୍ତାକୁ ଓହ୍ଲାଇଥିଲେ। ବହୁ ନେତା ଏହାକୁ ସମର୍ଥନ ମଧ୍ୟ କରିଥିଲେ। ଶେଷରେ ୯ କୋଟି ଟଙ୍କାର ଡ୍ରେନ୍ କାମ ହେବ ବୋଲି ବ୍ୟୟ ବରାଦ ହେଲା। କାମ ମଧ୍ୟ ଆରମ୍ଭ ହେଲା। ହେଲେ ୧୬ ମାସରେ ସରିବାକୁ ଥିବା କାମ ଏଯାଏଁ ସରିବା ନାଁ ନେଉନି। ଫଳରେ ଲୋକେ ତ ସାଂଘାତିକ ଭାବେ ହଇରାଣ ହେଉଛନ୍ତି, ତା' ସହିତ ଡ୍ରେନ୍‌ର ବଳକା ପାଣି ରାସ୍ତାରେ ପଡ଼ି ରାସ୍ତା ଖରାପ ହେଉଛି। ଏହି ରାସ୍ତା ଉପରେ ୨୩ ନମ୍ବର ୱାର୍ଡର ଲକେ ମଧ୍ୟ ନିର୍ଭର କରନ୍ତି। କେ-୮, କେ-୧, କେ-୨, କେ-୩, କେ-୭ର ସମସ୍ତ ବାସିନ୍ଦା ଏହାକୁ ନିତିଦିନ ବ୍ୟବହାର କରନ୍ତି।

# ଭରତପୁର ଅଞ୍ଚଳରେ ବିଗୁଡୁଛି ଆଇନଶୃଙ୍ଖଳା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କମିଶନରେଟ ପୁଲିସର ଭରତପୁର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। କେତେବେଳେ କଥା କଥାକେ ବନ୍ଧୁକ ମୁନରେ ଅପରାଧୀ ଆତଙ୍କ ଖେଳାଉଛନ୍ତି ତ କେତେବେଳେ ରାଇଗିରି ପାଇଁ ବଟି ଆଦାୟ କରି ନିଜର ସାମ୍ରାଜ୍ୟ ବିସ୍ତାର କରୁଛନ୍ତି। ବରମୁଣ୍ଡା ବସ୍ ରହଣିସ୍ଥଳରେ ଦମ୍ପତିଙ୍କୁ ଆକ୍ରମଣ କରି ଲୁଟ୍ ଅଭିଯୋଗ ଏହାର ଜ୍ୱଳନ୍ତ ଉଦାହରଣ। ସାଧାରଣ ଲୋକ ଏବେ ନିଜକୁ ନିରାପଦ ମଣୁନାହାନ୍ତି। ଗତ ମାସକ ମଧ୍ୟରେ ଦୁଇଟି ବନ୍ଧୁକ ସହ ଗୁଳି ଜବତ କରିଛି ପୁଲିସ। ଲଉତପୁର ଅଞ୍ଚଳରେ ମୋବାଇଲ ଫୋନ ଲୁଟ୍ ସାଧାରଣ ଘଟଣାରେ ପରିଣତ ହୋଇଗଲାଣି।

# ଆନ୍ଧ୍ରପ୍ରଦେଶ ମନମ ଫାଉଣ୍ଡେସନ ପକ୍ଷରୁ ସେବା ସମ୍ମାନରେ ସମ୍ମାନିତ ହେଲେ ବିଶିକେସନ ମାଝୀ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲାର ତୁରେକେଲା ବ୍ଲକ ଅନ୍ତର୍ଗତ ଚଟୁଅନକା ଗ୍ରାମର ସମାଜ ସେବୀ ଓ ଆଜତକ ଓଡ଼ିଶା ୱେବ୍ ମିଡ଼ିଆ ସମ୍ପାଦକ ବିଶିକେସନ ମାଝୀ ଦୀର୍ଘ ୪ବର୍ଷ ଧରି ବିଭିନ୍ନ ସମସ୍ୟା ଉପରେ ଖବର ପ୍ରସାରିତ କରି ଅନେକ ସମସ୍ୟାକୁ ସମାଧାନ କରୁଥିବା ସହ ଅନେକ ସମୟରେ ରକ୍ତଦାନ କରି ସମାଜ ସେବାକରୁଥିବା ଜାଣି ଆନ୍ଧ୍ରପ୍ରଦେଶର ସାମାଜିକ ଅନୁଷ୍ଠାନ ସଚ୍ଚୋଟତା, ନିସ୍ୱାର୍ଥପର ସେବା ସହିତ ସମାଜରେ ଉତ୍ତମତାର ଉଦାହରଣ ଏବଂ ମୋ ସେବାକୁ ସ୍ୱୀକୃତି ଦେଇ ମନମ ଫାଉଣ୍ଡେସନ ତରଫରୁ ମଦର ଟେରେସା ଆଜୀବନ ସଫଳତା ପୁରସ୍କାର ପ୍ରଦାନ କରି ଶୁଭ କାମନା ଜଣାଇ ଥିଲେ। ବିଶିକେସନ ମାଝୀ ସମ୍ମାନ ପାଇଁ ଖୁସି ହୋଇ କହିଛନ୍ତି। ଏହା ମୋ ପାଇଁ ଭଗବାନଙ୍କର ଉପହାର ମନମ ଫାଉଣ୍ଡେସନ ଚେୟାରମ୍ୟାନ ଡାକ୍ତର କ.ଚକ୍ରବର୍ତ୍ତୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ



**ବାଲେଶ୍ୱର, ନ୍ୟୁଜ୍**

ଆସନ୍ତାବର୍ଷ ଜାନୁଆରୀ ମାସରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ସାଧାରଣତନ୍ତ୍ର ଦିବସର ପରେଡରେ ଅଂଶଗ୍ରହଣ କରିବା ନିମନ୍ତେ ଉପଯୁକ୍ତ ଛାତ୍ରଛାତ୍ରୀଙ୍କୁ ଚୟନ କରିବା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟର ଏନଏସଏସ ବିଭାଗ ଦ୍ୱାରା ଏକ ଶିବିର ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ତଥା ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ଉପସ୍ଥିତିରେ ଏକ ବୈଠକ ବସି ଏହି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କୁଳପତି ପ୍ରଫେସର ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି କହିଥିଲେ ଯେ, ନିଜକୁ ପ୍ରସ୍ତୁତ କରି ଆବଶ୍ୟକ ସ୍ଥଳେ ଶ୍ରେଷ୍ଠ ବୋଲି ପ୍ରମାଣିତ କରିବାର ପ୍ରୟାସ ନେଇ ରାଜ୍ୟ ତଥା ଜାତୀୟସ୍ତରରେ ବିଶ୍ୱବିଦ୍ୟାଳୟର ପରିଚୟ ସୃଷ୍ଟି କର ଏଥିସହ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସୁବ୍ୟବସ୍ଥିତ ଓ ସୁଦୃଢ ବୋଲି ପ୍ରତିପାଦନ କରିବାର ସୁଯୋଗ ଲାଭ କରିବା ଆବଶ୍ୟକ। ଆଗ୍ରହ ଓ ଉଦ୍ୟମ ସହ ସମଷ୍ଟିଗତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ସମସ୍ତ ପ୍ରତିଯୋଗୀଙ୍କ ମନୋବଳ ବଢ଼ାଇ ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ହାସଲ କରିବା ପାଇଁ ଆହ୍ୱାନ ଦେଇ ଅଭିନନ୍ଦନ ଜଣାଇଥିଲେ। ଛାତ୍ରଛାତ୍ରୀଙ୍କ ଶାରୀରିକ ସୁସ୍ଥତାର ପରୀକ୍ଷଣ ପ୍ରକ୍ରିୟାର ଦାୟିତ୍ୱରେ ବିଶ୍ୱବିଦ୍ୟାଳୟର ପିଇଓ ସଂଗ୍ରାମ ବିଶୋଇ ଓ ଭାରତର ସେନା ବିଭାଗର ଅବସରପ୍ରାପ୍ତ କର୍ମଚାରୀ ହରିହର ସାହୁ ରହି ତଦାରଖ କରିଥିଲେ ଓ ତାଲିମ ଦେଇଥିଲେ। ଏଥିସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ଚୟନ ପ୍ରକ୍ରିୟା କ୍ରମରେ ବିଭିଓ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ଓ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ମହାବିଦ୍ୟାଳୟ ଗୁଡିକର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗ୍ୟବିବେଚିତ ଛାତ୍ରଛାତ୍ରୀଙ୍କୁ ରାଜ୍ୟର ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ ବୋଲି ସୂଚୀତ କରାଯାଇଥିଲା। ସୂଚନା ଯୋଗ୍ୟ, ବିଶ୍ୱବିଦ୍ୟାଳୟ ସ୍ତରରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଜୋନାଲ ସ୍ତରରେ ପୁଣି ପ୍ରତିଯୋଗିତାର ସମ୍ମୁଖୀନ ହୋଇ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ଓ ଶେଷରେ ଜାତୀୟସ୍ତରରେ ଚୟନ ହୋଇ ୨୬ ଜାନୁୟାରୀ ୨୦୨୫ ରେ ଭାରତର ରାଜଧାନୀ ନୂଆଦିଲ୍ଲୀର ସମ୍ମାନସୂଚକ ପରେଡରେ ଅଂଶଗ୍ରହଣ କରିବାର ସୁଯୋଗ ନେଇପାରିବେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ଅଫିସର ଡକ୍ଟର ପ୍ରତିମା ପ୍ରଧାନ ଉପସ୍ଥିତ ହୋଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ବିଭିନ୍ନ ମହାବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ଅଫିସର ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଏନଏସଏସ ସଂଯୋଜକ ଡକ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟ ସଂଚାଳନ କରିଥିଲେ। ବାଲେଶ୍ୱର ଜିଲ୍ଲା ଏନଏସଏସର ଡିପିଓ ଗୌରାଙ୍ଗ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ଦୁର୍ଘଟଣାରେ ମୃତ୍ୟୁ ମାମଲା

# ପରିବାର ପାଇଲେ ୨୨ ଲକ୍ଷ କ୍ଷତିପୂରଣ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ବିବାହର ମାତ୍ର ୪ ମାସ ପରେ କୈବଲ୍ୟ ପ୍ରସାଦ ଖଟୁଆ ପ୍ରାତଃ ଭ୍ରମଣରେ ଯାଉଥିବା ସମୟରେ ଏକ ଦୃତଗାମୀ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ମୃତ୍ୟୁବରଣ କରିଥିଲେ। ଏନେଇ ତାଙ୍କ ଧର୍ମପତ୍ନୀ ସଦର ଥାନାରେ ଏତଲା ଦେବାପରେ ସଦର ଥାନା ଅଧିକାରୀ ୩୪୫/୨୩ ଓ ଜିଆର କେସ ନଂ-୧୩୪୯/୨୩ରେ ମଟର ଯାନ କ୍ଷତିପୂରଣ ମାମଲା ରୁଜୁ ହୋଇଥିଲା। ଜିଲ୍ଲା ଓ ଦୌରାଜଜ୍ ଏହାର ବିଚାରକରି ୨୨ ଲକ୍ଷ କ୍ଷତିପୂରଣ ଦେବାକୁ ତାଙ୍କ ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟା ସିଂହ, ମା' ପ୍ରମିଳା ଖଟୁଆ, ବାପା ଧରରେନ୍ଦ୍ର କୁମାର ଖଟୁଆଙ୍କୁ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମକଦ୍ଦମା ସମାଧାନ ସମୟରେ ଆଇନଜୀବି ପ୍ରମୋଦ କୁମାର ଅଧିକାରୀଙ୍କ ସମେତ ମହମ୍ମଦ ନଇମ, ଶଶିଭୂଷଣ ପ୍ରଧାନ, ଜ୍ୟୋତି ରଞ୍ଜନ ମହାନ୍ତି, ଗଙ୍ଗାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଖଣି ଅଞ୍ଚଳରେ ଓଡ଼ିଆ ଅସ୍ମିତା ବିପର୍ଯ୍ୟସ୍ତ

# ସମସ୍ତ ଖଣିରେ ଅଣଓଡ଼ିଆ ମାଫିଆଙ୍କ ଏକଚାଟିଆ ରାଜୁତି

**କେନ୍ଦୁଝର, ନ୍ୟୁଜ୍**

ଓଡ଼ିଆ ଅସ୍ମିତାକୁ ମୁଖ୍ୟ ପ୍ରସଙ୍ଗ କରି ୨୪ ବର୍ଷର ବିଜେଡି ସରକାରକୁ ଧୂଳିସାତ କରି ବିଜେପି କ୍ଷମତା ଆସିଛି। ତେବେ କେନ୍ଦ୍ର ଓ ରାଜ୍ୟ ଉଭୟ ସ୍ଥାନରେ ବିଜେପିର ଡବଲ ଇଞ୍ଜିନ ସରକାର କାର୍ଯ୍ୟ କରୁଛି। ମୋହନ ସରକାର ରାଜ୍ୟରେ କ୍ଷମତାକୁ ଆସିବା ପରେ କୌଣସି ଖଣି ମାଫିଆଙ୍କୁ ଛଡ଼ାଯିବ ନାହିଁ ବୋଲି ଓଡ଼ିଶାବାସୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିବା ବେଳେ ଅଣଓଡ଼ିଆ ଖଣି ବେପାରୀଙ୍କ ଉପରେ ଅଙ୍କୁଶ ଲାଗିବ ବୋଲି ଯୋଡ଼ା, ବଡ଼ବିଲ ଖଣି ଅଞ୍ଚଳବାସୀ ମନରେ ଦୃଢ଼ ବିଶ୍ୱାସ ବାନ୍ଧିଥିଲେ। ହେଲେ ତାହା ଧୀରେ ଧୀରେ ଭୁଲ ପ୍ରମାଣିତ ହେଉଛି। ସରକାରୀ ଓ ବେସରକାରୀ ସବୁ ଖଣିରେ ଅଣଓଡ଼ିଆ ଖଣି ମାଫିଆଙ୍କ ଏକଚାଟିଆ ରାଜୁତି ସ୍ଥାପିତ ହେବାରେ ଲାଗିଛି। ଅବୈଧ ଖଣି କାରବାର ଯୋଗୁଁ ଅତୀତରେ ଯୋଡ଼ା, ବଡ଼ବିଲ ଖଣି ଅଞ୍ଚଳ ଯଥେଷ୍ଟ ଅପମାନିତ ହୋଇଆସିଛି। ଶାହା କମିଶନଙ୍କ ଗସ୍ତ ପରେ ସମସ୍ତ ଖଣି ମାଲିକଙ୍କୁ ଅବୈଧ ଖଣି କାରବାର ଯୋଗୁଁ କୋଟି କୋଟି ଟଙ୍କା ଜରିମାନା ଦେବାକୁ ପଡ଼ିଛି। ତେବେ ପରିତାପର ବିଷୟ, ଏବେ ମଧ୍ୟ ପୂର୍ବାପେକ୍ଷା ଅଧିକ ଭାବେ ଚାଲିଛି ଖଣିଜ ସମ୍ପଦର ଲୁଟ୍। କେତେ ବେଳେ ଉଚ୍ଚମାନର ଲୁହାପଥରକୁ ନିମ୍ନମାନର ଦର୍ଶାଇ ଟିକସ ଫାଙ୍କି ତ ଅନ୍ୟ କେତେବେଳେ ଲୁହାପଥର ଗୁଣ୍ଡ ଅନୁମତି ନେଇ ଖଣ୍ଡ ଲୁହାପଥର ପରିବହନ କରି ଟିକସ ଫାଙ୍କି କରାଯାଉଛି। ଲୁହାପଥର ପରିମାଣରେ ମଧ୍ୟ ହେରଫେର କରାଯାଉଛି ଓ ଅନ୍ୟ କେତେବେଳେ ଗୋଟିଏ ଟ୍ରାଞ୍ଜିଟ୍ ପାସ୍‌ରେ ଏକାଧିକ ଥର (ଏପରିକି ୪ ରି ୫ଥର ମଧ୍ୟ) ଲୁହାପଥର ବୁହାଯାଉଛି। ଟ୍ରକ୍ ମାଲିକମାନଙ୍କୁ ଧାର୍ଯ୍ୟ ପରିବହନ ଦର ଦିଆନଯାଇ ସେମାନଙ୍କୁ ଶୋଷଣ କରାଯାଉଛି। ଏଥିରେ ନୂଆକରି ଚଢ଼ା ଦରରେ ଖଣି ହାତେଇଥିବା ଖଣି ମାଲିକମାନେ ମଧ୍ୟ ବାଦ ପଡୁନଥିବା କାହାରିକୁ ଅଛପା ନାହିଁ। ଅବୈଧ ଲୁହାପଥର କାରବାର ପାଇଁ ସଡକ ପଥ ଠାରୁ ରେଳ ପଥ ଆହୁରି ନିରାପଦ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ରେଳ ପଥରେ ହେଉଥିବା ପରିବହନରୁ କ୍ରେତା, ବିକ୍ରେତାଙ୍କ ସମ୍ବର୍ଦ୍ଧିତ ତଥ୍ୟ ଜାଣିବା ମଧ୍ୟ କଷ୍ଟକର ହୋଇପଡୁଛି। ଖଣି କାରବାରରେ ସ୍ୱଚ୍ଛତା ଆଣିବାକୁ ସରକାର ବ୍ୟବସାୟିକ ପ୍ରମାଣପତ୍ର ଦେବାରେ କେତେକ କଟକଣା ଜାରି କରିଥିଲେ। ଏବେ ତାହା ଧର୍ମକୁ ଆଖିଠାର ସଦୃଶ୍ୟ ହୋଇଛି। ଯେଉଁମାନଙ୍କ ନାମରେ ପୂର୍ବରୁ ଖଣିଜ ଅବୈଧ କାରବାର ସମ୍ପର୍କିତ ମାମଲା କିମ୍ବା ଅନ୍ୟ ଯେକୌଣସି ବିଶୃଙ୍ଖଳିତ ମାମଲା ରହିଥିଲେ ସେମାନଙ୍କୁ ଜିଲାର କୌଣସି ଥାନାରୁ ପୁଲିସ ଆଣ୍ଟିସିଡେଣ୍ଟ ରିପୋର୍ଟ ମିଳୁନଥିଲା। ଫଳରେ ସେମାନେ ଖଣି ବ୍ୟବସାୟ ନିମନ୍ତେ ଆବଶ୍ୟକ ପ୍ରମାଣପତ୍ର ପାଇପାରୁନଥିଲେ। ତେଣୁ ଏହି ବ୍ୟବସାୟରୁ ଦୂରେଇ ରହୁଥିଲେ। ଏବେ ଆଉ ସେ କଟକଣା ନାହିଁ। ପୂର୍ବରୁ ଯେଉଁମାନେ ଖଣିଜ ଅବୈଧ କାରବାର ସହିତ ସମ୍ପୃକ୍ତ ରହିଥିଲେ ସେମାନଙ୍କୁ ପୁନଃର୍ବାର ଖଣି ବିଭାଗ ପକ୍ଷରୁ ଏହି ବ୍ୟବସାୟ ଅନୁମତି ପ୍ରଦାନ କରାଯାଇଛି। ନିକଟରେ ଆର.ଜେ. ଲଜିଷ୍ଟିକ ନାମକ ଏକ ପରିବହନ ଠିକା ସଂସ୍ଥାକୁ ଏହି ପ୍ରମାଣପତ୍ର ମିଳିଥିବା ବେଳେ ସେ ରାଜ୍ୟ ସରକାରଙ୍କ ଅଧିନ ଓଏମ୍‌ସି (ଓଡ଼ିଶା ଖଣି ନିଗମ)ଙ୍କ ଯୋଡା, କୋଇଡା ଖଣି କ୍ଷେତ୍ରରେ ଥିବା ଖଣି ଗୁଡିକରୁ ଏକଚାଟିଆ ପରିବହନ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ସଂସ୍ଥାର ମାଲିକ ରାଜେଶ ଜୟସ୍ୱାଲ ୨୦୧୨ ମସିହାରେ ଜଜାଙ୍ଗସ୍ଥିତ ରୁଙ୍ଗଟା ଖଣିରେ (ଏବେ ଏହା ଜେଏସଡବ୍ଲ୍ୟୁ ଖଣି କମ୍ପାନୀ ଅଧିନରେ) ଏକଚାଟିଆ କାରବାରକୁ ଆଧାର କରି ଏକ ଗୁଳିକାଣ୍ଡରେ ଜଣେ ନିରୀହ ଲୋକକୁ ହତ୍ୟା ଅଭିଯୋଗରେ ସେ ଗିରଫ ହୋଇଥିଲେ। ସେତେବେଳେ ଏହା ସମଗ୍ର ଅଞ୍ଚଳରେ ଜନସାଧାରଣଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ରୁଙ୍ଗଟା ଏବଂ ଏହାର ଆଖପାଖ ଖଣିଗୁଡ଼ିକରେ ସ୍ଥାନୀୟ ଲୋକଙ୍କୁ ଭୟଭିତ କରି ସେ ଏକଚାଟିଆ ଖଣି କାରବାର ଚଳାଇ କୋଟିକୋଟି ଟଙ୍କା ଉପାର୍ଜନ କରିଥିଲେ। ବାରମ୍ବାର ତାଙ୍କୁ ଅବୈଧ ଖଣି କାରବାର ନେଇ ଗିରଫ କରି ଜେଲକୁ ପଠାଇଦିଆଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେ ଜାମିନରେ ବାହାରି ତାଙ୍କର ପୂର୍ବ ବ୍ୟବସାୟ ଚଳାଇବାରେ ସଫଳ ହୋଇଥିଲେ। ପରେ ତାଙ୍କୁ ଜାତୀୟ ନିରାପତ୍ତା ଆଇନ ବଳରେ ମଧ୍ୟ ଅଟକ ରଖାଯାଇଥିଲା। ଏବେ ମଧ୍ୟ ଅନେକ ମାମଲା ତାଙ୍କ ନାମରେ ବିଚାରଧିନ ରହିଛି। ଏପରିକି ଭିଜିଲାନ୍ସ ମାମଲା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ସେବେଠାରୁ ସେ ଭୁବନେଶ୍ୱରରେ ଆତ୍ମଗୋପନ କରି ରହିଆସୁଥିଲେ। ମୋହନ ସରକାର ଆସିବା ପରେ ଏବେ ତାଙ୍କୁ ଏହି ବ୍ୟବସାୟ ନିମନ୍ତେ ପ୍ରମାଣପତ୍ର ମିଳିବା ସମସ୍ତଙ୍କୁ ଚକିତ କରିଛି। ବିଗତ ୨ମାସ ମଧ୍ୟରେ ସେ ଧୀରେଧୀରେ ତାଙ୍କର କାୟା ବିସ୍ତାର କରି ଏବେ ସେ ନୟାଗଡ଼, ବାଂଶପାଣି ଏବଂ ଜୁରୁଡି ରେଳ କ୍ଷେତ୍ରରେ ଏକ ଚାଟିଆ ରେଳ ବୋଝେଇ ଓ ପରିବହନ କାର୍ଯ୍ୟ ହାତେଇ ନିଜର କାୟା ବିସ୍ତାର କରିବାରେ ଲାଗିଛନ୍ତି। ଖଣିଜ ପରିବହନ ନିମନ୍ତେ ତାଙ୍କର ନିଜସ୍ୱ ଟ୍ରକ ଥିବାବେଳେ ପରିବହନ କରି ଜୀବିକା ନିର୍ବାହ କରୁଥିବା ଟ୍ରକ୍ ମାଲିକମାନେ ଏବେ କାମଧନ୍ଦା ହରାଇବସିଛନ୍ତି। ତେବେ ଏହି ଜୟସ୍ୱାଲଙ୍କ ପଛରେ କିଏ ତାହା ଏବେ ଯୋଡ଼ା ବଡ଼ବିଲ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସେହିପରି ଅନ୍ୟ ଖଣି ଗୁଡିକରେ ମଧ୍ୟ ଅଣଓଡ଼ିଆ ଠିକାଦାରଙ୍କ ପ୍ରଭାବ ବଢିବାରେ ଲାଗିଛି। ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ପ୍ରଭୃତି ବାହାର ରାଜ୍ୟର ଲୋକେ ପରିବହନ, ସୁରକ୍ଷା କର୍ମୀ ଯୋଗାଣ, ଶ୍ରମିକ ଯୋଗଣ ଭାବେ କାର୍ଯ୍ୟ ପାଉଥିବା ବେଳେ ସ୍ଥାନୀୟ ଯୁବକ, ଯୁବତୀ କାମଧନ୍ଦାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ ଦିନ କାଟିବାକୁ ବାଧ ହେଉଛନ୍ତି। କେବଳ ଏହି ରାଜେଶ ଜୟସ୍ୱାଲ ଏହା ନୁହନ୍ତି ଯୋଡ଼ାରୁ ଅନ୍ତଃର୍ଦ୍ଧାନ ହୋଇଥିବା ଅନେକ ଅଣଓଡ଼ିଆ ଖଣି ମାଫିଆ ଏବେ ଯୋଡ଼ା, ବଡ଼ବିଲ ଅଞ୍ଚଳକୁ ପୁନଃର୍ବାର ପ୍ରତ୍ୟାବର୍ତ୍ତନ କରି ସେମାନଙ୍କର ବ୍ୟବସାୟୀକ କାୟା ବୃଦ୍ଧି କରିବାରେ ଲାଗିଛନ୍ତି, ଯାହା ଫଳରେ ଖଣି ଅଞ୍ଚଳରେ ଓଡ଼ିଆ ଅସ୍ମିତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ମୋହନ ସରକାର ଏଥିପ୍ରତି ଦୃଷ୍ଟି ଦେଲେ ସ୍ଥାନୀୟ ବାସିନ୍ଦା ଉପକୃତ ହୋଇପାରନ୍ତେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।






## ଜଙ୍ଗଲ ଜମିରୁ ମୋରମ୍ ଚୋରା ଚାଲାଣ

**କୋଟପାଡ଼, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ଦିନ ପରେ ପୁଣି ଆରମ୍ଭ ହୋଇଛି ବେଆଇନ୍ ମୋରମ୍ ଖୋଳା । କୋଟପାଡ଼ ତହସିଲ ମୁର୍ତାହାଣ୍ଡି ରାଜସ୍ୱ ଅଧିନରେ ରହିଥିବା ସିନ୍ଧିଗାଁ ମୋଲରମାଲ୍ ରାସ୍ତାପାର୍ଶ୍ୱ ସ୍ଥିତ ଜଙ୍ଗଲ ଜମିରୁ ମେସିନ୍ ଦ୍ୱାରା ଖୋଳାଯାଉଛି ମୋରମ୍ । ବଡ଼ ବଡ଼ ଟିପ୍ପର ଏବଂ ଟ୍ରାକ୍ଟର ଦ୍ୱାରା ବୋଝେଇ ହୋଇ ଯାଉଛି, କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନଜରକୁ ଆସୁନି । ମୁର୍ତାହାଣ୍ଡି ରାଜସ୍ୱ ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା । ସେ କୌଣସି ବ୍ୟକ୍ତିଗତ କିମ୍ବା କମ୍ପାନୀକୁ ମୋରମ୍ ଖୋଳିବା ପାଇଁ କୌଣସି ପ୍ରକାର ଆଦେଶ / ରୟାଲଟି ଦିଆଯାଇନି ବୋଲି ଜଣାଇଛନ୍ତି । ବାରମ୍ବାର ଅଞ୍ଚଳରେ ବେଆଇନ୍ ଭାବେ ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ହେଉଥିବା ବେଳେ ଏମାନଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଯୋଗୁଁ ଏଭଳି ବାରମ୍ବାର ଘଟୁଛି । ଉପରିସ୍ଥ କର୍ତ୍ତୃପକ୍ଷ ଶୀଘ୍ର ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ପ୍ରତିନିଧି ମତ ପ୍ରକାଶ କରିଛନ୍ତି ।

# ଓଡ଼ିଆରେ ପ୍ରକାଶ ପାଇବ ଆଇନ୍ ଓ ଡାକ୍ତରୀ ପୁସ୍ତକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଏଣିକି ଓଡ଼ିଆରେ ପ୍ରକାଶ ପାଇବ ଡାକ୍ତରୀ ଏବଂ ଇଞ୍ଜିନିୟରିଂ ପାଠ୍ୟପୁସ୍ତକ । ଆଇନ୍ ବହି ମଧ ଓଡ଼ିଆରେ ପ୍ରକାଶ ପାଇବ । ଏହା ସହିତ ଦେଶ ତଥା ବିଦେଶର ନୋବେଲ୍ ବିଜେତାଙ୍କ ପୁସ୍ତକକୁ ଓଡ଼ିଆରେ ଅନୁବାଦ କରାଯିବ । ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି । ପ୍ରବାସୀ ଓଡ଼ିଆ କିଭଳି ଓଡ଼ିଆରେ ପଢିବେ ସେନେଇ ମଧ ଯୋଜନା କରାଯାଉଛି । ଏହାରି ଭିତରେ ସରକାରଙ୍କ ପକ୍ଷରୁ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି । ବିଶେଷକରି ମେଡିକାଲ୍ ତଥା ଡାକ୍ତରୀ ପାଠ୍ୟପୁସ୍ତକ ଓଡ଼ିଆ କରାଯିବାକୁ ଯୋଜନା କରାଯାଇଛି । ଏନେଇ ଆଗଧାଡିର ଡାକ୍ତରଙ୍କ ସହିତ ଭାଷାବିତ୍ ତଥା ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କୁ ନେଇ କମିଟି କରାଯିବ । ଉକ୍ତ କମିଟି ସୁପାରିଶ୍ ଆଧାରରେ ପୁସ୍ତକଗୁଡିକୁ ଓଡ଼ିଆରେ ଅନୁବାଦ କରାଯିବ । ସେହିପରି ଇଞ୍ଜିନିୟରିଂ ପୁସ୍ତକ ମଧ ଓଡ଼ିଆ କରାଯିବ । ଭାଷା ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିବା ୧୮ ଜଣ ପ୍ୟାନେଲିଷ୍ଟ ଏହାକୁ ଅନୁବାଦ କରିବେ । ଏହାସହିତ ଅକ୍ସଫୋର୍ଡ, କେମ୍ବ୍ରିଜ୍ ଆଦି ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବା ପ୍ରଫେସରଙ୍କ ସହିତ ଯୋଗାଯୋଗ କରାଯିବ । ଏହାସହିତ ଆଇନ୍ ପୁସ୍ତକ ଓଡ଼ିଆରେ କରାଯିବା ପାଇଁ ଆସନ୍ତା ୨୦ରେ ନିୟମ ଓ ବିଧି ବିଭାଗ ପକ୍ଷରୁ ବୈଠକ ଡକାଯାଇଛି । ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଏକ କମିଟି କରାଯାଇଛି । ଯେଉଁମାନେ ଏହି ବୈଠକରେ ଯୋଗଦେଇ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି । କେବଳ ଏତିକି ନୁହେଁ ବିଶ୍ୱ ନୋବେଲ୍ ବିଜେତାଙ୍କ ପୁସ୍ତକକୁ ଓଡ଼ିଆରେ ଅନୁବାଦ କରାଯିବ । ଏହାସାଙ୍ଗକୁ ଓଡ଼ିଆରେ ଥିବା ଭଲ ଭଲ ପୁସ୍ତକ ମଧ ଇଂରାଜୀରେ ଅନୁବାଦ କରାଯିବାକୁ ଯୋଜନା ରହିଛି । ଏଥିପାଇଁ ଆଗଧାଡ଼ିର ସାହିତ୍ୟିକଙ୍କୁ ଯୋଗାଯୋଗ କରାଯାଇ ଅନୁବାଦ କରାଯିବ ବୋଲି ଜଣାପଡ଼ିଛି ।

## ବାଲିଗୁଡ଼ା କୋର୍ଟରେ ହାଜର ହେଲା ମାଓ ନେତା ଆଜାଦ୍

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଟପ୍ ମାଓନେତା ଆଜାଦ୍ କନ୍ଧମାଳ ଜିଲ୍ଲା ବାଲିଗୁଡା ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟରେ ହାଜର ହୋଇଛି । ତାକୁ ଭୁବନେଶ୍ୱର ଝାରପଡ଼ା ଜେଲ୍‌ରୁ ବାଲିଗୁଡ଼ାକୁ କଡ଼ା ସୁରକ୍ଷାରେ ଅଣାଯାଇଛି । ଅତିରିକ୍ତ ଜିଲ୍ଲା ଜଜ୍ ଶୁଭଦର୍ଶୀ ତ୍ରିପାଠୀଙ୍କ କୋର୍ଟରେ ୩ଟି କେସ୍ ଚାର୍ଜ ହୋଇଥିଲା । ଆଜାଦର ନାମରେ ତିନିଟି କେଶ୍ ରହିଛି । ତିନିଟି କେସ୍‌ର ଚାର୍ଜ ହୋଇଛି । କେସ୍ ଗୁଡିକ ହେଲା ୨୦୦୮ ମସିହାରେ ସାରଙ୍ଗଡ଼ ଥାନା କେସ୍ ନମ୍ବର ୨୦/ ୨୦୦୮ରେ ସାରଙ୍ଗଡ଼ରେ ବୋମା ଫୁଟାଇବା ନିମନ୍ତେ ରାସ୍ତାରେ ବୋମା ଖଞ୍ଜିବା (ଲ୍ୟାଣ୍ଡମାଇନ), ବ୍ରାହ୍ମଣିଗାଁ ଥାନାରେ ଦୁଇଟି ମାମଲା ଯଥା କେସ୍ ନମ୍ବର ୧୪/୨୦୦୮ ଓ ୧୫/୨୦୦୮ ଏଥିମଧ୍ୟରୁ ଗୋଟିଏ ମର୍ଡର କେସ୍ ଓ ଅନ୍ୟଟି ବ୍ରାହ୍ମଣିଗାଁ ଦାରିଙ୍ଗବାଡି ରାସ୍ତାରେ ଲ୍ୟାଣ୍ଡ୍ ମାଇନ୍ ଲଗାଇବା ଭଳି ଅଭିଯୋଗ ରହିଛି । କୋର୍ଟରେ ହାଜର ହେବା ପରେ ତାକୁ ବାଲିଗୁଡା ଉପକାରାଗାରକୁ ପଠାଯାଇ ସେଠାରୁ ପୁଣି ଝାଡପଡ଼ା ଜେଲ୍‌କୁ ପଠାଯିବା ନେଇ ଓକିଲ ସୁରେନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି ।



## ଅବକାରୀ ବିଭାଗ ଦ୍ୱାରା ବିପୁଳ କଫ୍‌ସିରପ୍ ଜବତ:ଜଣେ ଗିରଫ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଯୁବପିଢ଼ି ଏବେ ନୂଆ ଉପାୟରେ ନିଶା କାରବାର ଚଳାଇ ଥିବାବେଳେ, ଅବକାରୀ ବିଭାଗ ତରଫରୁ ଚଢ଼ଉ କରାଯାଇ ବିପୁଳ ନିଶା ଯୁକ୍ତ କରେକ୍ସ କଫ୍‌ସିରପ୍ ଜବତ କରାଯିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବାର ଜଣାଯାଇଛି । ବିଶ୍ୱସ୍ତ ସୂତ୍ରରୁ ଖବରପାଇ କୁଳିଅଣା ଥାନା ସାନ ଟଙ୍ଗାଶୋଳ ଠାରେ ଅବକାରୀ ବିଭାଗର ଟିମ୍ ଚଢ଼ଉ କରି ଶ୍ରବଣ କୁମାର ମାଝିଙ୍କ ଘରୁ ୧୨୦୦ ବୋତଲ କଫ୍‌ସିରପ୍ ଜବତ କରାଯାଇଛି । ଜବତ କଫ୍‌ସିରପ୍‌ର ଓଜନ ୧୨୦ ଲିଟର ହୋଇଥିବା ବେଳେ, ଏହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି । ଏହି ଅଭିଯୋଗରେ ଶ୍ରବଣ କୁମାର ମାଝିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବା ସହ ଘଟଣାର ଅଧିକ ତଦନ୍ତ ଚାଲିଥିବାର ସୂଚନା ମିଳିଛି ।

## ଖୋର୍ଦ୍ଧା ରୋଡ଼ ମଣ୍ଡଳ ଦ୍ୱାରା 'ସ୍ୱଚ୍ଛତା ହିଁ ସେବା' ସଚେତନତା କାର୍ଯ୍ୟକ୍ରମ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ରୋଡ଼ ମଣ୍ଡଳ ଦ୍ୱାରା ୧୪ ସେପ୍ଟେମ୍ବରରୁ ୧ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ସ୍ୱଚ୍ଛତା ହିଁ ସେବା ଅଭିଯାନ ପାଳନ କରାଯାଉଛି । ରେଳ ଷ୍ଟେସନ୍, ଟ୍ରେନ୍, ରେଳବାଇ ଆବାସିକ କଲୋନୀ ଏବଂ ଉତ୍ପାଦନ ୟୁନିଟ୍ ଇତ୍ୟାଦିରେ ସ୍ୱଚ୍ଛତା ଉପରେ ସ୍ୱେଚ୍ଛାସେବୀ ତଥା ସାମୂହିକ କାର୍ଯ୍ୟାନୁଷ୍ଠାନକୁ ମଜବୁତ୍ କରିବା ପାଇଁ ନିଆଯାଇଥିବା ଏକ ସ୍ୱତନ୍ତ୍ର ପଦକ୍ଷେପ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଅପରେସନ୍), ପି.କେ ବେହେରା, ସମସ୍ତ ଶାଖା ଅଧିକାରୀ ଏବଂ କର୍ମଚାରୀଙ୍କୁ, ନିଜକୁ ସ୍ୱଚ୍ଛ ରଖିବା ପାଇଁ ଏବଂ ସାଧାରଣ ଜନତାଙ୍କୁ ସ୍ୱଚ୍ଛତା ପ୍ରତି ଉତ୍ସାହିତ କରିବା ପାଇଁ ସ୍ୱଚ୍ଛତା ଶପଥ ଗ୍ରହଣ କରାଇଥିଲେ । ମଣ୍ଡଳର ସମସ୍ତ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ୍‌ରେ କର୍ମଚାରୀ ମାନଙ୍କ ଦ୍ୱାରା ସ୍ୱଚ୍ଛତା ଶପଥ ଗ୍ରହଣ କରାଯାଇଛି । ଏହି ଅବସରରେ ଡିଆର୍‌ଏମ୍ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା । ପ୍ରମୁଖ ରେଳ ଷ୍ଟେସନ୍‌ରେ ଜନସଚେତନତା କର୍ମଶାଳା ଆୟୋଜିତ ହୋଇଥିଲା । ଖୋର୍ଦ୍ଧା ରୋଡ଼ ମଣ୍ଡଳ ଦ୍ୱାରା, ଷ୍ଟେସନ୍, ଟ୍ରେନ୍, ଅଫିସ୍ କୋଠା, ରେଳ କଲୋନୀ ଇତ୍ୟାଦିରେ, ବିଭିନ୍ନ ପରିଷ୍କାର ପରିଚ୍ଛନ୍ନତା ତଥା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

## ମେଜରଙ୍କ ବାନ୍ଧବୀଙ୍କୁ ଆକ୍ରମଣ ପ୍ରତିବାଦରେ ଅବସରପ୍ରାପ୍ତ ସେନା ସଂଘର ବିକ୍ଷୋଭ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀର ଭରତପୁର ଥାନାରେ ସେନାବାହିନୀର ମେଜର୍ ଗୁରୁବନ୍ତ ସିଂଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ମାଡ଼ ମରାଯିବା ଘଟଣା ଥମିବାର ନାଁ ଧରୁନି । ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଚାଲିଥିବା ବେଳେ ରାସ୍ତାକୁ ଓହ୍ଲାଇଛି ଅବସରପ୍ରାପ୍ତ ସେନା ସଂଘ । ଖାଲି ସଂଘ ପ୍ରତିବାଦ କରିନାହିଁ, ବିରୋଧୀ ଦଳ ବିଜେଡ଼ି ମଧ ସରକାରଙ୍କୁ ଟାର୍ଗେଟ୍ କରିଛି । ବୁଧବାର ଦିନ ପାଖାପାଖି ୧୧ଟା ସମୟରେ ଅବସରପ୍ରାପ୍ତ ସେନା ଅଧିକାରୀମାନେ ୧୨୦ ବାଟାଲିଅନ୍‌ରୁ ଏକ ପ୍ରତିବାଦ ଶୋଭାଯାତ୍ରାରେ ବାହାରିଥିଲେ । ସେମାନେ ହାତରେ ବିଭିନ୍ନ ଦାବି ଲେଖାଥିବା ପ୍ଲାକାର୍ଡ ଧରି ପୋଲିସ ସେବାଭବନରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ନାରାବାଜି କରିଥିଲେ । ଘଟଣାକୁ ଦୁର୍ଭାଗ୍ୟଜନକ କହିବା ସହ ଏହାର ତୀବ୍ର ନିନ୍ଦା କରିଥିଲେ । ସେମାନେ ପୋଲିସ କମିସନରଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ବିଚାର ବିଭାଗୀୟ ତଦନ୍ତ ଦାବି କରିଥିଲେ । ଯୁବତୀଙ୍କ ବାପା କହିଲେ, ଝିଅକୁ ନିର୍ମମ ଭାବରେ ମାଡ଼ ମାରି ତାର ଦାନ୍ତ ଭାଙ୍ଗି ଦେଇଛନ୍ତି । ସେମାନଙ୍କୁ ଖାଲି ନିଲମ୍ବିତ ନୁହଁ, ସେମାନଙ୍କୁ ଜେଲ୍ ଦଣ୍ଡ ମିଳୁ ବୋଲି ସେ ଦାବି କରିଛନ୍ତି । ସେହିପରି ଘଟଣାକୁ ନେଇ ବିଜୁ ଜନତା ଦଳ ରାଜ୍ୟ ପୋଲିସକୁ ଟାର୍ଗେଟ୍ କରିଛି । ଦଳର ଏକ ପ୍ରତିନିଧି ମଣ୍ଡଳୀ ଏମ୍‌ସ୍ ଯାଇ ଚିକିତ୍ସାଧୀନ ଥିବା ଅଙ୍କିତାଙ୍କୁ ଭେଟିଛନ୍ତି । ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ବିଜେଡ଼ି ନେତା ମନ୍ମଥ ରାଉତରାୟଙ୍କ ସମେତ ବିଜେଡ଼ିର କର୍ପୋରେଟର ଓ ଅନ୍ୟ ନେତାମାନେ ଏହି ପ୍ରତିନିଧି ଦଳରେ ସାମିଲ୍ ହୋଇଥିଲେ । ଅଙ୍କିତାଙ୍କ ହାତ ଭାଙ୍ଗିଛି ଓ ମାନସିକ ସ୍ତରରେ ସେ ଭୀଷଣ ଆଘାତ ପାଇଛନ୍ତି ବୋଲି ବିଜେଡ଼ି ନେତାମାନେ କହିଥିଲେ । ବିଜେଡ଼ି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଏଭଳି ଘଟଣା ଓଡ଼ିଶାରେ ପ୍ରଥମ ଏବଂ ପୋଲିସର ବ୍ୟବହାର ନିନ୍ଦନୀୟ । କାର୍ଯ୍ୟରତ ମହିଳା ଏଏସ୍‌ଆଇ ରାତିରେ ନାଇଟି ପିନ୍ଧିଥିଲେ । ଆଇଆଇସି ୬ଘଣ୍ଟା ଧରି ନଥିଲେ । ପୋଲିସର ବ୍ୟବହାର ଯୋଗୁଁ ଆଇନ୍ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ିଛି । ଅନ୍ୟପଟେ ଯେଉଁ ଘଟଣାକୁ ନେଇ ଗୁରୁବନ୍ତ ଓ ତାଙ୍କ ବାନ୍ଧବୀ ଅଙ୍କିତା ଭରତପୁର ଥାନାକୁ ଯାଇଥିଲେ, ତାହା ତଦନ୍ତ ଶିଥିଳ ପଡ଼ିଯାଇଛି । ପଥରଗାଡ଼ିଆ ନିକଟରେ କିଛି ଯୁବକ ସେମାନଙ୍କୁ କମେଣ୍ଟ କରିବା ସହ ଆକ୍ରମଣ କରିଥିବାର ସେମାନେ ଅଭିଯୋଗ କରିଥିଲେ । ପ୍ରକୃତରେ ସେଠାରେ ରାତିରେ କ'ଣ ଘଟିଥିଲା ? କେଉଁମାନେ ଆକ୍ରମଣ କରିଲେ ? କାହିଁକି କମେଣ୍ଟ କଲେ ? ନା ଗଣ୍ଡଗୋଳ ପଛରେ ଅନ୍ୟ କିଛି କାରଣ ରହିଛି ? ତାହା ଏବେବି ଅସ୍ପଷ୍ଟ ରହିଛି । କାହିଁକି ପୋଲିସ ଘଟଣାକୁ ନେଇ ଖୋଳତାଡ଼ କରିନାହିଁ ? ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତଙ୍କୁ ବାନ୍ଧିବା ତ ଦୂରର କଥା ମାମଲା ବି ରୁଜୁ ହୋଇନାହିଁ । ଏହାକୁ ନେଇ ମାଳ ମାଳ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଝିରିପାଣିରେ ଝାଡ଼ାବାନ୍ତି:ଡାକ୍ତରୀ ଟିମ୍‌ଙ୍କ ସ୍ଥିତି ଅନୁଧ୍ୟାନ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**



କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ତୁମୁଡ଼ିବନ୍ଧ ବ୍ଲକର ଝିରିପାଣି ପଞ୍ଚାୟତରେ ଝାଡ଼ାବାନ୍ତି ବ୍ୟାପିଛି । ଝାଡ଼ାବାନ୍ତିରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ବୁଧବାର ଉକ୍ତ ପଞ୍ଚାୟତରେ ଡାକ୍ତରୀ ଟିମ୍ ପହଞ୍ଚିଥିଲା । ଏଠାରେ ଝାଡ଼ାବାନ୍ତିରେ କିଛି ଲୋକ ଆକ୍ରାନ୍ତ ହୋଇଛନ୍ତି । ଦୁଇ ଜଣଙ୍କ ମୃତ୍ୟୁ ହୋଇଛି । ତେବେ ଗ୍ରାମରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ଡାକ୍ତରୀ ଟିମ୍ କହିଛନ୍ତି । ଏନେଇ ବାଲିଗୁଡ଼ା ଉପଜିଲ୍ଲାପାଳ ଡା. ରୀନା ପ୍ରଧାନ କହିଛନ୍ତି ଯେ, ଏହି ଘଟଣାକୁ ନେଇ ମେଡିକାଲ୍ ଟିମ୍ ସହ ଗ୍ରାମ୍ୟ ପରିମଳ ବିଭାଗ ଟିମ୍ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରିବେ । ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ୍ ଅଫିସର୍ ଡାକ୍ତର ଅଭିଶେକ୍ ନାୟକ ଓ ତାଙ୍କ ଟିମ୍ ଏହି ଝିରିପାଣି ପଞ୍ଚାୟତର ବରଗାଁ, ନଳକୁଟି, କୁନାବେଡା, ଘାଟିପଦର, ମାଙ୍କଡ଼ ଚୁଆଁ, ବରଗୁଡା, ସୁରାଙ୍ଗବାରୁ ଗ୍ରାମକୁ ଯାଇ ଅଧିବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ ଚିକିତ୍ସା କରାଇଛନ୍ତି । ଚିକିତ୍ସା କରି ଡାକ୍ତର ଅଭିଷେକ ପ୍ରଧାନ କହିବା ପ୍ରକାରେ ଗାଁରେ ସୁରେନ୍ଦ୍ର ମାଝୀ (୧୬), ରାଡାମାରୁ ମାଝୀ (୬୪), କଣା ମାଝୀ (୨୫), କିଷାନ ମାଝୀ (୧୬) ସାମାନ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ଥିଲେ । କିଛି ଦିନ ମଧ୍ୟରେ କୁନାବେଡ଼ା ଗାଁର ବଡ଼ଗୁଡ଼ି ମାଝୀ (୬୦), ମାଙ୍କଡ଼ଚୁଆଁ ଗାଁର ବାକଟୀ ମାଝୀଙ୍କ ମୃତ୍ୟୁ ହୋଇଛି । ମାତ୍ର ଝାଡ଼ାବାନ୍ତି ନୁହେଁ ଅନ୍ୟ କୌଣସି କାରଣରୁ ମୃତ୍ୟୁ ହୋଇଥିବା ଡାକ୍ତର ଅଭିଷେକ କହିଛନ୍ତି । ଗ୍ରାମ୍ୟ ପରିମଳ ବିଭାଗର ଯନ୍ତ୍ରୀ ରାମଚନ୍ଦ୍ର ଚୌଧୁରୀ ଓ ଯନ୍ତ୍ରୀ ସ୍ନେହଲତା ପ୍ରଧାନ ଏହି ଗ୍ରାମମାନଙ୍କୁ ଯାଇ ପାଣିକୁ ନେଇ ପରୀକ୍ଷା କରିଛନ୍ତି । ଗ୍ରାମବାସୀ ଯୋଗାଣ ହେଉଥିବା ବିଶୁଦ୍ଧ ଜଳ ବ୍ୟବହାର କରୁଛନ୍ତି । ଗ୍ରାମରେ କାଁ ଭାଁ ଆକ୍ରାନ୍ତ ହୋଇଛନ୍ତି । ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଛି ।

## ୫ ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ:୪ ଗିରଫ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବୁଢ଼ିକୁଦ ବାଲି ଘାଟରୁ ଦିନ ରାତି ପ୍ରଶାସନକୁ ବେଖାତିର କରି ବାଲି ମାଫିଆ ମାନେ ବାଲି ନେଉଥିବା ବେଳେ ଆନନ୍ଦପୁର ପୋଲିସର ଅଚାନକ ଚଢ଼ଉରେ ବାଲି ମାଫିଆଙ୍କ ନିଦ ହଜିଥିବା ବେଳେ ୫ଟି ଟ୍ରାକ୍ଟରକୁ ଜବତ କରିବା ସହ ୪ ଜଣ ଗାଡ଼ି ଚାଳକଙ୍କୁ ଆନନ୍ଦପୁର ଥାନାକୁ ଆଣିଥିଲେ । ପରେ ସେମାନଙ୍କୁ କୋର୍ଟ ଚାଲାଣ କରିଥିବାର ସୂଚନା ମିଳିଛି । ଏହି ଚଢ଼ଉ ସମୟରେ ବଡ଼ ବଡ଼ ବାଲି ମାଫିଆ ଖସିଯାଇଥିବାର ଜଣାପଡିଛି ।





### ସିଆର୍‌ସିଆଇ-ବିଜିୟୁ ମିଳିତ କନ୍‌କ୍ଲେଭ୍

# ଅତ୍ୟାଧୁନିକ ବୈଷୟିକ ବିକାଶ ସହ ଜନସମ୍ପର୍କର ପରିଭାଷା ବଦଳୁ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**




ସମୟ ବହୁ ଦ୍ରୁତଗତିରେ ବଦଳୁଛି । ସମୟ ସହ ତାଳ ଦେଇ ବୈଷୟିକ ବିଜ୍ଞାନର ବିକାଶଧାରା ଆଧୁନିକରୁ ଅତ୍ୟାଧୁନିକ ସ୍ତରକୁ ଉନ୍ନିତ ହୋଇସାରିଛି । ଏହି ଜ୍ଞାନକୌଶଳର ବିକାଶ ସହ ଜନସମ୍ପର୍କ ଯାତ୍ରାର ପରିଭାଷା ଏବଂ ଜନସମ୍ପର୍କ ବିଭାଗମାନଙ୍କର କର୍ମକୁଶଳତା ଓ ପରିପାଟୀ ଅତ୍ୟାଧୁନିକ ଯନ୍ତ୍ରପାତି ସହ ପରିବର୍ତ୍ତନ ହେବା ଉଚିତ୍ ବୋଲି ପବ୍ଲିକ୍ ରିଲେସନ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ପିଆର୍‌ସିଆଇ) ଓ ବିର୍ଲା ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟ (ବିଜିୟୁ)ର ମିଳିତ ଉଦ୍ୟମରେ ଇତି ମଧ୍ୟରେ ଅନୁଷ୍ଠିତ ଇଷ୍ଟ ଜୋନ୍ କନ୍‌କ୍ଲେଭ୍‌ରେ ବକ୍ତାମାନେ ଏପରି ମତବ୍ୟକ୍ତ କରିଛନ୍ତି । ବିଜିୟୁ ସମ୍ମିଳନୀ କକ୍ଷରେ ଏହି ଦିନିକିଆ କନ୍‌କ୍ଲେଭ୍‌ରେ ପରିବର୍ତ୍ତିତ ପରିସ୍ଥିତିରେ ଜନସମ୍ପର୍କର ପୁନଃ ବାଖ୍ୟାକରଣ ଶୀର୍ଷକ ଆଲୋଚନା ଚକ୍ରକୁ ବିର୍ଲା ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ପି. ପି. ମାଥୁର ଉଦ୍‌ଘାଟନ କରିଥିଲେ ଏବଂ ଓଡ଼ିଶାର ମୁଖ୍ୟ ସୂଚନା ଆୟୁକ୍ତ ତଥା ଅବସରପ୍ରାପ୍ତ ଭାରତୀୟ ପୋଲିସ ସେବା ପ୍ରଶାସକ ଜଳଦା କୁମାର ତ୍ରିପାଠୀ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ପବ୍ଲିକ୍ ରିଲେସନ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ଓଡ଼ିଶା ଚାପ୍ଟରର ସଭାପତି ପ୍ରଫେସର ଡଃ ଅଶୋକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପବ୍ଲିକ୍ ରିଲେସନ୍ କାଉନ୍‌ସିଲର ଅଧ୍ୟକ୍ଷ ଏମିରିଟସ୍ ତଥା ଚିଫ୍ ମେଣ୍ଟର୍ ଏମ.ବି ଜୟରାମ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବିଶ୍ୱ ଜନସମ୍ପର୍କର ପରିବର୍ତ୍ତନ ଓ ଏହାର ଉପଯୁକ୍ତ ଅଧ୍ୟୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି କାଉନ୍‌ସିଲର ଜାତୀୟ ଅଧ୍ୟକ୍ଷା ଗୀତା ଶଙ୍କର, ଜାତୀୟ ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ରବି ନାରାୟଣ ମହାପାତ୍ର ଏବଂ ବିଶ୍ୱବିଦ୍ୟାଳୟର ସହଯୋଗୀ ଡିନ୍ ଡଃ ଶିବଶଙ୍କର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ପରିବର୍ତ୍ତିତ ପରିସ୍ଥିତିରେ ଜନସମ୍ପର୍କର ଆବଶ୍ୟକତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଏବଂ କାଉନ୍‌ସିଲର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ କାଉନ୍‌ସିଲର ଜାତୀୟ ନିର୍ଦ୍ଦେଶକ ତଥା ସଚିବ ଡଃ ବିନୟ କୁମାର, ବିଜିୟୁର କୁଳସଚିବ ପ୍ରଫେସର ବି.କେ ଦାସ, ନିଫ୍‌ଟର ନିର୍ଦ୍ଦେଶକ ରାଜେଶ ଝା ଏବଂ ବିଜିୟୁର ସହକାରୀ ପ୍ରଫେସର ଡଃ ଜ୍ଞାନ ରଂଜନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି ଅବସରରେ ବିଶ୍ୱ କମ୍ୟୁନିକେଶନ୍ କାଉନ୍‌ସିଲର ତିନିଟି ଚାପଟର୍‌କୁ ଜାତୀୟ ବରିଷ୍ଠ କାର୍ଯ୍ୟନିର୍ବାହୀ ସଭାପତି ତଥା ଭାରତୀୟ ରେଳପଥର ପ୍ରାକ୍ତନ ବରିଷ୍ଠ ପ୍ରଶାସକ ରବିନାରାୟଣ ମହାପାତ୍ରଙ୍କ ସଂଯୋଜନାରେ ଉଦ୍‌ଘାଟନ କରାଯାଇଥିଲା । ଲଣ୍ଡନ ଚାପ୍ଟରର ନିର୍ଦ୍ଦେଶକ ଡଃ କାର୍ତ୍ତିକେୟ ତ୍ରିପାଠୀ, ସିଙ୍ଗାପୁର ଚାପ୍ଟରର ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଓ ୟୁନାଇଟେଡ୍ ଗଲ୍‌ଫ ଚାପଟ୍ରର ନିର୍ଦ୍ଦେଶକ ବିଶ୍ୱରଞ୍ଜନ ସାହୁ ଏହି ଉଦ୍‌ଘାଟନୀ ଉତ୍ସବରେ ବକ୍ତବ୍ୟ ପ୍ରଦାନ କରିଥିଲେ ।



## କଣ୍ଟାବାଞ୍ଜି ରେଳ ଷ୍ଟେସନ୍‌ରେ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ଶୁଭାରମ୍ଭ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ଦୁର୍ଗରୁ ବିଶାଖାପଟନମ୍ ପର୍ଯ୍ୟନ୍ତ ନୂତନ ବନ୍ଦେ ଭାରତ ଟ୍ରେନ୍ ଗତ ସେପ୍ଟେମ୍ବର ୧୬ରେ ଏକ ଅଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ କଣ୍ଟାବାଞ୍ଜି ରେଳ ଷ୍ଟେସନ୍‌ରେ ଏକ ସଭା ଆୟୋଜନ କରାଯାଇଥିଲା । ଯେଉଁଥିରେ ଲୋକସଭା ସାଂସଦ ସଂଗୀତ କୁମାରୀ ସିଂ ଦେବ, ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ, ରେଳ ବିଭାଗ ମଣ୍ଡଳ ପ୍ରବନ୍ଧକ ସମ୍ବଲପୁର ତୁଷାରକାନ୍ତ ପାଣ୍ଡେ, ଡିଜି ଆର୍‌ପିଏଫ୍ ଭବାନୀଶଙ୍କର ନାଥ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସହରର ଅଗ୍ରଣୀ ସଂଗଠନ ରାଇଟ୍ ଟୁ ଫାଇଟ୍, ପ୍ରେସ୍ କ୍ଲବ୍, ରେଲଓ୍ୱେ ଯାତ୍ରୀ ସଂଘ ଆସୋସିଏସନ୍, ଚାମ୍ବର ଅଫ୍ କମର୍ସ ଏବଂ ଅନ୍ୟାନ୍ୟ ସଂଗଠନ ଉପସ୍ଥିତ ଥିଲେ । ଏହି ସମୟରେ ରେଲଓ୍ୱେ ଯାତ୍ରୀ ସଂଘ କଣ୍ଟାବାଞ୍ଜି ଦ୍ୱାରା ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା ଏବଂ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଦସ୍ୟ ପ୍ରଭଜିତ ସିଂ ସାଲୁଜା, ଧନଞ୍ଜୟ ମଜଖଣ୍ଡ, କମଲଜିତ୍ ମାଜା, ବିକାଶ ବେହେରା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ । ଏହି ସଂଗଠନ ତରଫରୁ ରେଲଓ୍ୱେ ସମ୍ବନ୍ଧିତ ବହୁ ଦାବିକୁ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା, ପ୍ରଧାନମନ୍ତ୍ରୀଙ୍କ ପତାକା ଦେଖାଇବା ସହିତ ବନ୍ଦେ ଭାରତ ଟ୍ରେନ୍‌କୁ କଣ୍ଟାବାଞ୍ଜି ଷ୍ଟେସନ୍‌ରେ ସ୍ୱାଗତ କରାଯାଇଥିଲା, ଏହି ସମୟରେ ସାଂସଦ ସଂଗୀତା କୁମାରୀ ସିଂଦେଓ ଏବଂ ବିଧାୟକ ଲକ୍ଷ୍ମଣ ବାଗଙ୍କ ଦ୍ୱାରା କଣ୍ଟାବାଞ୍ଜୀ ଷ୍ଟେସନ୍‌ରୁ ସବୁଜ ପତାକା ଦେଖାଇଥିଲେ । କାର୍ଯ୍ୟକ୍ରମରେ ସୁରକ୍ଷା ଉପରେ ନଜର ରଖି ରେଳ ସୁରକ୍ଷା ବଳର ବିଭାଗୀୟ ସୁରକ୍ଷା କମିଶନର ଉପସ୍ଥିତ ଥିଲେ । ଯାହାର ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ରେଳ ସୁରକ୍ଷା ବଳ ଅଧିକାରୀ ଏବଂ କନେଷ୍ଟବଳ ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ । ଏହି ସମୟ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ରେଳ ମଣ୍ଡଳ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ବୃ / ୧୦ମ | ୮ | ରା୭ / ଶୁ୬ |
| ୧୧ | ୧ / ୧ | ୫ |
| ୧୨ବୃ / ଲକେର | ୨ଶୁ | ୪ / ୩ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୦।୯।୨୦୨୪, ଆଶ୍ୱିନ ଦି୫ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୩୫।୦୮** **ଚନ୍ଦ୍ରୋଦୟ- ସଂଘ୭।୨୫।୦୬**

**ତୃତୀୟା-** ରାଘ ୯।୧୫ ପର୍ଯ୍ୟନ୍ତ । **ଅଶ୍ୱିନୀ ନକ୍ଷତ୍ର-** ରାଘ ୨।୪୩ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୯।୧୫ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୯ ଗତେ ଘ ୬।୨୭ ମଧ୍ୟେ। ଦିଘ ୧୨।୦୪ ଗତେ ଘ ୩।୧୬ ମଧ୍ୟେ ।


**ମେଷ:** ଆଜି ଦିନଟି ସେତେ ଭଲରେ କଟିବନାହିଁ । ମନରେ ଅଶାନ୍ତି ସୃଷ୍ଟି ହେବ । ପାରିବାରିକ ଜଞ୍ଜାଳ ସୃଷ୍ଟି ହେବ । କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ । ରୋଜଗାର ମଧ୍ୟମ ଧରଣର ହେବ ।


**ବୃଷ:** କର୍ମକ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ । ସାର୍ବଜନୀନ କାର୍ଯ୍ୟରେ ଯୋଗଦାନ କରିବେ । ରୋଜଗାର ଭଲ ହେବ । ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ । ଗୃହେ ଅଶାନ୍ତି ଦେଖାଦେବ ।


**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ ହେବ । ଦେହ ସୁସ୍ଥ ରହିବା ସହିତ ଆୟରେ ଅଗ୍ରଗତି ହେବ । ଧନ ପ୍ରାପ୍ତିର ଯୋଗ ରହିଛି । ଦୂରଯାତ୍ରାରେ ପରିଶ୍ରମ କିନ୍ତୁ ସଫଳତା ପ୍ରାପ୍ତି ହେବ ।


**କର୍କଟ:** ଦୂରଯାତ୍ରା କରିପାରନ୍ତି । ଆନନ୍ଦରେ ଦିନ କଟିବ । କୌଣସି ନୂତନ ସ୍ଥାନକୁ ଭ୍ରମଣରେ ଯିବାର ଯୋଜନା କରିବାର ଆଶା ମଧ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଗୃହେ ଶାନ୍ତି ଲାଭ ।


**ସିଂହ:** ସୁସ୍ଥତା ଅନୁଭବ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଅଳସୁଆ ହେବେ । କୁଟୁମ୍ବେ ସୁଖ ଅଧିକ । ବିଶ୍ରାମ ହେତୁ କାର୍ଯ୍ୟନାଶ ବା ପ୍ରତାରଣାର ଶିକାର ହେବେ । ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ ।


**କନ୍ୟା:** କର୍ମକ୍ଷେତ୍ରରେ ବିଳମ୍ବତା ହେତୁ କାର୍ଯ୍ୟନାଶ ହେବ । କୌଣସି କାର୍ଯ୍ୟ ସୁରୁଖୁରୁରେ ହେବନାହିଁ । ବାଧା ବନ୍ଧନ ପରି ପରିସ୍ଥିତି ସୃଷ୍ଟି ହେବ । ଦେହ ସୁଖ ଲାଭ କରିବ । ଆୟ ସ୍ଥିର ରହିବ ।


**ତୁଳା:** ମନରେ ସରସତା ରହିବ । ଆୟର ପରିମାଣ ବୃଦ୍ଧି ପାଇବ । ସହକର୍ମୀମାନଙ୍କ ସାହାଯ୍ୟ ଲାଭ କରିବେ । ପରିଶ୍ରମରେ ସଫଳ ପ୍ରାପ୍ତ ହେବ । ପାରିବାରିକ ଜଞ୍ଜାଳ ବଢ଼ିବାର ଆଶା ।


**ବିଛା:** ପାରିପାର୍ଶ୍ୱିକ ଅବସ୍ଥାର ପରିବର୍ତ୍ତନ ହେବ । ପ୍ରାୟତଃ ସେଖ୍ୱନ୍ୟ କାର୍ଯ୍ୟରେ ନିୟୋଜିତ କରିବେ । ଉଚ୍ଚ ସମ୍ମାନ ପ୍ରାପ୍ତ ହେବ । ବାକିଥିବା କାର୍ଯ୍ୟକୁ ସମ୍ପନ୍ନ କରିବେ । ଗୃହେ ଆନନ୍ଦ ଲାଭ ହେବ ।


**ଧନୁ:** ଇଚ୍ଛା କରିଥିବା କାର୍ଯ୍ୟ ସମ୍ପାଦନରେ ବାଧା ଉପୁଜିବ । ମନ ସଙ୍କୁଚିତ ହେବ । ପାରିବାରିକ ଅଶାନ୍ତିର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଦ୍ରବ୍ୟହାନୀ ଯୋଗ ମଧ ରହୁଛି । କଚେରି ମାମଲାରେ ସଫଳତା ମିଳିବ ।


**ମକର:** କଳହର ପରିମାଣ ବଢ଼ିବ । ଭାତୃ ବିବାଦ ଦେଖାଦେବାର ସୂଚନା । ଆୟର ପରିମାଣ ବଢ଼ିବ । ପରିଶ୍ରମାନୁଯାୟୀ ଫଳ ଲାଭ କରିବେ । ଗୃହେ ସୁଖ ସନ୍ତୋଷ ଲାଭ କରିବେ । ମନ ଅସ୍ଥିର ରହିବ ।


**କୁମ୍ଭ:** ହାତେ ହାତେ କୃତକର୍ମର ଫଳ ଲାଭ କରି ଆନନ୍ଦିତ ହେବେ । ସାଧାରଣରେ ଯଶ ଖ୍ୟାତି ବଢ଼ିବ । ପରିଶ୍ରମ ଅନୁଯାୟୀ ଫଳ ମିଳିପାରେ । ଘରେ ଆନନ୍ଦ । ଆୟ ଓ ବ୍ୟୟ ସମାନ ରହିବ ।


**ମୀନ:** ସ୍ୱାଧୀନତା ରହିବନାହିଁ । କର୍ମକ୍ଷେତ୍ରରେ ବିଚଳିତ କରିବେ । ଆୟରେ ବାଧା ଦେଖାଦେବାର ସମ୍ଭାବନା । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପ୍ରାପ୍ତ ହେବ । ମହିଳାମାନେ ସୁଖୀ ହେବେ । ଦେହ ଭଲ ରହିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୧।୯।୨୦୨୪, ଆଶ୍ୱିନ ଦି୬ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୩୫।୨୦** **ଚନ୍ଦ୍ରୋଦୟ- ରାଘ୮।୧୧।୧୩**

**ଚତୁର୍ଥୀ-** ସଂଘ ୬।୧୪ ପର୍ଯ୍ୟନ୍ତ । **ଦ୍ୱିକା ନକ୍ଷତ୍ର-** ରାଘ ୧୨।୩୮ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ସଂଘ ୬।୧୪ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୧୬ ଗତେ ଘ ୮।୩୯ ମଧ୍ୟେ। ଦିଘ ୧୨।୦୪ ଗତେ ଘ ୧।୧୦ ମଧ୍ୟେ ।

**ପର୍ବୋତ୍ସବ -** ଆନ୍ତର୍ଜାତୀୟ ଶାନ୍ତି ଦିବସ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଦେଶରେ କୋଟି କୋଟି ଟଙ୍କା ହ୍ରାସ

ଭାରତୀୟମାନେ ସଞ୍ଚୟ ପ୍ରିୟ। ଯିଏ ଯେତେ ରୋଜଗାର କରନ୍ତୁ ନା କାହିଁକି ସେଥିରୁ କିଛି ସଞ୍ଚୟ କରି ଘରେ ରଖିବାକୁ ପସନ୍ଦ କରନ୍ତି। ଲୋକମାନଙ୍କ ସେହି ମାନସିକତା ଭାରତକୁ ଅନ୍ୟ ଦେଶଠାରୁ ଭିନ୍ନ କରିଥିବା ବେଳେ ପରିବାର ସଞ୍ଚୟ କ୍ଷେତ୍ରରେ ଦେଶକୁ ଅଗ୍ରଣୀ ରଖିଛି। କିନ୍ତୁ ଗତ କିଛି ବର୍ଷ ହେଲାଣି ପରିବାରରେ ହେଉଥିବା ସଞ୍ଚୟ ଉପରେ ଚାପ ସୃଷ୍ଟି ହୋଇଛି। ଲୋକମାନେ ଘରେ ପୂର୍ବ ଭଳି ସଞ୍ଚୟ କରିପାରୁନାହାନ୍ତି କିମ୍ବା ସଞ୍ଚିତ ରାଶିରୁ ଖର୍ଚ୍ଚ କରିବାକୁ ବାଧ୍ୟ ହୋଇଛନ୍ତି ବୋଲି ଏକ ତଥ୍ୟରୁ ଜଣାପଡ଼ିଛି। ଜାତୀୟ ଖାତା ପରିସଂଖ୍ୟାନ ୨୦୨୪ ତଥ୍ୟ ଅନୁସାରେ ଦେଶର ପରିବାର ସଞ୍ଚୟ ପରିମାଣ ଗତ ତିନି ବର୍ଷରେ ପ୍ରାୟ ୯ ଲକ୍ଷ କୋଟି ଟଙ୍କା ହ୍ରାସ ପାଇ ୧୪.୧୬ ଲକ୍ଷ କୋଟି ଟଙ୍କାକୁ ଖସିଆସିଛି। ୨୦୨୦-୨୧ରେ ପରିବାର ସଞ୍ଚୟ ପରିମାଣ ୨୩.୨୯ ଲକ୍ଷ କୋଟି ଟଙ୍କା ଭଳି ଉଚ୍ଚ ସ୍ତରରେ ଥିଲା। ୨୦୨୨-୨୩ ସୁଦ୍ଧା ସେଥିରୁ ୯ ଲକ୍ଷ କୋଟି ଟଙ୍କା ବାହାରି ଯାଇଛି। ଅର୍ଥାତ ତିନି ବର୍ଷ ଭିତରେ ଲୋକମାନେ ପରିବାର ଚଳାଇବା ଲାଗି ସଞ୍ଚିତ ରାଶି ଉପରେ ନିର୍ଭରଶୀଳ ହୋଇପଡ଼ିଥିଲେ ବୋଲି ପରୋକ୍ଷରେ କୁହାଯାଇପାରିବ। ନିଯୁକ୍ତି ବଜାରରେ କଠିନ ସ୍ଥିତି, ଲୋକମାନଙ୍କ ଆୟ ଉପରେ ରହିଥିବା ଚାପ ଏବଂ ଦରଦାମ୍ ସ୍ଥିତି ବେଲଗାମ ରହିବା କାରଣରୁ ଲୋକମାନଙ୍କୁ ଆଉ ସଞ୍ଚୟ କରିବା ଲାଗି ବିଶେଷ ସୁଯୋଗ ମିଳୁନାହିଁ। ୨୦୨୧-୨୨ରେ ପରିବାର ସଞ୍ଚୟ ରାଶି ୧୭.୧୨ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଥିଲା। ୨୦୨୨-୨୩ରେ ତାହା ୧୪.୧୬ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି ଯାହା ଗତ ପାଞ୍ଚ ବର୍ଷ ଭିତରେ ସବୁଠୁ କମ୍। ଶେଷ ଥର ପାଇଁ ୨୦୧୭-୧୮ରେ ପରିବାର ସଞ୍ଚୟ ପରିମାଣ ୧୩.୦୫ ଲକ୍ଷ କୋଟି ଟଙ୍କା ଭଳି ନିମ୍ନ ସ୍ତରକୁ ଖସିଆସିବା ପରେ ୨୦୧୮-୧୯ରେ ୧୪.୯୨ ଲକ୍ଷ କୋଟି ଟଙ୍କାକୁ ଏବଂ ୨୦୧୯-୨୦ରେ ୧୫.୪୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ସରକାରଙ୍କ ଏହି ତଥ୍ୟରୁ ଆଉ ଗୋଟିଏ ଚିତ୍ର ସାମ୍ନାକୁ ଆସିଛି। ତାହା ହେଉଛି ଲୋକମାନେ ମ୍ୟୁଚୁଆଲ୍ ଫଣ୍ଡରେ ଅଧିକ ନିବେଶ କରୁଛନ୍ତି। ସେଥିପାଇଁ ତିନି ବର୍ଷରେ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ପରିମାଣ ତିନି ଗୁଣା ବୃଦ୍ଧି ପାଇ ୨୦୨୨-୨୩ ସୁଦ୍ଧା ୧.୭୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୦-୨୧ରେ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ପରିମାଣ ୬୪,୦୮୪ କୋଟି ଟଙ୍କା ଥିବା ବେଳେ ୨୦୨୧-୨୨ରେ ତାହା ୧.୬ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଆଲୋଚ୍ୟ ତିନି ବର୍ଷରେ ସେୟାର ଓ ଡିବେଞ୍ଚରରେ ନିବେଶ ପରିମାଣ ଦୁଇ ଗୁଣା ବୃଦ୍ଧି ପାଇ ୨୦୨୨-୨୩ ସୁଦ୍ଧା ୨.୦୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୦-୨୧ରେ ଏହି ନିବେଶ ପରିମାଣ ୧.୦୭ ଲକ୍ଷ କୋଟି ଟଙ୍କା ଥିଲା। ପରିବାରଗୁଡ଼ିକର ଋଣ ବୋଝ ଇତି ମଧ୍ୟରେ ବୃଦ୍ଧି ପାଇଛି। ଆର୍ଥିକ ସଂସ୍ଥାଗୁଡ଼ିକରୁ ପରିବାରଗୁଡ଼ିକ ନେଇଥିବା ଋଣ ଚାରି ଗୁଣା ବୃଦ୍ଧି ପାଇ ୨୦୨୨-୨୩ ସୁଦ୍ଧା ୩.୩୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୦-୨୧ରେ ପରିବାରଗୁଡ଼ିକ ଉପରେ ୯୩,୭୨୩ କୋଟି ଟଙ୍କାର ଋଣ ବୋଝ ଥିଲା ଯାହା ୨୦୨୧-୨୨ ସୁଦ୍ଧା ୧.୯୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା ବୋଲି ଜଣାପଡ଼ିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱାହା ସ୍ୱଧା ନମୁତେ ।'



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୫୧



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଶ୍ରୀରାମଙ୍କର ଆଉ କୋଟିଏ ଭୟାବହ ଅତୀତର ସ୍ମୃତି ଆଜି ମନେ ପଡି ତାଙ୍କର ମନକୁ ବିଚଳିତ କରି ଦେଉଛି। ଇଏ ହେଉଛି ସୀତାଙ୍କୁ ବର୍ଜନ କରିବାର ସମୟର କଥା। ଯେଉଁ ଦିନ ସୀତାଙ୍କୁ ବର୍ଜନ କରିଦେବା ପାଇଁ ଶ୍ରୀରାମ ଲକ୍ଷ୍ମଣଙ୍କୁ ନିର୍ଦ୍ଦେଶ ଦେଲେ। ଲକ୍ଷ୍ମଣ କହିଥିଲେ ସେଦିନ " ଭାଇ ! ତୁମେ ମୁନି ଋଷି ମାନଙ୍କର ଆଶ୍ରମ ବୁଲାଇ ଆଣିବାର ଗୋଟା ବଳିଷ୍ଠ ଛଳନାକୁ ଭାଉଜଙ୍କ ମନରେ ସୃଷ୍ଟି କରାଇ ମୋତେ କହୁଛ ଯେ, ସୀତାଙ୍କୁ ନିବିଡ ଅରଣ୍ୟ ମଧ୍ୟରେ ଛାଡିଦେଇ ଆସିବି ବୋଲି, କିନ୍ତୁ ମନେ ରଖ ଭାଇ, ଛନ୍ଦ କପଟ ଆଚରଣ କରି ଆଜି ଯଦି ସୀତାଙ୍କୁ ନେଇ ନିବିଡ ଅରଣ୍ୟ ମଧ୍ୟରେ ଛାଡି ଦେଇ ଆସିବି ତାହାର ଭୟାନକ ପରିଣାମ କ'ଣ ହେବ, ତାହା ସମୟ ଆସିଲେ ଜଣାପଡିବ। ଆପଣ ଯେଉଁ କଥା କହୁଛନ୍ତି ସେ କଥାକୁ ଥରେ ନୁହେଁ ଏକାଧିକବାର ଚିନ୍ତା କରି କୁହନ୍ତୁ। ଅନ୍ତସତ୍ତ୍ୱା ଭାଉଜଙ୍କୁ ଯେତେବେଳେ ନିର୍ଜନ ଅରଣ୍ୟ ମଧ୍ୟରେ ବଳପୂର୍ବକ ଆଉ ତାଙ୍କର ଅନିଚ୍ଛା ସତ୍ତ୍ୱେ ଛାଡିଦେଇ ଆସିବି, ସେତେବେଳେ ତାଙ୍କ ଆଖିରୁ ଯେଉଁ ତତଲା ଲୁହ ଧାର ଧାର ହୋଇ ବହି ଯାଉଥିବ, ଆଉ ଯେତେବେଳେ ସେ ବିକଳ ହୋଇ କାନ୍ଦୁଥିବ, ତାହାର ପରିଣାମ ବିଷୟରେ ଥରେ ଭାବି ନିଅ ଭାଇ। ଆଉ ମନେରଖ, ଭାଉଜ ସେ ନିର୍ଜନ ଅରଣ୍ୟରେ ଯେତିକି ଅଶ୍ରୁପାତ କରିଥିବେ, ତାହାର ଶତ ସହସ୍ର ଗୁଣରେ ତୁମ ଆଖିରୁ ଠିକ୍ ସେହିପରି ଅଶ୍ରୁପାତ ଦିନେ ନିଶ୍ଚୟ ସୃଷ୍ଟି ହେବ, ସେ ସମୟରେ ତୁମ ନିକଟରେ ଆଉ କେହି ନଥିବେ ତୁମ ଆଖିରୁ ଲୁହ ପୋଛିବାକୁ, ଆଉ ଯିଏ ତୁମକୁ ସେତେବେଳେ ଯେତେ ବୁଝେଇବ, ସେ ବୁଝାଇବାରେ ବି ତୁମ ଲୁହର ମହାସମୁଦ୍ର ବୁକୁରେ ଉଠୁଥିବା ଉତ୍ତାଳ ତରଙ୍ଗକୁ ପୃଥିବୀର କୌଣସି ମହାଶକ୍ତି ରୋକି ପାରିବନାହିଁ।' ଆଜି ମନେ ପଡୁଛି ଏଇ ଲକ୍ଷ୍ମଣର କଥା ଶ୍ରୀରାମଙ୍କର, ଭାବୁଛନ୍ତି ଲକ୍ଷ୍ମଣ ଯାହା କହିଥିଲା ତାହା ଆଜି ଅକ୍ଷରେ ଅକ୍ଷରେ ସତ ହୋଇଯାଇଛି। ଆଜି ସେ ବୁଝୁଛନ୍ତି ଗୋଟିଏ ନାରୀ ଆଖିର ଲୁହ କେତେକେତେ ମହାବିନାଶର ପର୍ବ ସୃଷ୍ଟି କରିପାରେ। ଶ୍ରୀରାମ ଏହିପରି ଗଭୀର ଚିନ୍ତା କରି କରି ବିବ୍ରତ ହୋଇ ପଡିବା ବେଳେ ଗୋଟାଏ ବଂଶୀର ଶିଥିଳ ଧ୍ୱନି ଶୁଣିବାକୁ ପାଉଛନ୍ତି ସମସ୍ତ ମୁନି ଋଷିମାନେ। ବଂଶୀର ଏହି ସୁ କୋମଳ ଧ୍ୱନି କେଉଁଠାରୁ ଆସୁଛି, ଆଉ କେଉଁ ଦିଗରୁ ଆସୁଛି, ତାହାବି ଧୀରେ ଧୀରେ ଅଯୋଧ୍ୟା ରାଜଭବନ ମଧ୍ୟକୁ ପ୍ରବେଶ କରୁଛି। ତାକୁ ଆବିଷ୍କାର କରିବା ପାଇଁ ସମ୍ଭବତଃ ବିଚଳିତ ଭାବରେ ଚତୁର୍ଦ୍ଦିଗକୁ ଲକ୍ଷ୍ୟ କରୁଛନ୍ତି। ଏହି ବଂଶୀ ମୁନର କୋମଳ ତରଙ୍ଗରେ ସମସ୍ତ ମୁନିଋଷି ହତବାକ୍ ହୋଇ ଚତୁଃର୍ଦ୍ଦିଗକୁ ଲକ୍ଷ୍ୟ କରୁଥିବା ବେଳେ କେବଳ ପ୍ରକୃତିସ୍ଥ ରହିଥାନ୍ତି ମହର୍ଷୀ ବାଲ୍ମିକି। ସେ ବିଚଳିତ ନଥାନ୍ତି, ଏହାର କାରଣ ହେଉଛି ବାଲ୍ମିକି ହେଉଛନ୍ତି ତ୍ରୀକାଳ ଦର୍ଶୀ ସାଧକ ଯାହାକି ଶ୍ରୀରାମଙ୍କର ପରବର୍ତ୍ତୀ ଲୀଳା ସଂପର୍କରେ ଯଥେଷ୍ଟ ସଚେତନ। ଏହି ସମୟରେ ଶ୍ରୀରାମଙ୍କର ହାତମୁଠାରୁ ଲକ୍ଷ୍ମଣଙ୍କର ହାତ ଧୀରେ ଧୀରେ ବିଚ୍ଛିନ୍ନ ହୋଇଗଲା। ଲକ୍ଷ୍ମଣ ଆଉ ପଛକୁ ଫେରି ନଚାହିଁ ରାଜଭବନର ମୁଖ୍ୟ ସିଂହଦ୍ୱାର ଅଭିମୁଖେ ପାଦ ପକାଇ ଚାଲିଥାନ୍ତି। ଆଉ ମାତ୍ର କିଛି ସମୟ ମଧ୍ୟରେ ସନ୍ଧ୍ୟା ଉପଗତ ହୋଇଥିବାର ଆଶଙ୍କାକୁ ଲକ୍ଷ୍ୟ କରି ଲକ୍ଷ୍ମଣ ଚାଲି ଆସିଲେଣି ସିଂହଦ୍ୱାର ନିକଟକୁ। ଗୋଟିଏ ପାହାଚ ଅତିକ୍ରମ କରି ଦ୍ୱିତୀୟ ପାହାଚରେ ପାଦ ପକାଇବାକୁ ଯାଉଛନ୍ତି ଠିକ୍ ସେହି ଦ୍ୱିତୀୟ ପାହାଚରେ ପହଞ୍ଚିବା ବେଳେ ରାଜ ଭବନ ସମ୍ମୁଖରେ ଅଶ୍ରୁବିଚଳିତ ଶହ ଶହ ଅଯୋଧ୍ୟା ବାସୀ ନିର୍ବାକ ନୟନରେ ଚାହିଁ ରହିଥାନ୍ତି ଲକ୍ଷ୍ମଣଙ୍କର ଶେଷ ଦର୍ଶନ କରିବା ପାଇଁ। ବଡ ଅଦ୍‌ଭୂତ ସମୟ। ସୂର୍ଯ୍ୟ ସଂପୂର୍ଣ୍ଣ ଅସ୍ତ ହୋଇ ନାହାନ୍ତି କିନ୍ତୁ ଗୋଧୂଳି ଲଗ୍ନ ସମାପ୍ତ ହୋଇଯାଉଛି। କିନ୍ତୁ ଦୁଃଖର ବିଷୟ ଚତୁର୍ଦ୍ଦିଗଟା କାହିଁକି ନିବିଡ ଅନ୍ଧାର ପରି ପ୍ରତୀୟମାନ ହେଉଛି। ଚତୁର୍ଦ୍ଦିଗରେ ପ୍ରଜାମାନଙ୍କର ଅଶ୍ରୁପାତର କୋଳାହଳଟା ଏପରି ଶୁଭୁଛି, ଯେପରି ପ୍ରଳୟ ସମୟର ବାତାବରଣ ଠାରୁ ଆହୁରି ଭୟାନକ ଆଉ ହୃଦୟ ବିଦାରକ। ଅଯୋଧ୍ୟାର ରାଜପଥଟାରେ ଏପରି ଭିଡ ଲାଗିରହିଛି, ଯାହାକୁ ଦେଖିଲେ ଯେ କେହିବି ଜାଣି ପାରିବ ଯେ ଲକ୍ଷ୍ମଣଙ୍କର ଏ ଧରାଧାମରୁ ବିଦାୟ କେତେ ଗମ୍ଭୀର କେତେ ଭୀଷଣ ଏ ଅଶ୍ରୁପାତର ଜ୍ୱାଳା। ବଶିଷ୍ଠ ଏ ବିଶାଳ ଅଶ୍ରୁ ବିଚଳିତ ଜନ ସମାଗକୁ ଦେଖି ମୁହୁର୍ମୁହୁ ବିଚଳିତ ହୋଇ ପଡୁଛନ୍ତି। ଅଯୋଧ୍ୟାରେ ସମ୍ରାଟ୍ ସଗରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ବିଜୟସ୍ତମ୍ଭର ଦୀର୍ଘକାୟ ପତାକାକୁ ଧୀରେ ଧୀରେ ଅବତରଣ କରାଯାଇଛି। ଚତୁର୍ଦ୍ଦିଗର ପରିବେଶକୁ ଦେଖିଲେ ଜଣାପଡୁଛି ଯେ ପଶୁ, ପକ୍ଷୀ, ବୃକ୍ଷଲତାଗୁଡାକ, ଯେପରି ନୀରବ ଭାବରେ ଲୁହ ଢାଳୁଛନ୍ତି। ବଶିଷ୍ଠ ନିଜକୁ ଆଉ ସମ୍ଭାଳି ପାରୁନାହାନ୍ତି। ସେ ଗଭୀର ଶୋକା ଛନ୍ନ ଅବସ୍ଥାରେ ଆଖିରେ ଆଖିଏ ଲୁହ ଧରି ପରମେଶ୍ୱରଙ୍କୁ ଡାକୁଛନ୍ତି ହେ ପରମେଶ୍ୱର। ଆପଣ ମୋତେ ସୃଷ୍ଟି କରିଥିଲେ କ'ଣ ଏବଂଶର ଏ ଭୟାନକ ଦୃଶ୍ୟସବୁ ଦେଖି ଚାଲିଥିବି ? ଏଜନ୍ମର ସାର୍ଥକତାର ଯେଉଁ ପିଲାମାନଙ୍କୁ ମୋ ନିଜର ପୁତ୍ରସମ ଭାବି କୋଳେଇ କାଖେଇ ଲାଳନ ପାଳନ କରିଥିଲି, ସେହି ମାନଙ୍କର ଦୁର୍ଦ୍ଦଶା ଦେଖି ମୁଁ କେମିତି ନିଜକୁ ସମ୍ଭାଳି ପାରିବି ?' ମହର୍ଷୀ ବିଶ୍ୱାମିତ୍ରଙ୍କ ଚକ୍ଷୁରୁ ଲୁହଧାର ବନ୍ଦ ହୋଇ ପାରୁନଥାଏ। (କ୍ରମଶଃ)

# ବାସ୍ତବ ସତ୍ୟର ଅନୁସନ୍ଧାନ-୧୦

ପଙ୍କଜ କୁମାର ପାଣିଗ୍ରାହୀ
ୟୁଟ୍ୟୁବ୍-ସାମାଜିକ ଜନମଞ୍ଚ
(ଭାରତ)
ଛତ୍ରପୁର, ଗାମ-୭୬୧୦୨୦
ମୋ : ୯୪୩୭୩୨୪୯୧୭

ବାସ୍ତବ ସତ୍ୟର ଅନୁସନ୍ଧାନ- ଦଶମ ଅଧ୍ୟାୟରେ ଆଜି ଆଲୋଚନା କରିବା ଯେ କ୍ରୋଧି ମଣିଷ କାହିଁକି ଭୟାତୁର ହୋଇଥା'ନ୍ତି । ଏବଂ କ୍ରୋଧର ପ୍ରଭାବ କାରଣରୁ ମଣିଷ ମସ୍ତିଷ୍କରେ କେମିତି ରାସାୟନିକ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ ଯାହା ତାକୁ ତଳିତଳାନ୍ତ କରିବାରେ ସମର୍ଥ କରିଥାଏ । ପୂର୍ବରୁ ଆଲୋଚନା କରାଯାଇଥିଲା ଯେ ରିପୁ ଗୁଡିକ ମଣିଷ ମନରେ କେମିତି ଭୟ ସଂଚାର କରିଥାଏ। କାମର ପ୍ରଭାବରେ ଭୟାତୁର ଭାବ ଉପରେ ଆମେ ଆଲୋଚନା କରିସାରି ଥିଲେ । ବର୍ତ୍ତମାନ କ୍ରୋଧ ଜନିତ ଭୟାତୁରତା ଉପରେ ଦୃଷ୍ଟିପାତ କରି ଦେଖିବା ଯେ କ୍ରୋଧ ମଣିଷକୁ ଭୟାତୁର କରିଥାଏ କେମିତି ? କ୍ରୋଧ ଅର୍ଥାତ ଏକ ହିଂସାତ୍ମକ ବିଚାର। ହିଂସାତ୍ମକ ବିଚାରରେ ଜଣେ ଅନ୍ୟକୁ ସାଧାରଣରୁ ବ୍ୟାପକ କ୍ଷତି ପହଞ୍ଚାଇବା ସହିତ ସମୟ କ୍ଷେତ୍ରକୁ ନେଇ ଜୀବନରେ ମାରିଦେବାକୁ ମଧ୍ୟ ପଛଘୁଞ୍ଚା ଦେଇ ନଥାଏ। ପଶୁ ମାନଙ୍କ ଭଳି ମଣିଷ ମନରେ ମଧ୍ୟ ସମାନ ଢଙ୍ଗରେ କ୍ରୋଧ ସୃଷ୍ଟି ହେବା ଏକ ପ୍ରାକୃତିକ ନିୟମ ଅନ୍ତର୍ଭୁକ୍ତ ବିଷୟ । ହେଲେ ମଣିଷ ସାଧାରଣରେ ତାକୁ ନିୟନ୍ତ୍ରଣରେ ରଖି କାର୍ଯ୍ୟ କରିବା ବିଚାର ହେତୁ ମଣିଷର ଅନେକ ଦିଗରେ କ୍ଷତି ଠାରୁ ଦୁରେଇ ରହିପାରେ । କି'ନ୍ତୁ କ୍ରୋଧକୁ ନିଜ ନିୟନ୍ତ୍ରଣାଧୀନ କରି ପାରୁନଥିବା ମଣିଷ ଅନେକ ସମୟରେ ବ୍ୟାପକ କ୍ଷତିରେ ପଡୁଥିବା ଦେଖିବାକୁ ମିଳିବ ଅନୁଧ୍ୟାନ କଲେ । ତଥାପି ମଣିଷ ସାଧାରଣରେ କ୍ରୋଧକୁ ନିୟନ୍ତ୍ରଣ ସୀମା ରେଖା ମଧ୍ୟରେ ରଖି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥାଏ ଅତ୍ୟନ୍ତ ବିରଳ ସମୟରେ। ଯିଏ କ୍ରୋଧକୁ ନିଜ ନିୟନ୍ତ୍ରଣ ମଧ୍ୟରେ ରଖି କାର୍ଯ୍ୟ କରିଥା'ନ୍ତି ସେମାନେ କେବଳ ଯେ କ୍ଷତିରୁ ବଂଚିତ ହୋଇଥା'ନ୍ତି ତାହା ନୁହେଁ ବରଂ ସେମାନେ ଅତ୍ୟନ୍ତ ନିର୍ଭିକ ମଧ୍ୟ ହୋଇଥା'ନ୍ତି । ଅର୍ଥାତ ଶାନ୍ତ ଚରିତ୍ର ମଣିଷ କାହାକୁ ଭୟ କରନ୍ତି ନାହିଁ ! କେମିତି ? କ୍ରୋଧୀ ମଣିଷ ତ ଅତ୍ୟନ୍ତ କ୍ଷିପ୍ର ହୋଇଥା'ନ୍ତି ! ଶାନ୍ତ ମଣିଷ ଧିର । କି'ନ୍ତୁ କ୍ରୋଧୀ ମଣିଷଙ୍କ ତୁଳନାରେ ଶାନ୍ତ ମଣିଷ ନିର୍ଭିକ ହେବାର କାରଣ କ'ଣ ହୋଇପାରେ ? ସାଧାରଣରେ କହିବାକୁ ଗଲେ ଅଜ୍ଞାନ ହିଁ କ୍ରୋଧୀ ହୋଇଥା'ନ୍ତି । କାରଣ ମଣିଷ ଅଜ୍ଞାନତା କାରଣରୁ ନିଜର ପ୍ରକୃତି ପ୍ରଦତ୍ତ ଗୁଣ ଚରିତ୍ର ଗୁଡିକୁ ନିଜସ୍ୱ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଅସମର୍ଥ ହୋଇଥାଏ । ଜ୍ଞାନୀ କି'ନ୍ତୁ ସମୟ ପରିବେଶ ପରିସ୍ଥିତିକୁ ନେଇ ସେହି ପ୍ରକୃତି ପ୍ରଦତ୍ତ ଗୁଣ ଧର୍ମ ଗୁଡିକୁ ଯଥେଷ୍ଟ ମାତ୍ରାରେ ନିଜର ନିୟନ୍ତ୍ରଣାଧିନ ରଖିବାରେ ସମର୍ଥ ହୋଇଥା'ନ୍ତି । ହେଲେ ଅଜ୍ଞାନଙ୍କ କ୍ରୋଧ ଜ୍ଞାନୀଙ୍କ କ୍ରୋଧ ଠାରୁ କି'ନ୍ତୁ ଯଥେଷ୍ଟ ମାତ୍ରାରେ ଦୁର୍ବଳ ହୋଇଥାଏ । କାରଣ ଅଜ୍ଞାନ କ୍ଷଣ କୋପି ଭଳି ପ୍ରଚଣ୍ଡ ମାତ୍ରାରେ ରାଗିଗଲେ ମଧ୍ୟ ପର ମୁହୂର୍ତ୍ତରେ ଖୁବ୍ କମ ସମୟ ମଧ୍ୟରେ ସେସବୁ ଭୁଲିଯାଇ ଥା'ନ୍ତି । ଯାହା ଜ୍ଞାନୀଙ୍କ କ୍ଷେତ୍ରରେ ଠିକ୍ ତାହାର ବିପରୀତ ହୋଇଥାଏ । ଅର୍ଥାତ ଜ୍ଞାନୀ, ଉପରକୁ ନିୟନ୍ତ୍ରିତ କ୍ରୋଧ ପ୍ରକାଶ କଲେ ମଧ୍ୟ ମନ ମଧ୍ୟରେ ସେମାନଙ୍କର କ୍ରୋଧ ଲମ୍ବା ସମୟ ଧରି ରହିଥାଏ। ଜ୍ଞାନୀ ନିଜର କ୍ରୋଧକୁ ଚରିତାର୍ଥ କରିବା ପାଇଁ ଶାନ୍ତ ସରଳ ଉପାୟରେ କୌଶଳ ପ୍ରୟୋଗ କରିଥା'ନ୍ତି । ଅଜ୍ଞାନ କି'ନ୍ତୁ ନିଜର କ୍ରୋଧକୁ ପ୍ରଚଣ୍ଡ ଶବ୍ଦ ଓ ଅସ୍ତ୍ର ସାହାଯ୍ୟରେ ଚରିତାର୍ଥ କରିଥା'ନ୍ତି। ଏହି ଦୁଇଜଣଙ୍କ କ୍ରୋଧକୁ ଚରିତାର୍ଥ କରିବାର ଉପାୟ ମଧ୍ୟରେ ଭିନ୍ନତା ହେତୁ ଜ୍ଞାନୀ ନିର୍ଭିକ ହୋଇଥିବା ବେଳେ ଅଜ୍ଞାନ କେମିତି ଭୟାତୁର ହୋଇଥା'ନ୍ତି ତାହା ଅତ୍ୟନ୍ତ ସରଳ ଉପାୟରେ ବୁଝି ହେଉଛି। କେମିତି ? ଦୁଇଜଣଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ରହିଛି ? ପ୍ରଥମେ ଦେଖିବାକୁ ଗଲେ ଅଜ୍ଞାନ ଉଚ୍ଚ ଶବ୍ଦ ସହିତ ବିଭିନ୍ନ ଅସ୍ତ୍ର ଶସ୍ତ୍ର ବ୍ୟବହାର କରି ନିଜର ପ୍ରକୋପ ସାଧନ କରିଥା'ନ୍ତି ସମ୍ମୁଖସ୍ଥ ମଣିଷକୁ ଦମନ କରିବା ପାଇଁ। ଉଚ୍ଚ ଶବ୍ଦ ମଣିଷ ମୁହଁରୁ ବାହାରୁଥିବା ବେଳେ ଅସ୍ତ୍ର ଶସ୍ତ୍ର ସବୁବେଳେ ନିଜ ଶରୀରରେ ଧାରଣ କରିବା ସମ୍ଭବ ହୋଇ ନଥାଏ । ତେଣୁ ସମୟ କ୍ଷେତ୍ରକୁ ନେଇ ଉଚ୍ଚ ଶବ୍ଦ ଦ୍ୱାରା ସବୁବେଳେ ସମସ୍ତଙ୍କୁ ପ୍ରଭାବିତ କରିବା ସମ୍ଭାବନା ଅତ୍ୟନ୍ତ କମ୍ ରହିଥାଏ। ତେଣୁ ଅନ୍ୟ ଉପରେ ନିଜର କ୍ରୋଧ ସାଧନ କରୁଥିବା ମଣିଷ ଯେତେବେଳେ ସେମାନଙ୍କ ପାଖରେ କୌଣସି ଅସ୍ତ୍ର ଶସ୍ତ୍ର ନଥାଏ ସେତେବେଳେ ଭୟାତୁର ଅବସ୍ଥାରେ ରହିଥା'ନ୍ତି ଯେ କାଳେ କିଏ ସେମାନଙ୍କୁ ଆକ୍ରମଣ କରିପାରନ୍ତି ବୋଲି ବିଚାରି । ସେହି ସମରେ ସେମାନଙ୍କ ମନରେ ସୃଷ୍ଟି ହେଉଥିବା ଆବେଗ ସେମାନଙ୍କୁ ଭୟାତୁର କରିଥାଏ ଯାହା ସେମାନଙ୍କ ମସ୍ତିଷ୍କରେ ରହିଥାଏ। ତେଣୁ ସେମାନେ ଭୟାତୁର ଅବସ୍ଥାରେ ରହିଥା'ନ୍ତି ପ୍ରାୟତଃ ସବୁ ସମୟରେ ଯେ କାଳେ କିଏ ସେମାନଙ୍କୁ ଆକ୍ରମଣ କରିପାରେ ବୋଲି। ଅଧିକ'ନ୍ତୁ ନିଜ ପାଖରେ ରହିଥିବା ଅସ୍ତ୍ର ସାମ୍ନା ଲୋକର ଅସ୍ତ୍ର ଠାରୁ ଯଦି ଦୁର୍ବଳ ହୋଇଥାଏ ତାହେଲେ ସେମାନେ ଆକ୍ରମଣର ଶିକାର ହେବା ଭୟ ମଧ୍ୟ ଘାରୁଥାଏ ସବୁବେଳେ ସେମାନଙ୍କୁ । ତେଣୁ ସେମାନେ କହିବାକୁ ଗଲେ ପ୍ରାୟତଃ ସବୁ ସମୟ ଭୟାତୁର ଅବସ୍ଥାରେ ରହୁଥିବା ଦେଖିବାକୁ ମିଳେ । ଅଧିକନ୍ତୁ ଅତ୍ୟନ୍ତ ଭୟାତୁର ଭାବ ମଧ୍ୟ ମଣିଷକୁ କ୍ରୋଧି କରିଥାଏ କେବଳ ତାହାର ପ୍ରତିକ୍ରିୟା ମାଧ୍ୟମରେ ସେ ନିଜକୁ ସୁରକ୍ଷିତ ରଖି ପାରିବ ବୋଲି ମନରେ ବିଚାର କାରଣରୁ। ଜ୍ଞାନୀ ଯେହେତୁ ସେମାନଙ୍କ କ୍ରୋଧକୁ ଚରିତାର୍ଥ କରିବା ପାଇଁ ବାକ୍ୟ କିମ୍ବା ଅସ୍ତ୍ର ବ୍ୟବହାର କରିନଥା'ନ୍ତି ତେଣୁ ସେମାନେ କେବଳ ବିଭିନ୍ନ କୌଶଳ ଅର୍ଥାତ ଲେଖା କିମ୍ବା ଷଡ଼ଯାନ୍ତ୍ରୀକ ଉପାୟରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ନିଜର କ୍ରୋଧକୁ ଚରିତାର୍ଥ କରିଥା'ନ୍ତି । ଅର୍ଥାତ ସେହି କୌଶଳ ଜ୍ଞାନ ସେମାନଙ୍କ ମସ୍ତିଷ୍କରେ ଉତ୍ପନ୍ନ ହୋଇଥାଏ ଯାହା ସବୁବେଳେ ସେମାନଙ୍କ ପାଖରେ ରହିଥାଏ। ସମୟ କ୍ଷେତ୍ରକୁ ନେଇ ତାହାର ତତ୍‌କ୍ଷଣାତ୍ ଉପଯୋଗ କରିବାରେ ସେମାନେ ସମର୍ଥ ହୋଇ ପାରନ୍ତି। ତେଣୁ ସେମାନେ କେବେହେଲେ ଭୟାତୁର ଭାବ ନରଖି ଜୀବନକୁ ସବୁବେଳେ ଶାନ୍ତ ସରଳ ଉପାୟରେ ବିନିଯୋଗ କରିଥା'ନ୍ତି। ଆକସ୍ମିକ ସମୟରେ ସେମାନଙ୍କ ବୁଦ୍ଧି ହିଁ ସେମାନଙ୍କ ଅସ୍ତ୍ର ଭଳି ବ୍ୟବହାର ହୋଇଥାଏ ଯାହା ଅଜ୍ଞାନଙ୍କ କ୍ଷେତ୍ରରେ ନଥାଏ। ନିଜର ମସ୍ତିଷ୍କରେ ବୁଦ୍ଧି ପ୍ରଖର ହେଲେ କ୍ରୋଧକୁ ନିୟନ୍ତ୍ରଣ କରି ନିଜକୁ ନିର୍ଭିକ କରିହେବ ଯାହା ହୁଏତ ବୁଝିଛନ୍ତି ଆଜି ଅଳ୍ପ କେତେକ ମଣିଷ ! ଆମେ ନିଜର ଜ୍ଞାନ ବୃଦ୍ଧି, ସଂଚାର ପ୍ରୟୋଗ କରିବା ଶିକ୍ଷା କରିପାରିଲେ ନିଜକୁ ନିର୍ଭିକ ଭାବେ ପ୍ରସ୍ତୁତ କରିବାରେ ସମର୍ଥ ହୋଇପାରିବା । କ୍ରୋଧ କାରଣରୁ ମସ୍ତିଷ୍କରେ କିଭଳି ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ ଯାହା ମଣିଷକୁ ତଳିତଳାନ୍ତ କରିଥାଏ ? ମନର ଆବେଗକୁ କ୍ଷିପ୍ର ରୂପରେ ବିଚାରକୁ ନେଉଥିବା ମଣିଷଙ୍କ ରକ୍ତ ସଂଚାଳନ ଅତ୍ୟନ୍ତ କ୍ଷିପ୍ର ଗତିରେ ବଢି ଯାଇଥାଏ ଯାହା ସେମାନଙ୍କ ମସ୍ତିଷ୍କରେ ଥିବା କୋଷ ଗୁଡିକୁ ଅସ୍ଥିର ଭାବ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ମସ୍ତିଷ୍କ ଅସ୍ଥିର ହେଲେ ବିଚାରଶକ୍ତି ସମ୍ପନ୍ନ କୋଷ କଣିକା ଗୁଡିକ ନିଷ୍କ୍ରିୟ ହୋଇ ମଣିଷ ଜ୍ଞାନଶୁନ୍ୟ ହୋଇଯାଇ ଥାଏ । ଅତଏବ ଜ୍ଞାନ ଶୂନ୍ୟ ଅବସ୍ଥାରେ ମଣିଷ ନିଜକୁ ଅସୁରକ୍ଷିତ ମାନେ କରି କ୍ରୋଧର ମାତ୍ରା ଏତେ ପରିମାଣରେ ବଢି ଯାଇଥାଏ ଯେ ସେ ନିଜକୁ ସନ୍ତୁଳିତ ଅବସ୍ଥାରେ ରଖିବାକୁ ସମର୍ଥ ହୋଇ ପାରେ ନାହିଁ। ତେଣୁ ନିଜସ୍ୱ ଚେତନା ବହିର୍ଭୁତ ଯାହା ତାହା କରି ଏକ ରକମ ପାଗଳ ଭଳି ବିଚାର ସୃଷ୍ଟି ହୁଏ ମନରେ । ସେହି ପାଗଳାମି ସମୟରେ ମଣିଷ କ'ଣ ଯେ କରିଥାଏ ତାହାର କୌଣସି ଧାଡି କ୍ରିୟା ବୁଝି ପାରେନାହିଁ ସେ ନିଜକୁ ନିଜେ। ତେଣୁ କ୍ରୋଧର ମାତ୍ରା ବହୁଳତା କାରଣରୁ ନିଜକୁ ଅସ୍ଥିର କରି ମଣିଷ ବେଳେ ବେଳେ ଅନିଚ୍ଛା ସତ୍ତ୍ୱେ ଅନେକ ଅକର୍ତ୍ତବ୍ୟ କରିଥାଏ । ତାର ଅମାନୁଷିକ ଅକର୍ତ୍ତବ୍ୟ କାର୍ଯ୍ୟ ଗୁଡିକ ସାଧାରଣରେ ସାମାଜିକ ସ୍ତରରେ ଗ୍ରହଣୀୟ ନହୋଇ ପରବର୍ତ୍ତୀ ସମୟରେ ତାକୁ ଦଣ୍ଡବିଧାନର ପ୍ରତିକ୍ରିୟାକୁ ମଧ୍ୟ ସାମ୍ନା କରିବାକୁ ପଡେ। ସାମାଜିକ ଦଣ୍ଡବିଧାନ କାରଣରୁ ସେ ନିଜକୁ ଆର୍ଥିକ, ସାମାଜିକ ଓ ମାନବିକ ସ୍ତରରେ ଅତ୍ୟନ୍ତ ଦୁର୍ବଳ କରିଥାଏ । ଧିରେ ଧିରେ ସେଗୁଡିକୁ ପଶ୍ଚାତାପ କରି ମଣିଷ ପରବର୍ତ୍ତୀ ସମୟରେ ତଳିତଳାନ୍ତ ହୋଇଯାଏ ଯାହାର ଉପଚାର କରିବା ମଧ୍ୟ ସମ୍ଭାବନା ଅତ୍ୟନ୍ତ କ୍ଷୀଣ ହୋଇପଡେ । ତେଣୁ ମସ୍ତିଷ୍କର ସେହି ରାସାୟନିକ ବିଚଳନ କାରଣରୁ ମଣିଷ ନିଜକୁ ତଳିତଳାନ୍ତ କରୁଥିବା ନମୁନା ଅନେକ ଦେଖିବାକୁ ମିଳେ ଆମ ସମାଜରେ। ଉପଯୁକ୍ତ ଶିକ୍ଷା ଓ ଦୀକ୍ଷାର ଅଭାବ କାରଣରୁ ମଣିଷ ନିଜର କ୍ରୋଧ ହେଉ କିମ୍ବା ଅନ୍ୟାନ୍ୟ ରିପୁ ଗୁଡିକ ନିୟନ୍ତ୍ରଣ କରିବା ଶିକ୍ଷା କରି ନପାରି ଆଜି ଆମ ସମାଜ ଦୁର୍ବଳ ଅବସ୍ଥାରେ। ତାହା ସମଗ୍ର ମଣିଷ ସମାଜକୁ ଧିରେ ଧିରେ ନିମ୍ନମୁଖି କରୁଥିବା ବିଷୟ ପରିବାର ସ୍ତରରୁ ଆରମ୍ଭ କରି ଅନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ଦେଖିବାକୁ ମିଳୁଛି ଆଜି ସମୟରେ । ଉପଯୁକ୍ତ ଜ୍ଞାନର ଅଭାବ ଏବଂ ତାର ପ୍ରଚାର ପ୍ରସାର ଅଭାବ ସୃଷ୍ଟି କରୁଛନ୍ତି କିଛି ଅଜ୍ଞାନ ମୁଷ୍ଟିମେୟ ମଣିଷ ଯାହାଙ୍କ ପଛରେ ପଡି ଆଜି ସମଗ୍ର ମଣିଷ ସମାଜ ତଳିତଳାନ୍ତ । ସେଗୁଡିକୁ ପ୍ରତ୍ୟାଖ୍ୟାନ କରିବା ଅତ୍ୟନ୍ତ ଜରୁରୀ । କି'ନ୍ତୁ ସେଗୁଡିକୁ ବୁଝିବାରେ ଅସମର୍ଥ ଆଜି ସାଧାରଣ ମଣିଷ ସମାଜର ଅଧୋଗତି ତ୍ୱରାନ୍ୱିତ ଅବସ୍ଥାରେ । ଆଗାମୀ ଅଧ୍ୟାୟରେ ବିଚାର କରିବା ଯେ ଲୋଭ ମଣିଷକୁ ଭୟାତୁର କରିବାରେ କେମିତି ସମର୍ଥ ହୋଇଥାଏ। ଏବଂ ମଣିଷ ମନରେ ଲୋଭ ସୃଷ୍ଟି ହେବାର ମୁଖ୍ୟ କାରଣ କ'ଣ? ତାହା ଦ୍ୱାରା ମଣିଷର ମସ୍ତିଷ୍କରେ କିଭଳି ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ ? ଏବଂ ତାହା ମଣିଷକୁ କେଉଁ ସ୍ତରରେ ଆଣି ପହଂଚାଇ ଥାଏ? ମଣିଷ ଜୀବନର ଯେକୌଣସି ସମସ୍ୟା ହେଉ କି ଉତ୍ତରୋତ୍ତର ଉନ୍ନତି ସମ୍ବନ୍ଧିତ ଯେ କୌଣସି ପ୍ରଶ୍ନ ମନରେ ଥିଲେ ତାହାର ବାସ୍ତବ ସତ୍ୟ ସଂଯୋଜିତ ଉତ୍ତର ପାଇବା ପାଇଁ ଆମକୁ ପଚାରି ପାରିବେ । ଆମ ଦ୍ୱାର ସବୁବେଳେ ଖୋଲା ସବୁ ବର୍ଗର ସାଧାରଣ ମଣିଷଙ୍କୁ ସହଯୋଗ କରିବା ପାଇଁ ଆଜି ପାଇଁ ଏତିକି । (କ୍ରମଶଃ)

# ବିଶ୍ୱ ଶାନ୍ତି ପ୍ରତିଷ୍ଠାର ପଥ ପ୍ରଶସ୍ତ ହେଉ

ମନୋରଞ୍ଜନ ମହାନ୍ତି
ଅବସରପ୍ରାପ୍ତ ଇଂରାଜୀ
ପ୍ରାଧ୍ୟାପକ
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ପୃଥିବୀରେ ଯୁଦ୍ଧର ଘନଘଟା। କିଏ କହୁଛି ତୃତୀୟ ବିଶ୍ୱଯୁଦ୍ଧ ପାଇଁ ପ୍ରସ୍ତୁତି ଚାଲିଛି । କେଉଁ ରାଷ୍ଟ୍ରନାୟକ ମୁହଁରୁ ଶୁଣାଯାଉଛି ପରମାଣୁ ଅସ୍ତ୍ରର ପ୍ରୟୋଗ ହେବ । ଯୁଦ୍ଧଖୋର୍‌ମାନଙ୍କ ଜିଦ୍‌ଖୋର୍ ମନୋବୃତ୍ତି ପାଇଁ ପୃଥିବୀବାସୀ ଥରହର । ବ୍ରିଟିଶ୍ ଔପନ୍ୟାସିକା ପ୍ୟାଟ୍ ବାର୍କର୍ ପ୍ରଥମ ବିଶ୍ୱଯୁଦ୍ଧର ପୃଷ୍ଠଭୂମିରେ ଲେଖିଛନ୍ତି ଉପନ୍ୟାସତ୍ରୟୀ ଯାହାର ଶୀର୍ଷକ 'ରିଜେନେରେସନ୍' । ଦଶଟି ଶ୍ରେଷ୍ଠ ଐତିହାସିକ ଉପନ୍ୟାସ ମଧ୍ୟରେ ତାହା ଅନ୍ୟତମ । ପ୍ରଥମ ବିଶ୍ୱଯୁଦ୍ଧ ଚାଲିଥିଲା ଚାରିବର୍ଷ, ପ୍ରାଣଘାତୀ ରକ୍ତମୟ ସଂଘର୍ଷରେ ପ୍ରାଣ ହରାଇଥିଲେ କୋଡ଼ିଏ ନିୟୁତ ଲୋକ । ତାହା ଥିଲା ଏପର୍ଯ୍ୟନ୍ତ ସର୍ବାଧିକ ରକ୍ତାକ୍ତ ଯୁଦ୍ଧ । ଗଣହିଂସାର ବିକଟ ଦୁଷ୍ଟତାକୁ ପ୍ୟାଟ୍ ବାର୍କର୍ ତାଙ୍କ ଉପନ୍ୟାସରେ ରୂପାୟିତ କରିଛନ୍ତି। ସେଥି ସହିତ ସଂଯୋଜିତ କରିଛନ୍ତି ଦୁଇ ସମର-କବି ସିଗ୍‌ଫ୍ରେଡ୍ ସାଶୁନ୍ ଓ ୱିଲ୍‌ଫ୍ରେଡ୍ ଓୱେନ୍‌ଙ୍କ ବାସ୍ତବାନୁଭୂତିକୁ । ଏହି ଦୁଇ କବିଙ୍କଠାରେ ପରିଲକ୍ଷିତ ହୋଇଥିଲା ପି.ଟି.ଏସ୍.ଡି (ପୋଷ୍ଟ୍ ଟ୍ରମାଟିକ୍ ଷ୍ଟ୍ରେସ୍ ଡିସ୍‌ଅର୍ଡ଼ର୍) ଅର୍ଥାତ୍ ଏକ ମାନସିକ ବିକାର ଯେଉଁଥିରେ ବ୍ୟକ୍ତି ନିଜ ଜୀବନରେ ଘଟିଥିବା ଓ ଦେଖିଥିବା ଘଟଣା ପ୍ରତି ବର୍ତ୍ତମାନ ସମୟରେ ପ୍ରତିକ୍ରିୟା ପ୍ରକାଶ କରିଥାଏ, ଯେଉଁଥିପାଇଁ ସେମାନେ ମନସ୍ତତ୍ତ୍ୱବିତ୍ ଡ. ରିଭର୍ସଙ୍କ ଦ୍ୱାରା ଚିକିତ୍ସିତ ହେଉଥିଲେ । ଏକ ଉନ୍ମାଦ ଚରମ ଜାତୀୟତାବାଦର ସମୟରେ ଯୁଦ୍ଧର କଡ଼ା ଜବାବ୍ ଦେଲାବାଲା ବା ଆପତ୍ତିକର୍ତ୍ତାଙ୍କୁ ଭୀରୁ ବା ଦେଶଦ୍ରୋହୀ ଭାବରେ ବିଚାର କରାଯାଉଥିଲା। ସେହି ଦୃଷ୍ଟିରୁ ସିଗ୍‌ଫ୍ରେଡ୍ ସାଶୁନ୍ ଯୁଦ୍ଧକ୍ଷେତ୍ରରେ ଯୁଦ୍ଧ କରିଥିଲେ, କିନ୍ତୁ ଏକ ଦ୍ୱିଧାପୂର୍ଣ୍ଣ, ସଂକଟାପନ୍ନ ସ୍ଥିତିରେ ଏଭଳି ଅନୁଭୂତି ଅର୍ଜନ କରିଥିଲେ ଯେ ନିଜ ଲିଖିତ ଓ ପ୍ରକାଶିତ 'ଏ ସୋଲ୍‌ଜର୍ସ୍ ଡିକ୍‌ଲାରେସନ୍' (ଜଣେ ସୈନିକର ଘୋଷଣା)ରେ ନିଜ ଯୁଦ୍ଧ ବିରୋଧୀ ମନୋଭାବକୁ ସ୍ପଷ୍ଟ ବ୍ୟକ୍ତ କରିଥିଲେ । ଡ. ରିଭର୍ସ୍ ଓ ତାଙ୍କର ଜଣେ ସହକର୍ମୀ ମଣିଷର ଉଭୟ ସ୍ଥୂଳସଂବେଦୀ ଓ ସୂକ୍ଷ୍ମସଂବେଦୀ ଉତ୍ତେଜନାଗୁଡ଼ିକୁ ପ୍ରୟୋଗ କରି ଏକାଧିକ ଶାରୀରିକ ପରୀକ୍ଷା ନିରୀକ୍ଷା କଲେ ଓ ମତବ୍ୟକ୍ତ କଲେ ଯେ ମଣିଷର ଅନ୍ତରରେ ପ୍ରେମ ଓ ଘୃଣା, ସାହସ ଓ କ୍ରୂରତା, ମୋକ୍ଷ ଓ ଶାପ ରହିଛି ଓ ସେଗୁଡ଼ିକ ମଧ୍ୟରେ ସଂଘର୍ଷ ଆମର ସାମୂହିକ ଓ ବ୍ୟକ୍ତିଗତ ଭାଗ୍ୟକୁ ନିର୍ଦ୍ଧାରଣ କରୁଛି । ୧୯୧୭ ବର୍ଷର ଯୁଦ୍ଧ ବିଧ୍ୱସ୍ତ ଫ୍ରାନ୍ସ ହେଉ କି ୨୦୨୨ ବର୍ଷର ୟୁକ୍ରେନ୍ ହେଉ, ସର୍ବଶେଷ ଯୁଦ୍ଧକ୍ଷେତ୍ର କୁରୁକ୍ଷେତ୍ର ମଣିଷର ଅନ୍ତରରେ ରହିଛି । ଅସଲ ମଣିଷର କର୍ତ୍ତବ୍ୟ ହେଉଛି ଘୃଣା, କ୍ରୂରତା, ଶାପ, ଯୁଦ୍ଧ ଭାବ ଜାଗ୍ରତ ନକରି ପ୍ରେମ, ସାହସ, ମୋକ୍ଷ, ଶାନ୍ତିର ଭାବ ଜାଗ୍ରତ କରିବା । ନକାରାତ୍ମକ ଭାବ ଜୀବନକୁ ସଂକୁଚିତ କରୁଥିବା ସ୍ଥଳେ ସକାରାତ୍ମକ ଭାବ ଜୀବନକୁ ପ୍ରସାରିତ କରେ। ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଶତ୍ରୁତା, ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଯୁଦ୍ଧ ନୁହେଁ, ରୋଗ, ଦାରିଦ୍ର୍ୟ, ନିରକ୍ଷରତା ବିରୋଧରେ ସାମୂହିକ ଯୁଦ୍ଧର ଆବଶ୍ୟକତା ରହିଛି । ନାଜୀ ଜର୍ମାନୀ ଉତ୍ତର-ସ୍ପେନ୍‌ରେ ବୋମା ନିକ୍ଷେପ କରିବାରୁ ୧୯୩୭ ବର୍ଷରେ ପାବ୍‌ଲୋ ପିକାଶୋ ଧୂସର, କଳା ଓ ଧଳା ରଙ୍ଗରେ ଗୁଏର୍ନିକା ତୈଳଚିତ୍ର ଅଙ୍କନ କଲେ, ଯେଉଁଥିରେ ପ୍ରଦର୍ଶିତ ହେଲା ପୀଡ଼ାଗ୍ରସ୍ତ ଘୋଡ଼ା, ବିସ୍ମୟ ଓ ଭୟରେ ଆଖିକୁ ବିସ୍ଫାରିତ କରିଥିବା ଷଣ୍ଢ, ଭୟଭୀତ ଶଙ୍କିତ ମହିଳା ଓ ମୃତ ଶିଶୁମାନଙ୍କ ଚିତ୍ର । ତାହା ଥିଲା ଇତିହାସରେ ସର୍ବାଧିକ ପ୍ରଭାବଶାଳୀ ଯୁଦ୍ଧ-ବିରୋଧୀ ଚିତ୍ରକଳ୍ପ । ୧୯୫୦ ବର୍ଷରେ ରସାୟନବିଜ୍ଞାନୀ ଗରଟ୍ରୁଡ୍ ଏଲିଅନ୍ ନିଉକ୍ଲିକ୍ ଏସିଡ୍ ସମ୍ପର୍କିତ ଗବେଷଣା କରି ସିଦ୍ଧାନ୍ତରେ ପହଞ୍ଚିଲେ ଯେ କେତେକ ରାସାୟନିକ ଦ୍ରବ୍ୟ ଲିଉକେମିଆ ବା ରକ୍ତ ଅସ୍ଥି ମଜ୍ଜା କର୍କଟ କୋଷ ଗଠନକୁ ବାଧିତ କରୁଛି ଯାହା ପରବର୍ତ୍ତୀ ସମୟରେ 'କେମୋଥେରାପି ଚକ୍ର' ଉଦ୍‌ଭାବନରେ ସହାୟକ ହେଲା । ୧୯୫୩ ବର୍ଷରେ ଆମେରିକୀୟ ଗବେଷକ ଡ. ଜୋନାସ୍ ସାକ୍ ପୋଲିଓ ଟୀକା ଉଦ୍‌ଭାବନ କଲେ ଓ ସର୍ବପ୍ରଥମେ ସେହି ଟୀକାକୁ ନିଜ ସମେତ ନିଜ ପତ୍ନୀ ଓ ତିନି ପୁତ୍ରଙ୍କ ଶରୀରରେ ପ୍ରୟୋଗ କଲେ । ୧୯୫୪ ବର୍ଷରେ ଡ. ଜୋସେଫ୍ ମୁରେ ମାନବ ଶରୀରରେ ପ୍ରଥମେ କିଡ୍‌ନୀ ପ୍ରତିରୋପଣ କଲେ। ପାବ୍‌ଲୋ ପିକାଶୋ ଶାନ୍ତି ପାଇଁ, ଗରଟ୍ରୁଡ୍ ଏଲିଅନ୍, ଡ. ଜୋନାସ୍ ସାକ୍, ଡ. ଜୋସେଫ୍ ମୁରେ ପ୍ରମୁଖ ଚିକିତ୍ସାଶାସ୍ତ୍ର ପାଇଁ ନୋବେଲ୍ ପୁରସ୍କାର ପାଇଲେ । ଏଥିରୁ ଆମକୁ ଶିକ୍ଷା ମିଳୁଛି ଯେ ଦେଶ ଦେଶ ମଧ୍ୟରେ ଯୁଦ୍ଧ ପାଇଁ ଆୟୋଜନ ନହୋଇ ଶାନ୍ତି ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହେଉ, ରୋଗ ବିରୋଧରେ ଯୁଦ୍ଧ ହେଉ, ଗବେଷଣାଲବ୍ଧ ଜ୍ଞାନକୁ ପ୍ରୟୋଗ କରି ରୋଗ ପ୍ରତିଷେଧକ ଔଷଧ ପ୍ରସ୍ତୁତ ହେଉ, ତାହାହିଁ ମାନବଜାତିର ଇତିହାସରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଉପରୋକ୍ତ ବ୍ୟକ୍ତିମାନେ କଳା ଓ ବିଜ୍ଞାନ କ୍ଷେତ୍ରରେ ଯେଉଁ ଅବଦାନ ରଖିଯାଇଛନ୍ତି ତାହା ସେମାନଙ୍କ ଜୀବନକୁ ପ୍ରସାରିତ କରିବା ସହିତ ବିଶ୍ୱସଂସ୍କୃତିକୁ ସମୃଦ୍ଧ କରିଛି ନିଶ୍ଚୟ । ଜାପାନୀ ଦର୍ଶନର ଏକ ଶାଖା ହେଉଛି 'ଉକେଟାମୋ', ଯାହାକୁ ଅନୁସରଣ କରନ୍ତି ଜାପାନର ପାର୍ବତ୍ୟାଞ୍ଚଳରେ ବାସକରୁଥିବା 'ୟାମାବୁଶି'ମାନେ । ଶିଣ୍ଟୋ, ଟାଓ, ବୌଦ୍ଧ, ଲୋକପ୍ରଥା ଆଧାରରେ ସେମାନେ ଯେଉଁ ସାଧନା କରନ୍ତି, ତାକୁ କୁହାଯାଏ 'ଶୁଗେଣ୍ଡୋ' । ୟାମାବୁଶିମାନଙ୍କର ଦୃଷ୍ଟି ଖୁବ୍ ସକାରାତ୍ମକ, ଅନ୍ତଃପ୍ରକୃତି ସ୍ଥିତପ୍ରଜ୍ଞ, ଯେହେତୁ ବହିଃପ୍ରକୃତି ପ୍ରଦତ୍ତ ଐଶ୍ୱରିକ ଐଶ୍ୱର୍ଯ୍ୟରେ ସେମାନେ ଖୁବ୍ ଆତ୍ମସନ୍ତୋଷ ଲାଭ କରନ୍ତି। ସେମାନେ କହନ୍ତି, ଜୀବନ-ସଂଗ୍ରାମରୁ ଶିକ୍ଷାଲାଭ କରିବାକୁ ଓ ଜୀବନକୁ ସଂପ୍ରସାରିତ କରିବାକୁ ଯେଉଁ ସୁଯୋଗ ମିଳେ, ତା'ରି ଅଭିଜ୍ଞତା ହେଉଛି ବ୍ୟକ୍ତିର ଅସଲ ଅଭିବୃଦ୍ଧି। ତେଣୁ ପରସ୍ପର ବିରୋଧରେ ଯୁଦ୍ଧ ନୁହେଁ ପରସ୍ପର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ହିଁ ବିଶ୍ୱର ଅଭିବୃଦ୍ଧି । ନିକଟ ଅତୀତରେ ଏକ ବୈଜ୍ଞାନିକ ଅଧ୍ୟୟନ ଏମ୍.ଆର୍.ଆଇ. ସ୍କାନ୍‌ରୁ ଜଣାପଡ଼ିଛି ଯେ ପ୍ରାଚୀନ ସଂସ୍କୃତ ମନ୍ତ୍ରଗୁଡ଼ିକୁ ସ୍ମରଣ ରଖିବା ଦ୍ୱାରା ସ୍ମରଣ ଓ ନିର୍ଣ୍ଣୟନ ଭଳି ସଜ୍ଞାନାତ୍ମକ କାର୍ଯ୍ୟଗୁଡ଼ିକ ସହିତ ସଂପୃକ୍ତ ମସ୍ତିଷ୍କ କ୍ଷେତ୍ରର ଆକାର ବୃଦ୍ଧି ପାଏ। ଜେମ୍ସ ହାର୍ଟଜେଲ୍ ଏହାକୁ 'ସାନ୍ସକ୍ରିଟ୍ ଏଫେକ୍ଟ' ବା 'ସଂସ୍କୃତ ପ୍ରଭାବ' ବୋଲି କହନ୍ତି । ସଂସ୍କୃତର ସମସ୍ତ 'ଶାନ୍ତି ମନ୍ତ୍ର' ସାର୍ବଭୌମିକ, ସାର୍ବତ୍ରିକ କଲ୍ୟାଣ ନିମିତ୍ତ ପ୍ରାର୍ଥନା କରନ୍ତି । ଋଷିମାନେ ଶବ୍ଦର ଏକ କମ୍ପନ ବା ସ୍ପନ୍ଦନ ଭାବରେ ବ୍ରହ୍ମାଣ୍ଡକୁ ଅନୁଭବ କରିଥିଲେ ଓ ମୌଖିକ, ଶାବ୍ଦିକ ମୂଳଗୁଡ଼ିକୁ ବ୍ୟୁତ୍ପନ୍ନ କରିଥିଲେ। ତେଣୁ ସଂସ୍କୃତ କୌଣସି ଦେଶର ନୁହେଁ, ବହିଃପ୍ରକୃତିର ଭାଷା, ଏକ ସିଦ୍ଧ, ଦିବ୍ୟ ଭାଷା । ସେହି ଦିବ୍ୟ ଭାଷାର 'ଶାନ୍ତି ମନ୍ତ୍ର'ଗୁଡ଼ିକ ମଣିଷର ଦିବ୍ୟତ୍ୱ ଜାଗରଣ ନିମିତ୍ତ ଓ ବୈଶ୍ୱିକ ଶାନ୍ତି ସ୍ଥିରତା ରକ୍ଷା ନିମିତ୍ତ ହିଁ ଉଦ୍ଦିଷ୍ଟ। 'ଦି ନ୍ୟୁୟର୍କ୍ ଟାଇମ୍ସ'ରେ ମେଲିଣ୍ଡା ମୋୟର୍ ଲେଖନ୍ତି ଯେ ଅଧିକାଂଶ ମଣିଷ ଚିନ୍ତନର ମୂଲ୍ୟ ବୁଝନ୍ତି ନାହିଁ । ଜର୍ମାନୀର ଟୁବିନ୍‌ଜେନ୍ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱବିତ୍ କୋଉ ମୁରାୟାମାଙ୍କ ମତରେ ପ୍ରତ୍ୟେକ ମଣିଷ କିଛି ସମୟ ନିରବରେ ବସି ଚିନ୍ତା କରିବା ଖୁବ୍ ଗୁରୁତ୍ୱ ବହନ କରେ। ସାମ୍ପ୍ରତିକ ସମୟରେ ଯୁଦ୍ଧଖୋର୍ ରାଷ୍ଟ୍ରମୁଖ୍ୟମାନେ ଅର୍ଥାତ୍ ଭିନ୍ନଭିନ୍ନ ରାଷ୍ଟ୍ରର ପରମାଣୁ ନୀତି ନିର୍ଦ୍ଧାରକମାନେ ଅଯଥାରେ ଯୁଦ୍ଧସଂକ୍ରାନ୍ତ କୋଳାହଳ ନକରି ନିରବ ଚିନ୍ତନ ଦ୍ୱାରା ବିଶ୍ୱରେ ଶାନ୍ତି ସ୍ଥାପନର ମହତ୍ତ୍ୱ ମର୍ମେ ମର୍ମେ ଉପଲବ୍ଧି କରିପାରିବେ, ଜୀବଜଗତ ଓ ଜୀବନର ଗୁରୁତ୍ୱ ହୃଦୟଙ୍ଗମ କରିପାରିବେ। ରାଜନୀତିବିଜ୍ଞାନୀ ଜେମ୍ସ ୱିଲ୍‌ସନ୍ ଓ ମନସ୍ତତ୍ତ୍ୱବିତ୍ ରିଚାର୍ଡ୍ ହର୍ଣ୍ଣଷ୍ଟେନ୍ କହନ୍ତି ଯେ ମଣିଷମାନେ ଜନ୍ମରୁ ଅପରାଧୀ ନୁହନ୍ତି, କିନ୍ତୁ ପରିସ୍ଥିତିର ଦାସ । ଉର୍ଦ୍ଦୁକବି ଇରଫାନ୍ ପେଶାୱାରୀଙ୍କ କବିତାରେ ଅଛି, 'ଜନମ୍ ସେ କୋଇ ବୁରା ନହିଁ / ହର୍ କୋଇ ଏକ୍ ସା ଖାରା ନହିଁ / ହାଲତ୍ ବଦଲ୍ ଦେତେ ଇନ୍‌ସାନ୍ କୋ / କିସ୍‌ମତ୍ ସେ ବଡ଼୍‌କର୍ କୋଇ ବଡ଼ା ନହିଁ।' ଅର୍ଥାତ୍ 'କେହି ଜନ୍ମରୁ ମନ୍ଦ ନୁହଁନ୍ତି / ପ୍ରତ୍ୟେକେ ସମଭାବରେ ଏତେ ଭଲ ନୁହଁନ୍ତି / ପରିସ୍ଥିତି ମଣିଷମାନଙ୍କୁ ବଦଳାଇ ଦିଏ / ଭାଗ୍ୟଠାରୁ କେହି ବଡ଼ ନୁହଁନ୍ତି ।' ଆମ ସମସ୍ତଙ୍କର ଭଲ ହେବା ପାଇଁ ସୀମାହୀନ ସମ୍ଭାବନା ଓ ଶକ୍ତି ରହିଛି, କାରଣ ଭଲଗୁଣ ହେଉଛି ଏକ ମୌଳିକ ମାନବୀୟ ଲକ୍ଷଣ ବା ବିଶେଷତା। ରବୀନ୍ଦ୍ରନାଥ ଠାକୁରଙ୍କ ଭାଷାରେ, 'ପ୍ରତ୍ୟେକ ମଣିଷ-ଶିଶୁ ଏକ ଦିବ୍ୟ ବାର୍ତ୍ତା ନେଇ ଜନ୍ମ ହୁଏ ଯେ ଈଶ୍ୱର ତଥାପି ମଣିଷ ଉପରେ ଆସ୍ଥା ହରାଇନାହାନ୍ତି ।' ସତ କଥା, ଶୀଘ୍ର ହେଉ କି ବିଳମ୍ବରେ ମଣିଷ ନିଜର ଭଲ ଗୁଣକୁ ଅନୁଭବ ଓ ଆବିଷ୍କାର କରିବ। ଶେଷ ମୋଗଲ ସମ୍ରାଟ୍ ବାହାଦୁର୍ ଶାହ ଜାଫର୍ ଯେତେବେଳେ ଲେଖିଲେ, 'ଏ ମେରେ ଖୁଦା ତୁ ହି ବତା / କ୍ୟୁଁ ବନାୟା ଇନ୍‌ସାନ୍ କୋ ଖାମିୟୋଁ କା ପୁତ୍‌ଲା ?'- 'ହେ ଈଶ୍ୱର, ମୋତେ କୁହ, କାହିଁକି ମଣିଷକୁ ସମସ୍ତ ଦୋଷ, ତ୍ରୁଟିର ପ୍ରହେଳିକା କରି ଗଢ଼ିଲ ?' ସେତେବେଳେ ତାଙ୍କର ଉସ୍ତାଦ୍, ମାଷ୍ଟର୍, ଇବ୍ରାହିମ୍ ଜାକ୍ ଉକ୍ତ ପଦକୁ ସଂଶୋଧନ କରି ଲେଖିଲେ, 'ଏ ଖୁଦା ଅବ୍ ତୁ ହି ବତା / କ୍ୟୁଁ ନହିଁ ଇନ୍‌ସାନ୍ କୋ ଉସ୍‌କୀ ଖୁବିୟୋଁ କା ପତା ?'- 'ହେ ଈଶ୍ୱର, ଦୟାକରି ମୋତେ କୁହ କାହିଁକି ମଣିଷ ତା'ର ଜନ୍ମଜାତ ଅନ୍ତଃସ୍ଥ ଭଲ ଗୁଣ ପ୍ରତି ସଚେତନ ନୁହେଁ?' କେତେକ ଯୁଦ୍ଧଖୋର୍ ରାଷ୍ଟ୍ରମୁଖ୍ୟଙ୍କର ଶୁଭବୁଦ୍ଧିର ଉଦୟ ହେଉ, ସେମାନେ ଅନ୍ତଃକରଣର ସକାରାତ୍ମକ ଦିଗ ପ୍ରତି ସଚେତନ ହୁଅନ୍ତୁ, ଚିନ୍ତନରେ ସଇତାନ୍‌କୁ ବିତାଡ଼ିତ କରି ଇନ୍‌ସାନ୍‌କୁ ସଂସ୍ଥାପନ କରନ୍ତୁ, ଯୁଦ୍ଧକାମୀ ଭୂତ ନହୋଇ ଶାନ୍ତିକାମୀ ଦୂତ ହୁଅନ୍ତୁ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠାର ମାର୍ଗକୁ ପ୍ରଶସ୍ତ ଓ ପରିଚ୍ଛନ୍ନ କରନ୍ତୁ। ଜୈନ ମୁନି ଆଚାର୍ଯ୍ୟ ଜ୍ଞାନସାଗର ସବୁବେଳେ ମଣିଷମାନଙ୍କୁ ପରିବେଶ ଓ ପ୍ରାଣିଙ୍କ ଜୀବନ ସୁରକ୍ଷିତ ରଖିବାକୁ ପ୍ରେରଣା ଦେଉଥିଲେ । ଚବିଶତମ ତୀର୍ଥଙ୍କର ମହାବୀର ଅନୁକମ୍ପା ଅର୍ଥାତ୍ ସମସ୍ତ ପ୍ରାଣିଙ୍କ ପ୍ରତି କରୁଣାର କଥା କହୁଥିଲେ । 'ଅନାଡ଼ି' ଚଳଚ୍ଚିତ୍ରର ଏକ ସଙ୍ଗୀତର କେତୋଟି ଧାଡ଼ି 'କିସି କି ମୁସ୍କୁରାହଟୋ ପେ ହୋ ନିସାର୍ / କିସି କା ଦର୍ଦ୍ ମିଲ୍ ସକେ ତୋ ଲେ ଉଧାର୍/ କିସି କେ ଭସ୍ତେ ହୋ ତେରେ ଦିଲ୍ ମେଁ ପ୍ୟାର୍ / ଜିନା ଇସି କା ନାମ୍ ହୈ' - 'କେହି ଜଣକୁ ହସାଅ / ତା' ଦୁଃଖରେ ସମଭାଗୀ ହୁଅ / ସମସ୍ତଙ୍କୁ ଭଲ ପାଅ / ତେବେ ଯାଇ ତୁମର ଜୀବନ ବଞ୍ଚିବାର ଯୋଗ୍ୟ ।' ତେଣୁ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଶତ୍ରୁତା, ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସମର କାହିଁକି ? ଶତ୍ରୁତା, ସମର, ଯାହା ଶୋଣିତାକ୍ତ, ଶାପଗ୍ରସ୍ତ କରୁଛି ପୃଥିବୀକୁ, ଅଚିରେ ତା'ର ଅନ୍ତ ହେଉ । ଶାସକ ଓ ଶାସିତ ସମସ୍ତଙ୍କଠାରେ ଶୁଦ୍ଧ ବିବେକ ଓ ନୈତିକ ବିଚାରବୋଧର ରାଜତ୍ୱ ହେଉ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ସେ ପରା ଅସରା ସୁଖ

ଜନ୍ମଜୟ ନାୟକ



ଦୁଃଖ କଷଣ ଭିଡ଼ରେ
ସେ ପରା ଅସରା ସୁଖ,
ସବୁ ଯାଏ ପାଶୋରି
ଦେଖି ତା' କଳା ଶ୍ରୀମୁଖ ।

କେମିତି କହିବି ମୁଁ
ମୋ ଛାତିର କୋହ,
କାଳେ ଯିବି ଭୁଲି
ନ ଝରିଲେ ଲୁହ ।

ଜଗତ ପାଳୁଛି ଯିଏ
କିଛି ନୁହଁଇ ଅଜଣା,
କାହିଁ କରିବି ମାଗୁଣି
ନିଶ୍ଚେ କରିବେ କରୁଣା ।

ଗଡିଯିବି ମୁହିଁ ଥରେ
ଶରଧାବାଲିରେ ଶାନ୍ତିରେ,
ଭିଡିନେବି ନନ୍ଦିଘୋଷ
ଭକତି ଭରି ଅନ୍ତରେ ।

ଲଲାଟ ଲିଖନ ମୋର
ଲୋତକ ସ୍ୟାହିରେ ଲେଖା,
ଅସହ୍ୟ ଜୀବନ ଜଞ୍ଜାଳ
ତାରିପାରେ ସେହି ଏକା ।

ଗୋପିନାଥଜୀୟୁ ସରକାରୀ ଉଚ୍ଚ ବିଦ୍ୟାଳୟ
ମୋ-୯୩୩୭୮୦୦୫୬୫

## ମଞ୍ଜୁ ବୋଉ ନାହିଁ ବୋଲି

ନାରାୟଣ ପ୍ରସାଦ ରାଉଳ



କେବେଠୁ ସକାଳୁ ଆଉ
କାଉ ରାବୁନି,
ସଜନା ଗଛ କଅଁଳୁନି
ବାଡିର ବାରମାସୀ ଶାଗ
ଜାଗା ଘାସ ବାରି
ଏବେ ସବୁ କିଛି ଯେଝା ବାଟରେ ।

ଏମିତିରେ ପ୍ରଭାତ ଆସୁନି,
ରାତି ପାହିବା ବିଳମ୍ବ
ଚମ୍ପା ହମ୍ବାଳୁନି
ଗଇଁଠା, ଦୁଧ ହାଣ୍ଡି କେବେଠୁ
ଭାଙ୍ଗିଛି ବିଲେଇ
ବାଟ ସବୁ ଖୋଲା ମେଲା ।

ନାତୁଣୀର ଷୋଳ ପାଲା
ହାତ ଗଣ୍ଠିକୁ ଅଧୁରା

ବଡି ବାଇଗଣ ସଜନା
ଛୁଇଁ ବଘରା ବାସ୍ନା ସ୍ୱପ୍ନ
ବିରି ଡାଲିର ରସୁଣ ଛୁଙ୍କ
ଫୁଲଫୁଟି ଚୁଡୁଚୁଡା ରଙ୍କ ।

ନଅ ତୁଉଣ ଛଅ ଭଜାକୁ
ପଲଙ୍କ କାନ୍ଦୁଛି
ଝାଳକୁ କାନି ଅସୂୟା
ଫେରନ୍ତିକୁ ଅପକ୍ଷା ନାହିଁ
ଦୁଃଖର ଲୁହ ଶୁଖୁଛି
ପେଟ ଖୋଜିବା ହାତ ନାହିଁ ।

ବିଷାଦ ସାନ୍ତ୍ୱନା ଦୁଆର ବନ୍ଦ୍
ନିଦାଘକୁ ଛତା ନାହିଁ
ଅଳି ଅଝଟ ଅଫୁଟା
ଗଳ୍ପ ପେଡି ଅଫିଟା

ସାମ୍ନା କବାଟ ଅଦୃଶ୍ୟ
ଗୋଟେ ପରିଚିତ କଣ୍ଠ
ନୀରବି ଯାଇଛି ।

ଦୁର୍ଲଭ ଗଙ୍ଗା ପାଦୋଦକ
ଚିରା ପତ୍ରର ଆଶିଷ
କରଜ ପାଉଣା
ପଛ ମଙ୍ଗଳ ଡାକ
ଭୋକର ଭାଣ୍ଡ ଶୂନ୍ୟ
ଶୁଷ୍କ ସବୁ କରୁଣା ନଈ ।

ପ୍ରତୀକ୍ଷାର ଅନ୍ତ
ଆଶା ଦିଗନ୍ତ
ଆଶ୍ୱାସନା ରିକ୍ତ
କୋଳ ହୀନ ତନ୍ଦ୍ରା

ମଞ୍ଜୁ ବୋଉ ନାହିଁ
ବୋଲିତ ଏଇ ସ୍ୱର୍ଗଟା
କେଜାଣି କାହିଁକି ଗୋଟେ
ନର୍କ ପୁରୀ...

## ଉତ୍ତର ଦିଅ ମୋ ଅମୀମାଂସିତ ପ୍ରଶ୍ନର

ମୀରା ବେଉରା

ସୁଖର ପଣତ ଯଦିଓ ଦୀର୍ଘ ଥିଲା
ମାପିବା ପୂର୍ବରୁ ଅଜାଣତେ ସରିଯାଉଥିଲା
ଦୁଃଖର ପଣତ କିନ୍ତୁ ବିସ୍ତୀର୍ଣ୍ଣତାକୁ ଛୁଇଁ
ଲମ୍ବିଥିଲା ମାଟିଠୁ ଆକାଶ
ଭୂମିଠୁ ଭୂମା
ଅମାପ ଦୈର୍ଘ୍ୟ ଆଉ ସୀମାହିନ ପ୍ରସ୍ଥ ତାର
ମୋ ଅଜାଣତେ ପାଦ ତଳୁ ମାଟି ସବୁ ଖସୁଥାଏ
ଆକାଶ ଯେମିତି ଛିଡୁଥିଲା ମଥା ଉପରେ
କଣ୍ଠ ଶୁଖି ହେଉଥିଲା ବାଷ୍ପରୁଦ୍ଧ
ଈଶ୍ୱରବି ଥିଲେ ନିରୁପାୟ
ବଗିଚାର ଫୁଲସବୁ ଗୁମୁରି ଗୁମୁରି
ଢ଼ାଳୁଥିଲେ ଲୁହ
କିଛି ବୁଝିବା ପୂର୍ବରୁ ଚଳଚ୍ଚିତ୍ରର ପରଦା ପରି ଦୃଶ୍ୟ
ସବୁ ଚାଲୁଥିଲା ଆଖି ପଲକରେ
ବୋଲ ମାନୁ ନଥିଲା ଲୁହ
ଆଖିରୁ ବାହାରି ଓଠ ଦେଇ
ଭେଦୁଥିଲା ଛାତିକୁ
ଏକା ଆସୁନଥିଲା ଦୁଃଖ
ସାଥେ ବାନ୍ଧି ଆଣୁଥିଲା ସଖାସହଦୋରଙ୍କୁ
ଏତେ ସହଜରେ ବୁଝି ହେଉନଥିଲା ଘଟଣା ସବୁ
ମୋ ପାଇଁ ଅବୁଝା ଥିଲା ତାର ଛଳନାର ହସ
ଜାଣିବି ସତର୍କ ନଥିଲି
ମୋ ଜୀବନରେ ଏମିତି କାହିଁକି ଘଟୁଥିଲା ବାରମ୍ବାର
ଅସହାୟ ହୋଇ ଧରୁଥିବା ହାତଟା ବି
ବିଷାକ୍ତ ସର୍ପପରି ଘନଘନ ଦଂଶୁଥିଲା
ସତ୍ୟକୁ ବୁଝାଇବାକୁ ଯାଇ
ବାରମ୍ବାର ହାରିଯାଉଥିଲି
ନିଜକୁ ଜାହିର କରିବାକୁ ବି ଥିଲି ଅସମର୍ଥ
ସବୁଠୁ ବଡ଼ କଷ୍ଟ ଥିଲା ଅବୁଝା ଅଙ୍କ ହୋଇ ନିଜ
ଭିତରେ ରହିଯିବା
ନିଜକୁ ବୁଝାଇବାର ଅପଚେଷ୍ଟା
ବେଶି ବେଶି ଯନ୍ତ୍ରଣା ଦେଉଥିଲା
ଅଜଣା ଭୟ ବିନ୍ଧୁଥିଲା ଛାତିକୁ
ଅବୁଝା ଅପଢା ଶୂନ୍ୟ ଫର୍ଦ୍ଦଟିଏ
ହୋଇ ରହିଗଲି ମୁଁ ଚିର କାଳକୁ
ଶେଷରେ ଉଦ୍ଧତ, ଜିଦ୍ ଖୋର ଅହଙ୍କାରୀ
ମଣିଷରେ ନାଁ ଗଣା ହୁଏ ମୋର
ଭାବିଲି ପଚାରିବି ଥରେ ସୃଷ୍ଟିର ସ୍ରଷ୍ଟାଙ୍କୁ
ସତରେ କଣ ମୁଁ ଉଦ୍ଧତ, ଜିଦ୍‌ଖୋର
ଅହଙ୍କାରୀ ସତ୍ତାଟିଏ
କୁହ ହେ ସ୍ରଷ୍ଟା
ଅଛିକି ତୁମ ପାଖେ ମୋ ଅମିମାଂସିତ
ପ୍ରଶ୍ନର ଉତ୍ତର ।

ରଘୁନାଥଜୀଉ ମହାବିଦ୍ୟାଳୟ
ଦେଉଳସାହି, କଟକ
ଫୋନ୍ ୯୮୫୩୩୫୦୩୮୪

## ଦୀପ

ସ୍ନିଗ୍ଧା ପଣ୍ଡା



ଯେମିତି ଚାହିଁଲୁ ସେଇ ପରି ହେଲି ଗଢି
ନିନ୍ଦାକୁ ଭାବିଲି ମୋର ଅମଳିନ ଶାଢି ଓ
ଯେତେ ଥର ଚାହିଁଲୁ ତୁ
ନିଜକୁ ଭାଙ୍ଗିଲି
ଦେହରୁ ଆତ୍ମାକୁ କାଢି
ବାହାରେ ଫିଙ୍ଗିଲି ।

ଜିଇଁବାକୁ ଲୋଡ଼ା ଥିବା
ମୋର କାଳ ଯାକ,
କଦମ୍ବ ଡାଳରେ ବନ୍ଧା
ରହିଲା ସେତକ ।

ମାଟିର ମଣିଷ ଆଉ
ଆକାଶର ଜହ୍ନ
ଦୂର ଯାହା ଦୂର ତାହା
ଏଠି ସବୁଦିନ ।

ତୁ ନ ଜାଣେ ହୃଦୟରେ ଜଳୁଥାଉ ଦୀପ
ତୋ ଭାଗକ ପୁଣ୍ୟ ହେଉ ମୋ ଭାଗକ ପାପ ।

ମୋ-୯୮୬୧୩୨୩୬୫୦

## ଜୀବନ ଗୀତ

ବିଜୟ କୁମାର ପଣ୍ଡା



ଦୁଃଖ ପରେ ସୁଖ ହସ ପରେ ଲୁହ
ବିଧାତା ଗଢ଼ି ଦେଇଛି
ପାଖେ ଯାହା ଅଛି ତା' ମୁଲ ନବୁଝି ମଣିଷ
ମରୀଚିକା ପଛେ ଧାଇଁଛି ।।

କେତେ ଯେ ପାଇଲ କେତେ ହରାଇଲ
ସେ ହିସାବ ଆରପାରିରେ
ଏ ପାରିରେ ଖାଲି କର୍ମ ଆଉ କର୍ମ
ପ୍ରାଣ ଥିବା ଯାଏଁ ପିଣ୍ଡରେ ।।

ଖୋଳପା ଭିତରୁ ବାହାରି ଦେଖ'
ଜୀବନ କେଡ଼େ ସୁନ୍ଦର
ସାହାଯ୍ୟର ହାତ ବଢ଼େଇ ଦେଖ
ଉପରବାଲା ବି କେଡ଼େ ଉଦାର ।।

ଭର୍ଥୁର୍, ବାଙ୍ଗାଲୋର,
ଯୋଗାଯୋଗ -୯୭୩୯୫୯୧୮୧୬

## ଝରା ଶେଫାଳି

ରତ୍ନକାନ୍ତି ମିଶ୍ର



ସୁଗନ୍ଧା ଶେଫାଳି ଅଧିରେ ବିଭୋରେ
ସଞ୍ଜ ଆଗମନେ ଫୁଟେ
ରାତି ପାହା ଯେବେ ସୂରୁଯ ଦିଶଇ
ଧରଣୀ ବୁକୁରେ ଲୋଟେ ।।

ତା' କଅଁଳ ଦେହ ଛୁଏଁ ଧିରେ ବାଆ
ହରଷ ମନରେ ନିତି
ଆକାଶେ ଦିଶିଲେ ସଫେଦ ଜୋଛନା
ନିଖାରେ ତା' ରୂପକାନ୍ତି ।।

ଗୋଟିଏ ରାତିରେ କୋଟିଏ ସପନ
ଜାଗରିତ କରି ଆସେ
ରାତିଟିଏ ପାଇଁ ହେଉ ପଛେ ଫୁଟି
ଶାଶ୍ୱତୀ ଶେଫାଳି ହସେ ।।

ଭୁରୁ ଭୁରୁ ବାସ ପରଶେ ଖୁସିରେ
ସତେକି ପୀରତି ମଧୁ
ସୁଗନ୍ଧିତ କରେ ସାରା ଯାମିନୀକୁ
ରୂପସୀ ସଲ୍ଲଜ ବଧୂ ।।

ଅଳପ ଜୀବନ ନାହିଁ ଅଭିମାନ
ଝରିପଡେ ହସି ହସି
ମହକ ବିତରି ମନେ ଶାନ୍ତି ଭରି
ଜୀବନ ଦିଅଇ ଝାସି ।।

ନୁହେଁ ପରା ଯୋଗ୍ୟ କେଉଁ ଦେବତାର
ଅରପଣ ମନଲାଖି
ମଣେ ସେ ସାର୍ଥକ ନିଜ ଜୀବନକୁ
ମାଆ କୋଳେ ମଥା ରଖି ।।

ଆନ ଫୁଲ ସିନା ଫୁଟିକି ଝଡନ୍ତି
ନିୟତି ନିୟମ ବଳେ
ଗଙ୍ଗଶିଉଳି ଯେ ଝଡି ପଡି ଫୁଟେ
ଆହା କି ଦିବ୍ୟତା ଝଳେ !!

ଆଳି,
କେନ୍ଦ୍ରାପଡା

## ବିପରୀତ ଚିନ୍ତା

ମହାଶ୍ୱେତା ପାଣିଗ୍ରାହୀ



ବାସ୍ତବତାର ବନ୍ଦୀଶାଳାରେ
ବନ୍ଧା ପଡ଼ିଛି ସଂକ୍ଷିପ୍ତ ସମୟ
ବନ୍ଧନରୁ ଉନ୍ମୁକ୍ତ ହୋଇ ପାରୁନି ଏ ଡେଣା
ବିଳାସକୁ କଳ୍ପନାରେ ହିଁ ଖଞ୍ଜିଛି
ବୋହି ଯାଉଛି ଅଦମ୍ୟ ଆକାଂକ୍ଷା
ବିନା ଦ୍ୱିଧାରେ ସର୍ବଦା,ସଦା ସର୍ବଦା
ବାକ୍ ରୁଦ୍ଧ ବୋଧେ ଅଣ୍ଟିରେ ଥିବା ଶବ୍ଦଗୁଚ୍ଛ
ବିକ୍ରି ହୋଇଛି ନିଃଶ୍ୱାସ
ବାସ୍ ଏତିକି ଥାଉ ଏଣିକି
ବ୍ୟସ୍ତ ରହିବା ଚାଲ ଟିକେ
ବାଧକ ନାହିଁ କଳ୍ପନାର ଚରାଭୂଇଁରେ
ବାନ୍ଧିବା ଏକ ସୁଗମ୍ୟ ସେତୁ
ବିଶାଳ ପ୍ରାସାଦ,ସୁଉଚ୍ଚ ଅଟ୍ଟାଳିକା
ବାଧିତା ସେଠି ଶତରଙ୍ଗର ଇନ୍ଦ୍ରଧନୁ
ବୁଡ଼ିଯିବା ସେଇ ପ୍ରଗଲ୍ଭା ନଈ ସ୍ରୋତରେ
ବ୍ୟାପ୍ତ ହୋଇ ସ୍ୱପ୍ନରେ
ବିସ୍ତୃତ ହୋଇ ରିଏଲିଷ୍ଟିକରୁ, ରୟାଲିଷ୍ଟିକ୍ ଯାଏଁ
ବାଆଁରେଇ ଦେବା ସତ୍ୟକୁ
ବଞ୍ଚିଯିବା ଅଭାବରୁ ଭାବତରଙ୍ଗରେ
ବିଶ୍ରାମ ଦେବା ସତ୍ୟକୁ
ବିରାମ ଚିହ୍ନଟିଏ ସହ
ବୃତ୍ତର ପରିଧିଠୁଁ ଅନାୟତ୍ତ ଦୂରରେ
ବିମୁଗ୍ଧ ଭାବେ... କିଛି ସମୟ
ବାଃ କୁହ ତ ! ଭଲ ଲାଗିବ ତୁମକୁ !

ସାଇ ପ୍ରିୟା ନଗର
ରାୟଗଡ଼ା
ମୋ-୭୦୦୮୧୯୨୪୫୩

## ପାର୍ବଣ ଋତୁ !

ସୁଶ୍ରୀ ସଙ୍ଗୀତା ସେଠୀ

ଧବଳ ରଙ୍ଗେ ସଜେଇ ଧରଣୀ ଅଶିଣ ଘୁଙ୍ଗୁର ପିନ୍ଧେ
ପାର୍ବଣ ମହକ ଭୂରି ଭୂରି ଭରି ବସୁଧା ଶିରପା ବାନ୍ଧେ ।

ବାଟ ସଜେଇ ଧଳା ଚାଦରରେ କାଶତଣ୍ଡୀ ମନ ଛନ୍ଦେ
ମାଙ୍କ ଆଗମନ ସୂଚନା ଦେବାକୁ ଶରତେ ଉଭା ଆଗେ !

ନିର୍ମଳ ଆକାଶ ଚମକେ ଶରତେ ଧଳା ଜୀମୂତ ସଙ୍ଗେ
ଉତ୍ତରା ପବନ ମନ ନିଏ କିଣି ଶୀତଳ ପରଶ ସନ୍ନିଧେ !

ବେଗି ସଞ୍ଜ ନଇଁ ଜହ୍ନ ଆସେ ଉଇଁ ଶରତ ମୁରୁକେ ଆସ୍ତେ
ମାଆଙ୍କୁ କରିବେ ସ୍ୱାଗତ ବୋଲିକି ସଭିଏଁ ବ୍ୟଗ୍ର ବନ୍ଦୋବସ୍ତେ ।

ମେଳି ହେଇ ଗାଁ ଅଗଣା ଦାଣ୍ଡରେ ପୂଜା ଆୟୋଜନେ ସର୍ବେ
ଶ୍ରଦ୍ଧାରେ ନିଜର ସହଯୋଗ ଢାଳି ବାଢ଼ନ୍ତି ପରବର ରୁଚି ରବେ ।

ପୁର ପଲ୍ଲୀ ବାସେ ପାର୍ବଣ ଋତୁର ସ୍ୱାଗତେ ଉତ୍କଣ୍ଠା ଆବେଗେ
କାଶତଣ୍ଡୀ ହସେ ବାଟକୁ ସଜେଇ ପଛୋଟିବାକୁ ବ୍ୟଗ୍ର ଆଗେ ।

ନୂଆଧାନ ମଣ୍ଡି କ୍ଷେତ ପରିଧିରେ ଜଗତ ଖୋସା ଶୋଭେ
ସଂସାର ଅନନ୍ୟ ଭକ୍ତି ଭାବେ ବାସେ ପ୍ରକୃତି ତା ଆଭାସ ଜାଗେ ।
ଶରତ ନୁହେଁ ସେ ପାର୍ବଣର ଋତୁ ମା ଦୁର୍ଗାଙ୍କ ପାଇଁ ଝୁମେ ନିରତେ,
ପାଦ ଥାପି ମା ଘୁଙ୍ଗୁର ବଜାଇ ଭକ୍ତ ପାଇଁ ଓହ୍ଲାନ୍ତି ମରତେ ।

ଯାଜପୁର

## କେହି ଯେମିତି ଆସିବାର ଥାଏ

ଡ. ଅନିଲ ନନ୍ଦ



ଏମିତି ବାରମ୍ବାର ଘଟେ
ଥରକୁ ଥର ଫିଟି ପଡୁଥାଏ
ସଦର ଦରଜା ।

ଝାଳ ଆଉ ତାତିଲା ନିଃଶ୍ୱାସରୁ
ମୂର୍ତ୍ତିଗଢା ଚାଲିଥିବା ବେଳେ
ଝଣ କରି ଖସି ପଡୁଥାଏ
ହାତରେ ଧରିଥିବା ପାତ୍ର ।

କିଛିକ୍ଷଣ ଚାହିଁବାକୁ ପଡେ
ଆଗପଛ, ଡାହାଣ ବାଆଁ,
କାଳେ ପବନ ଭଳି
ପଶି ଆସିଲା କି କେହି
ଗତ ରାତିରେ ଶୋଇବା ବେଳେ
ଭାବୁଥିଲେ ଯାହାକୁ ସମ୍ଭାବନା !

ଝର୍କା ପାଖରୁ ଆଖି ଲମ୍ବାଇଲେ
ବିଶେଷ କିଛି ଦିଶୁ ନଥାଏ
ଖରାର ନିର୍ଦ୍ଦେଶ ମାନି
ଗୋଡ ଲମ୍ବାଇ ଚାଲିଥାନ୍ତି
ଯେଝା ବାଟରେ ଯିଏ,
ଫେରିବାଲା ଡାକରେ
ନିଦ ଭାଙ୍ଗୁଥାଏ ନୀରବତା
ଭଙ୍ଗୁର ଆନନ୍ଦ ଭିତରେ ବସି
ଅଳସ ଭାଙ୍ଗୁଥାଏ
ଘଟିବାକୁ ବାକି ଥିବା ଘଟଣା ।

କୋଠରୀରେ ଜଳୁଥିବା
ଆଲୋକ ସଙ୍ଗେ କିନ୍ତୁ
ଲୁଚକାଳି ଖେଳିବାରେ ବ୍ୟସ୍ତ ଥାଆନ୍ତି
ରାଶିଫଳ ସମ୍ପର୍କରେ ଦିଆଯାଇଥିବା
ଇଷ୍ଟ ରିଷ୍ଟ ଅନିଷ୍ଟ ଓ ପ୍ରତିକାର ।

କେବେ ଝାଳପିଆ ଗାମୁଛା ଖଣ୍ଡକ
ଶିରିପା ସାଜୁଥାଏ ମଥାରେ
ଆଉକେବେ ଭରସାର ଆଶାବାଡି
ଆପେ ଆପେ ଖସି ପଡୁଥାଏ ।

ନଈସୁଅ ପରି ବୋହି ଚାଲିଥାଏ
ସଂଜ ସକାଳ ଦିନରାତି
ପବନ ପିଇ ଫୁଲି ଉଠୁଥାଏ ଅସ୍ଥିରତା ।

କ୍ୟାମ୍ପସ -୯, କିଟ୍ ମୋ -୯୯୩୭୮୪୩୩୬୮

# କମାଲ କଲେ ଅଶ୍ୱିନ-ଜାଡ଼େଜା : ପ୍ରଥମ ଦିନରେ ଭାରତ ୩୩୯/୬

**ଚେନ୍ନାଇ**

ଭାରତ ଓ ବାଂଲାଦେଶ ମଧ୍ୟରେ ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯାଉଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚର ପ୍ରଥମ ଦିନରେ ଭାରତ ୬ ୱିକେଟ ହରାଇ ୩୩୯ ରନ କରିଛି। ଭାରତ ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ବି ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଦେଜାଙ୍କ ଲଢୁଆ ବ୍ୟାଟିଂ ଫଳରେ ମ୍ୟାଚକୁ ନିଜ ହାତମୁଠାରେ ରଖିଛି।

କମାଲ କରିଛନ୍ତି ଭାରତର ସ୍ପିନିଂ ଯୋଡ଼ି ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡ଼େଜା। ଏଥର ବୋଲିଂରେ ନୁହେଁ, ବ୍ୟାଟିଂରେ ଉଭୟ ଭାରତକୁ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି। କେବଳ ଉଦ୍ଧାର କରି ନାହାନ୍ତି, ବରଂ ବାଂଲାଦେଶ ବିପକ୍ଷ ଟେଷ୍ଟରେ ଭାରତକୁ କମ୍‌ବ୍ୟାକ୍ କରାଇଛନ୍ତି। ବିଶେଷ କରି ଅଶ୍ୱିନ ନିଜ ହୋମଗ୍ରାଉଣ୍ଡ ଚେନ୍ନାଇର ଏମଏ ଚିଦାମ୍ବରମ ବା ଚେପକରେ ନିଜ ବ୍ୟାଟିଂରେ ଯାଦୁ ଦେଖାଇଛନ୍ତି।

ରୋହିତ ଶର୍ମା, ବିରାଟ କୋହଲି ଓ ଶୁବମନ ଗିଲ୍‌ଙ୍କ ଭଳି ବଡ଼ବଡ଼ ବ୍ୟାଟର ଯେଉଁ ବାଂଲାଦେଶ ବୋଲିଂ ଆଗରେ ତିଷ୍ଟି ପାରି ନଥିଲେ, ସେଠାରେ ଅଶ୍ୱିନ ଓ ଜାଡ଼େଜା ନିଜର କଳା ଦେଖାଇଛନ୍ତି।

ଉଭୟ ୭ମ ୱିକେଟ ପାଇଁ ରେକର୍ଡ ପାର୍ଟନରସିପ୍ କରି ଭାରତକୁ ଦମ୍‌ଦାର ସ୍ଥିତିରେ ପହଞ୍ଚାଇ ଦେଇଛନ୍ତି। ପ୍ରଥମ ଦିନରେ ଅଶ୍ୱିନଙ୍କ ବ୍ୟାଟରୁ ଦେଖିବାକୁ ମିଳିଛି ଶତକ। ସେ ୧୦୮ ବଲରେ ଶତକ ହାସଲ କରିଛନ୍ତି। ଏଥିସହ ଷ୍ଟମ୍ପ୍ ଅପସାରଣ ଯାଏ ୧୦୨ ରନ କରି ଅପରାଜିତ ରହିଛନ୍ତି। ତାଙ୍କ ସହ ଜାଡେଜା ମଧ୍ୟ ୮୬ ରନର ଅପରାଜିତ ଇନିଂସ ଖେଳିଛନ୍ତି।

ଅଶ୍ୱିନ ଓ ଜାଡ଼େଜାଙ୍କ ଦମ୍‌ରେ ଭାରତ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୬ ୱିକେଟ ହରାଇ ୩୩୯ ରନ କରି ନେଇଛି। ଏକଦା ୩୪ ରନରେ ୩ ୱିକେଟ ହରାଇ ସଙ୍କଟରେ ପଡ଼ିଥିବା ଭାରତ ଏବେ ପ୍ରଥମ ଟେଷ୍ଟକୁ ନିଜ ନିୟନ୍ତ୍ରଣକୁ ଆଣିବାରେ ସକ୍ଷମ ହୋଇଛି। ଜାଡେଜା ଓ ଅଶ୍ୱିନ ଭାରତ ସ୍କୋର ୧୪୪ ଥିବା ବେଳେ




ଏକାଠି ବ୍ୟାଟିଂ କରିଥିଲେ। ଏବେ ଦଳୀୟ ସ୍କୋର ୩୩୯ରେ ପହଞ୍ଚି ଯାଇଛି।

ପେସ୍ ବୋଲିଂକୁ ଆରମ୍ଭରୁ ସୁହାଉଥିବା ପିଚ୍‌ରେ ବାଂଲାଦେଶ ଅଧିନାୟକ ନଜମୁଲ ହୁସେନ ସାଣ୍ଟୋ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଏହାକୁ ସଠିକ୍ ସାବ୍ୟସ୍ତ କରି ହାସନ ମହମୁଦ ଭାତକୁ ଜଟକା ପରେ ଜଟକା ଦେଇଥିଲେ। ପ୍ରଥମେ ସେ ଅଧିନାୟକ ରୋହିତ ଶର୍ମା(୬)ଙ୍କୁ ଆଉଟ କରିଥିଲେ। ଏହାପରେ ଶୁବମନ ଗିଲ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ବିରାଟ କୋହଲି ମାତ୍ର ୬ ରନ କରି ହାସଙ୍କ ତୃତୀୟ ଶିକାର ବନିଥିଲେ।

ଭାରତ ୩୪ ରନରେ ୩ଟି ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ଋଷଭ ପନ୍ତଙ୍କୁ ସାଥୀ କରି ଯଶସ୍ୱୀ ଜୈସ୍ୱାଲ ସ୍ଥିତି ସମ୍ଭାଳିଥିଲେ। ଉଭୟ ଲଞ୍ଚ ସୁଦ୍ଧା ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ। କିନ୍ତୁ ଲଞ୍ଚ୍ ବ୍ରେକର ତୃତୀୟ ଓଭରରେ ହାସନ ୩୯ ରନ କରିଥିବା ପନ୍ତଙ୍କୁ ଆଉଟ୍ କରି ଦେଇଥିଲେ।

ପନ୍ତ ଆଉଟ ହୋଇଥିଲେ ହେଁ ଯଶସ୍ୱୀ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ଏଥିସହ କେଏଲ ରାହୁଲଙ୍କ ସହ ମିଶି ଦଳୀୟ ସ୍କୋରକୁ ଆଗକୁ ନେବାକୁ ଚେଷ୍ଟା କରିଥିଲେ। ଏତିକି ବେଳେ ନାହିଦ ରାଣା ୫୬ ରନ କରିଥିବା ଯଶସ୍ୱୀଙ୍କୁ ଆଉଟ କରି ଭାରତକୁ ୫ମ ଝଟ୍‌କା ଦେଇଥିଲେ। ପରବର୍ତ୍ତୀ ଓଭରରେ ମେହିଦ ହାସନ ମିରାଜ ୧୬ ରନ କରିଥିବା ରାହୁଲଙ୍କୁ ପ୍ୟାଭିଲିୟନ ପଠାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଭାରତ ୧୪୪ ରନରେ ୬ଷ୍ଠ ୱିକେଟ ହରାଇଥିଲା।

ବାସ୍ ଏହି ଠାରୁ ଆରମ୍ଭ ହୋଇଥିବା ରବୀନ୍ଦ୍ର ଓ ରବିଚନ୍ଦ୍ରନଙ୍କ ଜଲୱା। ଉଭୟ କେବଳ ୱିକେଟ ରଖି ନଥିଲେ, ବରଂ ଦ୍ରୁତ ଗତିରେ ରନ ମଧ୍ୟ ସଂଗ୍ରହ କରିଥିଲେ। ବିଶେଷ କରି ଘରୋଇ ଦର୍ଶକଙ୍କ ଆଗରେ ଅଶ୍ୱିନ ନିଜର ଦକ୍ଷତା ଦେଖାଇଥିଲେ।

ବାଂଲାଦେଶର ପ୍ରତିଟି ବୋଲରଙ୍କୁ ଉଭୟ କଡ଼ା ପ୍ରହାର କରି ପ୍ରଥମେ ନିଜ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ଅର୍ଦ୍ଧଶତକ ହାସଲ ପରେ ଉଭୟ ଗିୟର ମଧ୍ୟ ବଦଳାଇଥିଲେ। ଏଥିସହ ଅଶ୍ୱିନ ୧୦୮ ବଲରେ ନିଜର ଶତକ ହାସଲ କରିଥିଲେ।

ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୬ଷ୍ଠ ଶତକ। ସେହିପରି ଘରୋଇ ମାଟିରେ ଦ୍ୱିତୀୟ ସେଞ୍ଚୁରୀ। ଶତକୀୟ ଇନିଂସରେ ଅଶ୍ୱିନ ୧୦ଟି ଚୌକା ଓ ୨ଟି ଛକା ମାରିଛନ୍ତି।

ଅଶ୍ୱିନଙ୍କ ଶତକ ପରେ ଜାଡେଜା ମଧ୍ୟ ସେହି ଦିଗରେ ଆଗେଇ ଥିଲେ। ହେଲେ ପ୍ରଥମ ଦିନର ଖେଳକୁ ୮୦ ଓଭରରେ ବନ୍ଦ କରି ଦିଆଯାଇଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଜାଡେଜା ୮୬ ରନରେ ଅପରାଜିତ ରହିଛନ୍ତି। ଅଶ୍ୱିନ ମଧ୍ୟ ୧୦୨ ରନ କରି କ୍ରିଜରେ ଅଛନ୍ତି। ଆସନ୍ତାକାଲି ଉଭୟ ଏହି ଠାରୁ ବ୍ୟାଟିଂ କରିବେ।

# ରିକିଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କଲା ପଞ୍ଜାବ କିଙ୍ଗସ



**ନୂଆଦିଲ୍ଲୀ**

ପଞ୍ଜାବ କିଙ୍ଗସ୍ ଅଷ୍ଟ୍ରେଲିଆର ପୂର୍ବତନ ଖେଳାଳି ରିକି ପଣ୍ଟିଙ୍ଗଙ୍କୁ ଆଇପିଏଲ୍ ୨୦୨୫ ପାଇଁ ନୂତନ ମୁଖ୍ୟ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରିଛି। ପଣ୍ଟିଂ ବର୍ତ୍ତମାନ ଟ୍ରେଭର୍ ବୋଲିସଙ୍କ ସ୍ଥାନ ନେବେ, ଯିଏକି ଗତ କିଛି ବର୍ଷ ଧରି ପଞ୍ଜାବର କୋଚ୍ ଥିଲେ। ପଣ୍ଟିଙ୍ଗଙ୍କ ବିଷୟରେ କହିବାକୁ ଗଲେ ସେ ପ୍ରାୟ ୨ ମାସ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲସର ମୁଖ୍ୟ ପ୍ରଶିକ୍ଷକ ପଦରୁ ଇସ୍ତଫା ଦେଇଥିଲେ। ବର୍ତ୍ତମାନ ସେ ପଞ୍ଜାବ କିଙ୍ଗ୍ସ ଫ୍ରାଞ୍ଚାଇଜ୍ ସହିତ ୪ ବର୍ଷର ଚୁକ୍ତି ସ୍ୱାକ୍ଷର କରିଛନ୍ତି, ଯାହା ୨୦୨୮ରେ ଶେଷ ହେବ।

କୁହାଯାଉଛି ଯେ ପଞ୍ଜାବ କିଙ୍ଗ୍ସର କୋଚିଂ ଏବଂ ସପୋର୍ଟ ଷ୍ଟାଫଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରିକି ପଣ୍ଟିଙ୍ଗଙ୍କ ହାତରେ ଦିଆଯାଇପାରେ। କିନ୍ତୁ ବର୍ତ୍ତମାନ ପୁରୁଣା କୋଚିଂ କର୍ମଚାରୀଙ୍କ ଉପରେ କ'ଣ ନିଷ୍ପତ୍ତି ନିଆଯିବ ସେନେଇ କୌଣସି ସ୍ପଷ୍ଟତା ନାହିଁ। ପଞ୍ଜାବର ପୁରୁଣା କୋଚିଂ କର୍ମଚାରୀଙ୍କ ମଧ୍ୟରେ ଟ୍ରେଭର୍ ବୋଲିସ୍ (ହେଡ୍ କୋଚ୍), ସଞ୍ଜୟ ବଙ୍ଗର (କ୍ରିକେଟ୍ ଡେଭଲପମେଣ୍ଟ ହେଡ୍), ଚାର୍ ଲାଙ୍ଗେଭେଲ୍ଡ୍ (ଫାଷ୍ଟ ବୋଲିଂ କୋଚ୍) ଏବଂ ସୁନୀଲ ଯୋଶୀ (ସ୍ପିନ୍ ବୋଲିଂ କୋଚ୍) ଅଛନ୍ତି। ସୂଚନାଯୋଗ୍ୟ ଯେ ଗତ ୭ଟି ସିଜିନରେ ପଞ୍ଜାବ ୬ ଜଣ କୋଚଙ୍କୁ ବଦଳାଇଛି।

ପଞ୍ଜାବ କିଙ୍ଗ୍ସର ଶେଷ ସିଜିନ ବିଷୟରେ କହିବାକୁ ଗଲେ ଏହି ଦଳ ଲିଗ୍ ପର୍ଯ୍ୟାୟରେ ୧୪ଟି ମ୍ୟାଚ୍ ଖେଳିଥିଲେ ବି କେବଳ ପାଞ୍ଚ ଥର ଜିତିବାରେ ସକ୍ଷମ ହୋଇଥିଲା। ପଏଣ୍ଟ ଟେବୁଲରେ ପଞ୍ଜାବ ତଳୁ ଦ୍ୱିତୀୟ ସ୍ଥାନରେ ରହିଲା। ପ୍ଲେ ଅଫ୍ ନିକଟତର ହେବା ପରେ ପଞ୍ଜାବର ଟାଇଟଲ୍ ଦୌଡ଼ରୁ ଦୂରେଇ ରହିବାର ଏକ ଦୀର୍ଘ ଇତିହାସ ରହିଛି। ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୧୭ଟି ସିଜିନ ପରେ ବି ଏହି ଦଳ କପ ହାତେଇ ପାରିନାହିଁ। ରିକି ୨୦୧୪ରେ ପ୍ରଥମ ଥର ମୁମ୍ବାଇ ଇଣ୍ଡିଆନ୍ସର କୋଚ୍ ହୋଇଥିଲେ। ଏହା ପରେ ସେ ଦିଲ୍ଲୀ ଡେୟାରଡେଭିଲ୍ସ / ଦିଲ୍ଲୀ କ୍ୟାପିଟାଲ୍ସରେ ୭ ବର୍ଷ କାର୍ଯ୍ୟ କରିଥିଲେ।

# ୧୪୭ ବର୍ଷରେ ପ୍ରଥମ : ରେକର୍ଡ କଲେ ଯଶସ୍ୱୀ ଜୈସ୍ୱାଲ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଟିମ୍‌ର ଓପନର ଯଶସ୍ୱୀ ଜୈସୱାଲ ପୁଣିଥରେ ଚମକିଛନ୍ତି। ସେ ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତକୁ ବିପଦରୁ ଉଦ୍ଧାର କରିବା ସହ ଗୁରୁତ୍ୱପୂର୍ଣ୍ଣ ୫୬ ରନର ଇନିଂସ ଖେଳିଛନ୍ତି। ଏହି ଇନିଂସ ବଳରେ ଯଶସ୍ୱୀ ନୂଆ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ବାଂଲାଦେଶ ବିପକ୍ଷରେ ସେ ଅର୍ଦ୍ଧଶତକ ହାସଲ କରିବା ପରେ ୧୪୭ ବର୍ଷର ଟେଷ୍ଟ କ୍ରିକେଟରେ ଯାହା ଘଟି ନଥିଲା, ସେକଥା କରିବାକୁ ସକ୍ଷମ ହୋଇଛନ୍ତି।

ଯଶସ୍ୱୀ ବିଶ୍ୱର ପ୍ରଥମ ବ୍ୟାଟର ଭାବେ ଘରୋଇ ପରିବେଶରେ ଖେଳା ଯାଇଥିବା ଟେଷ୍ଟ କ୍ରିକେଟର ପ୍ରଥମ ୧୦ଟି ଇନିଂସରେ ୭୫୦ କିମ୍ବା ତା' ଠାରୁ ଅଧିକ ରନ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ୱେଷ୍ଟଇଣ୍ଡିଜର ଜର୍ଜ ହେଡଲୀଙ୍କ ନାଁରେ ଥିଲା। ସେ ୧୯୩୫ ମସିହାରେ ପ୍ରଥମ ୧୦ଟି ଇନିଂସରେ ୭୪୭ ରନ କରିଥିଲେ।

ପାକିସ୍ତାନର ଜାଭେଦ ମିଆଁଦାଦ ୭୪୩ ରନ, ଜିମ୍ବାୱେର ଡାଭେ ହୌଟନ ୬୮୭ ରନ ଓ ୱେଷ୍ଟଇଣ୍ଡିଜର ସାର ଭିଭ ରିଚାର୍ଡସ ୬୮୦ ରନ କରିଥିଲେ। ହେଲେ ଏମାନଙ୍କୁ ଯଶସ୍ୱୀ ପଛରେ ପକାଇ ବିଶ୍ୱ ରେକର୍ଡ ସହ




୭୫୫ ରନ କରି ନେଇଛନ୍ତି।

ଏଯାଏ ୯ଟି ଟେଷ୍ଟରେ ୧୬ଟି ଇନିଂସ ଖେଳିଥିବା ଯଶସ୍ୱୀ ଟେଷ୍ଟ କ୍ରିକେଟରେ ୧୦୨୮ ରନ କରିଛନ୍ତି। ତାଙ୍କର ବ୍ୟକ୍ତିଗତ ସର୍ବାଧିକ ସ୍କୋର ହେଉଛି ଅପରାଜିତ ୨୧୪ ରନ।

ଆଜି ବାଂଲାଦେଶ ବିପକ୍ଷରେ ଭାରତ ୩୪ ରନରେ ୩ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏତିକି ବେଳେ ଯଶସ୍ୱୀ ଓ ଋଷଭ ପନ୍ତ ୬୨ ରନର ଭାଗିଦାରୀ କରିଥିଲେ। ଏହାପରେ ଯଶସ୍ୱୀ ୫ମ ୱିକେଟ ପାଇଁ କେଏଲ ରାହୁଲଙ୍କ ସହ ମଧ୍ୟ ୪୮ ରନ ଯୋଡ଼ିଥିଲେ।

# ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ: ସ୍ୱୟମ୍ ଜିତ୍‌ଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର**

ଫିଜିର ସୁଭାରେ ଚାଲିଥିବା ରାଜ୍ୟଗୋଷ୍ଠୀ ୟୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନ-ସିପ୍‌ରେ ଓଡ଼ିଶାର ସ୍ୱୟମଜିତ ପ୍ରସାଦ ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୬୭ କେଜି ୟୁଥ୍ ବର୍ଗରେ ସ୍ୱୟମଜିତ୍ ମୋଟ ୨୪୭ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୧୦୯ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୩୮ କେଜି ଭାରୋତ୍ତୋଳନ କରିଥିଲେ। ମଙ୍ଗଳବାର ପ୍ରତିଯୋଗିତାର ପ୍ରଥମ ଦିବସରେ ମୀନା ସାନ୍ତା ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ଏବଂ ଜ୍ୟୋତ୍ସ୍ନା ଶବର ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଫଳରେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଦ୍ୱିତୀୟ ଦିବସ ଶେଷସୁଦ୍ଧା ଓଡ଼ିଶା ପ୍ରତିଯୋଗୀମାନେ ୪ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସ୍ୱୟମଜିତ ସମ୍ପ୍ରତି କଳିଙ୍ଗ ଷ୍ଟାଡିୟମରେ ଭାରୋତ୍ତୋଳନ ଏଚ୍‌ପିସିରେ ଟ୍ରେନିଂ ନେଉଛନ୍ତି। ୫୫ କେଜି ୟୁଥ୍ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ମୀନା ମୋଟ ୧୮୦ (ସ୍ନାଚ୍-୮୧, କ୍ଲିନ୍ ଆଣ୍ଡ ଜର୍କ-୯୯) କେଜି ଭାରୋତ୍ତୋଳନ କରିଥିଲେ। ବାଳିକା ୟୁଥ୍ ବର୍ଗରେ ଏହା ଏକ ଜାତୀୟ ରେକର୍ଡ ବୋଲି ଭାରତୀୟ ଭାରୋତ୍ତୋଳନ ସଂଘ (ଆଇଡବ୍ଲ୍ୟୁଏଲଏଫ୍) ପକ୍ଷରୁ ସ୍ପଷ୍ଟ କରାଯାଇଛି।




# ୨୦୨୪ ତୀରନ୍ଦାଜ ପ୍ରତିଯୋଗିତା : ଓମ୍‌କାର ଚାମ୍ପିଅନ୍

**ନର୍ଲା।**

କଳାହାଣ୍ଡି ଜିଲ୍ଲାର ନର୍ଲା ବ୍ଲକ ଘୋଡ଼ାବନ୍ଧ ଗ୍ରାମର ପୁଅ ତଥା ଡିଏଭି ବେଦାନ୍ତ ଇଣ୍ଟରନେସନାଲ ସ୍କୁଲ ଲାଞ୍ଜିଗଡ଼ରେ ଅଧ୍ୟୟନରତ ୭ମ ଶ୍ରେଣୀର ଛାତ୍ର ଓମ୍‌କାର ମାଝୀ ସିବିଏସଇ ଜୋନାଲ ତୀରନ୍ଦାଜ ପ୍ରତିଯୋଗିତାରେ ଚାମ୍ପିଅନ୍ ହୋଇଛନ୍ତି। ୧୪ ବର୍ଷରୁ କମ୍ ପ୍ରତିଯୋଗିତାରେ ଓମ୍‌କାର ଜିଲ୍ଲା ତଥା ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। କୋଚ୍ ସୀମାଞ୍ଚଳ କାଡ୍ରାକାଙ୍କଠାରୁ ତୀରନ୍ଦାଜ ଶିକ୍ଷା ଗ୍ରହଣ କରି ସେ ସଫଳତା ପାଇଛନ୍ତି ବୋଲି ଗଣମାଧ୍ୟମକୁ ଜଣାଇଛନ୍ତି। ରଙ୍ଗଟ ପବ୍ଲିକ ସ୍କୁଲ ଛତିଶଗଡ଼ ଦୁର୍ଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓମ୍‌କାର ଭାଗ ନେଇଥିଲେ। ତାଙ୍କର ଏହି ସଫଳତା ଅଞ୍ଚଳରେ ଖୁସିର ଲହରୀ ଖେଳାଇ ଦେଇଛି।



# ଆନ୍ତଃ ଜିଲ୍ଲା ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ମୟୂରଭଞ୍ଜ ଦଳ ଘୋଷିତ




**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ଆୟୋଜିତ ସିଏ ଆନ୍ତଃ ଜିଲ୍ଲା ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଦଳ ଘୋଷିତ ହୋଇଯାଇଛି। ଦଳରେ ଅଧିନାୟକ ଚନ୍ଦନ କୁମାର ସିଂହ, ଉପ ଅଧିନାୟକ ରୋଶନ ଚୌଧୁରୀ ସମେତ ଜିଏନ ବିଶ୍ୱ ପି ସାହୁ, ମହେନ୍ଦ୍ର କୁମାର ଦେ, ଜ୍ଞାନଦୀପ ବସା, ଡି ଜଗନ ରେଡ୍ଡି, ସାହିଲ କୁମାର ମହାନ୍ତ, ଉତ୍ସବ ରଣା, ନିର୍ମାଲ୍ୟ ନନ୍ଦ, ରାଜବୀର ପ୍ରଧାନ, ଆଦିତ୍ୟ ଦାସ, ଗମ୍ଭୀର ପିଙ୍ଗୁଆ, ଅଭିଷେକ ଶର୍ମା, ଭବେଶ କୁମାର ମହାନ୍ତି, ସୁରଜୀତ କୁମାର ଦେଓ, ଅବିନାଶ ଦାସ, ରୁଚିକା ମଣ୍ଡଳ ଓ ଆଲୋକ ଦେହୁରୀ ସାମିଲ ଅଛନ୍ତି। ଦଳ ସହିତ କୋଚ ଓ ମ୍ୟାନେଜର ଭାବେ ସାଇବା ସିଂ କଟକ ଅଭିମୁଖେ ଯାତ୍ରା କରିଛନ୍ତି ବୋଲି କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି। ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫାଓର ଉପସଭାପତି ଅସିତ ପତି, ସହ ସମ୍ପାଦକ ଅମର କୁମାର ସେଠୀ, ଅମ୍ବିକା ରାଉତ, ପୂର୍ବତନ ଜୁନିଅର ଓଡ଼ିଶା ଅଧିନାୟକ ଲୋହିତ ଦାଶ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ତଥା ବରିଷ୍ଠ ସଦସ୍ୟ ଯୋଗେଶ୍ୱର ପାଲବାବୁ, ମଣ୍ଟୁ ଦା, କୈଳାସ ଚନ୍ଦ୍ର ବେହେରା ଓ ନନ୍ଦଲାଲ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରକାଶ ଥାଇକି ମୟୂରଭଞ୍ଜ ତା'ର ପ୍ରଥମ ମ୍ୟାଚ୍ ୨୦ ତାରିଖ ଦିନ ପୁରୀ ସହିତ ଖେଳିବ।

## ୭୦ତମ ରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନସିପ୍

# ପ୍ରଥମ ଦିବସରେ ଏକାଧିକ ମିଟ୍ ରେକର୍ଡ




**ଭୁବନେଶ୍ୱର**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଆଥଲେଟିକ୍ସ ଆସୋସିଏସନର ମିଳିତ ଆନୁକୂଲ୍ୟରେ ୭୦ତମ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ୫ ନୂଆ ମିଟ୍ ରେକର୍ଡ ସୃଷ୍ଟି ହୋଇଛି। ରାଜ୍ୟର ୩୦ ଜିଲ୍ଲାରୁ ୯୦୦ରୁ ଊର୍ଦ୍ଧ୍ୱ ଆଥଲେଟ୍ ଏଥିରେ ଅଂଶଗ୍ରହଣ କରିଛନ୍ତି। ୩ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୨୬୮ ମହିଳା ପ୍ରତିଯୋଗୀ ଭାଗ ନେଇଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ଓଡ଼ିଶା-ରିଲାଏନ୍ସ ଫାଉଣ୍ଡେଶନ ଆଥଲେଟିକ୍ସ ହାଇ-ପରଫର୍ମାନ୍ସ ସେଣ୍ଟର ଏବଂ କ୍ରୀଡ଼ା ଛାତ୍ରାବାସରେ ଟ୍ରେନିଂ ନେଉଛନ୍ତି। ଓଡ଼ିଶା ପୋଲିସ, ପୋଷ୍ଟାଲ, ବିଏସ୍‌ଏନ୍‌ଏଲ୍ ଓ କିଟ୍ ବିଶ୍ୱବିଦ୍ୟାଳୟରୁ ଆଥଲେଟ୍‌ମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଆଥଲେଟ୍‌ମାନେ ୪୦ରୁ ଅଧିକ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଭାଗ୍ୟ ପରୀକ୍ଷା କରିଛନ୍ତି।

ପ୍ରଥମ ଦିବସରେ ମୟୂରଭଞ୍ଜର ପ୍ରଦୀପ ମହନ୍ତ ୨୦ ବର୍ଷରୁ କମ୍ ବାଳକ ୫୦୦୦ ମିଟରରେ ୧୪:୫୬.୯୪ ସେକେଣ୍ଡ ସମୟ ନେଇ ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେହିପରି କଟକର ନିଖିଲ ଦାସ ୨୩ ବର୍ଷରୁ କମ୍ ବାଳକ ହାଇଜମ୍ପରେ ୨.୦୧ ମିଟର, କଟକର ଚିରଞ୍ଜୀବ ସିଂ ୨୩ ବର୍ଷରୁ କମ୍ ବାଳକ ସଟ୍‌ପୁଟ୍‌ରେ ୧୩.୯୧ ମିଟର, କିଟ୍‌ର ପି. ଅର୍ପିତା ଅର୍ଚ୍ଚନା ସାହୁ ୨୦ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ୪୨.୯୮ ମିଟର ଏବଂ ସୁନ୍ଦରଗଡ଼ର ଧନମତି ଖେସ୍ ୨୩ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ୪୧.୬୭ ମିଟର ଥ୍ରୋ କରି ନୂଆ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ୨୩ ବର୍ଷରୁ କମ୍ ୫୦୦୦ ମିଟର ରେସ୍‌ରେ ଦୀପ୍ତିରାଣୀ ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଆଂଶିକା ରାଉତରାୟ ୨୦ ବର୍ଷରୁ କମ୍ ବାଳିକା ସଟ୍‌ପୁଟ୍‌ରେ ୧୧.୩୦ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବଲାଙ୍ଗୀରର ଶ୍ରଦ୍ଧାଞ୍ଜଳି ମିଶ୍ର ରୌପ୍ୟ ଓ ଜଗତ୍‌ସିଂହପୁରର ଜ୍ୟୋତ୍ସ୍ନା ସାହୁ ବ୍ରୋଞ୍ଜ ପଦକ ଜିତିଛନ୍ତି।

# ୧୯୯୦ ଫୁଟ୍‌ବଲ ବିଶ୍ୱକପ୍ ହିରୋ ସ୍କିଲାଚିଙ୍କ ପରଲୋକ

**ରୋମ୍**

ଇଟାଲୀ ଫୁଟ୍‌ବଲ ଦଳର ପୂର୍ବତନ ଖ୍ୟାତନାମା ଖେଳାଳି ସାଲ୍‌ଭାଟୋର ସ୍କିଲାଚିଙ୍କ ପରଲୋକ ଘଟିଛି। ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା। ୧୯୯୦ ଫୁଟ୍‌ବଲ ବିଶ୍ୱକପ୍‌ରେ ସ୍କିଲାଚି ସର୍ବଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଗୋଲ୍‌ଡେନ ବଲ୍ ପୁରସ୍କାର ପାଇଥିଲେ। ୧୯୯୦ ଫୁଟ୍‌ବଲ ବିଶ୍ୱକପ୍‌ରେ ଇଟାଲୀ ୩ୟ ସ୍ଥାନ ହାସଲ କରିଥିବା ବେଳେ ସ୍କିଲାଚି ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସିସିଲି ଦ୍ୱୀପର ବାସିନ୍ଦା ସାଲ୍‌ଭାଟୋର ସ୍କିଲାଚି ଫୁଟ୍‌ବଲ ଜଗତରେ 'ଟୋଟୋ' ନାମରେ ଖ୍ୟାତ ଥିଲେ। ଜଣେ ଦକ୍ଷ ଫରୱାର୍ଡ ଭାବେ ସ୍କିଲାଚି ଫୁଟ୍‌ବଲ ଦୁନିଆରେ ଖ୍ୟାତ ଥିଲେ। ଇଟାଲୀର 'ବି' ଡିଭିଜନ୍ ଫୁଟ୍‌ବଲ ଲିଗ୍‌ରେ ସ୍କିଲାଚି ଖେଳିବା ଆରମ୍ଭ କରିଥିଲେ।

୧୯୮୮-୮୯ରେ ସ୍କିଲାଚି ଏହି ଲିଗ୍‌ର ସର୍ବାଧିକ ସ୍କୋରର୍ ଥିଲେ। ପରେ ତାଙ୍କୁ ଇଟାଲୀର 'ଏ' ଡିଭିଜନ୍ କ୍ଲବ୍ ଜୁଭେଣ୍ଟସ ପାଇଁ ଖେଳିବାର ସୁଯୋଗ ମିଳିଥିଲା। ୧୯୮୯-୯୦ ସଂସ୍କରଣରେ ଜୁଭେଣ୍ଟସ ପାଇଁ ସ୍କିଲାଚି କୋପା ଇଟାଲିଆ ଓ ୟୁଏଫା କପ୍ ଜିତିଥିଲେ। ୧୯୯୦ ଫୁଟ୍‌ବଲ ବିଶ୍ୱକପ୍‌ରେ ସାଲ୍‌ଭାଟୋର ସ୍କିଲାଚି ଅତିରିକ୍ତ ଫରୱାର୍ଡ ଭାବେ ଇଟାଲୀର ଦଳରେ ଥିଲେ। ଏକ ମ୍ୟାଚ୍‌ରେ ବଦଳ ଖେଳାଳି ଭାବେ ଯାଇ ଗୋଲ୍ ଦେବା ପରେ ତାଙ୍କୁ ସମସ୍ତ ମ୍ୟାଚ୍ ଖେଳା ଯାଇଥିଲା। ଆର୍ଜେଣ୍ଟିନା ବିପକ୍ଷ ସେମିଫାଇନାଲ ଓ ଇଂଲଣ୍ଡ ବିପକ୍ଷ ୩ୟ ସ୍ଥାନ ପାଇଁ ମ୍ୟାଚ୍‌ରେ ସ୍କିଲାଚି



ଗୋଲ୍ ଦେଇଥିଲେ। ଉକ୍ତ ବିଶ୍ୱକପ୍‌ରେ ସେ ସର୍ବାଧିକ ୬ଟି ଗୋଲ୍ ସ୍କୋର୍ କରିଥିଲେ। ୧୯୯୦ ବାଲୋଁ ଡି ଅର୍ ପୁରସ୍କାର ଦୌଡ଼ରେ ଜର୍ମାନୀର ଲୋଥମ ମାଥାଏସ୍‌ଙ୍କ ପରେ ୨ୟ ସ୍ଥାନରେ ରହିଥିଲେ। ଜୁଭେଣ୍ଟସ ପରେ ସ୍କିଲାଚି ଇଣ୍ଟର ମିଲାନ୍ ପାଇଁ ମଧ୍ୟ ଖେଳିଥିଲେ।

# କଟକ ସେଣ୍ଟ ଜାଭିୟର୍ସରେ ବାସ୍କେଟ ବଲ୍ ମହାକୁମ୍ଭ ଉଦ୍‌ଘାଟିତ

**କଟକ**

କଟକ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ସିବିଏସଇ ବାସ୍କେଟ ବଲ ପ୍ରତିଯୋଗିତା କ୍ଲଷ୍ଟର ଉଦ୍‌ଘାଟିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂ ପ୍ରଦୀପ ପ୍ରଜ୍ୱଳନ ଓ ପତାକା ଉତ୍ତୋଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କ୍ରୀଡ଼ା ସମ୍ପାଦିକା ଶ୍ରଦ୍ଧା ଭଞ୍ଜଦେଓ ଶପଥ ପାଠ କରାଇଥିଲେ। ମେୟର ଶ୍ରୀ ସିଂ କହିଥିଲେ କ୍ରିକେଟ ଓ ଫୁଟବଲ ପରେ ବାସ୍କେଟବଲ ମଧ୍ୟ ଏବେ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। କୋମଳମତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବାସ୍କେଟବଲ ପ୍ରତି ଆଗ୍ରହ ସୃଷ୍ଟି ଦିଗରେ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ପ୍ରୟାସକୁ ପ୍ରଶଂସନୀୟ ବୋଲି କହିଛନ୍ତି ମେୟର। ଶ୍ରୀ ସିଂ ସିବିଏସଇ ବାସ୍କେଟ ବଲ୍ ଟୁର୍ଣ୍ଣାମେଣ୍ଟ କ୍ଲଷ୍ଟରରେ ଏତେ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାରୁ ଶୁଭେଚ୍ଛା ଜଣାଇଥିଲେ।

ଉଦ୍‌ଘାଟନୀ ପର୍ବରେ ୧୯ବର୍ଷରୁ କମ୍ ବର୍ଗର ବାଳକ ଦଳରେ ବେଦୀକ ଇଣ୍ଟର୍ ନ୍ୟାସନାଲ ସ୍କୁଲ ଓ କାରାମେଲ ସ୍କୁଲ ଏବଂ ୧୯ବର୍ଷରୁ କମ୍ ବାଳିକା ବର୍ଗରେ ଏନ କି ଗୋୟେଲ ସ୍କୁଲ ଓ ପଶ୍ଚିମବଙ୍ଗର ଆର୍ମି ସ୍କୁଲ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମହାକୁମ୍ଭରେ ୭୦ଗୋଟି ମ୍ୟାଚ୍ ଖେଳାଯିବ। ସେମି ଫାଇନାଲ ଓ ଫାଇନାଲ ମ୍ୟାଚ୍ ସେପ୍ଟେମ୍ବର ୨୧ ତାରିଖ ଦିନ କଟକ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ।

# ଅଧାରେ ଅଟକିଛି ବିଜୁ ସେତୁ : ନିର୍ମାଣ ହୋଇଛି ମାତ୍ର ୪ ପିଲାର

**ବାରଙ୍ଗ, ନ୍ୟୁଜ୍‌ବ୍ୟୁରୋ**

ବାରଙ୍ଗ ବ୍ଲକ ଅନ୍ତର୍ଗତ ବେଲଗଛିଆ ପଞ୍ଚାୟତର ନୟାପାଟଣାରେ ନିର୍ମାଣ ଚାଲିଥିବା ବିଜୁ ସେତୁର ନିର୍ମାଣ ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ସେତୁ କାର୍ଯ୍ୟ ଅଧାରେ ରହିଛି। ବିଭାଗ ପକ୍ଷରୁ କେବଳ ୪ଟି ପିଲାର ନିର୍ମାଣ କରାଯାଇ ସେତୁ କାର୍ଯ୍ୟ ଅଧା-ପନ୍ତରିଆ ଭାବେ ପଡ଼ି ରହିଛି। ନୟାପାଟଣା ଓ ଆମ୍ବବରେଇରୁ ଦାଢ଼ାପାଟଣା ପଞ୍ଚାୟତର ମଧୁସୂଦନ ପୁରକୁ ସଂଯୋଗ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ବିଜୁ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଗତବର୍ଷ ଜୁନ ୧୧ରେ ଏହାର ଶୁଭ ଦିଆଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପୁରୀ ମୁଖ୍ୟ



କେନାଲ ଉପରେ ୫କୋଟି ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ନୂତନ ବିଜୁ ସେତୁକୁ ୧୫ ମାସ ମଧ୍ୟରେ ଶେଷ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ଚଳିତ ମାସ ୧୧ ତାରିଖରୁ ସେତୁ ନିର୍ମାଣର ଅବଧି ଶେଷ ହୋଇଯାଇଛି, ଏହାସତ୍ତ୍ୱେ କାମ ସରିନାହିଁ। ପ୍ରକାଶ ଯେ, ନୟାପାଟଣା ଏବଂ ଆମ୍ବବରେଇ ଗ୍ରାମବାସୀଙ୍କ ଅଧିକାଂଶ ଚାଷଜମି ସବୁ ପୁରୀ ମୁଖ୍ୟ କେନାଲ ଅପର ପାର୍ଶ୍ୱରେ ରହିଥିବାରୁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେପଟେ ଜୟପୁର, ବେଲଗଛିଆ, ମଧୁସୂଦନପୁର ଆଦି ଗ୍ରାମକୁ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହେଉଛି। ଉକ୍ତ ମୁଖ୍ୟ କେନାଲ ଉପରେ ପୂର୍ବରୁ ରହିଥିବା ଏକ ଲୁହା ପୋଲ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ତାହା ଉପରେ ଗୃହପାଳିତ ପଶୁ, ଯାନବାହନ ଏବଂ ଜନସାଧାରଣ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ତେଣୁ ଏଠାରେ ବିଜୁସେତୁ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟ ଆରମ୍ଭ କରିଥିଲା। ଅବଧି ସମାପ୍ତ ହୋଇଥିଲେ ମଧ୍ୟ ସେତୁ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ଏ ସଂକ୍ରାନ୍ତରେ କଟକ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ସୁବୁଦ୍ଧି କହିଛନ୍ତି, ବାରମ୍ବାର ମୁଖ୍ୟ କେନାଲରେ ପାଣି ଆସିଯିବାରୁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଆସନ୍ତା ଅକ୍ଟୋବରରେ କେନାଲରୁ ଜଳସ୍ତର ହ୍ରାସ ପାଇଲେ ନିର୍ମାଣ କାର୍ଯ୍ୟ ପୁଣି ଆରମ୍ଭ କରାଯିବ।

**OFFICE OF THE SUPERINTENDING ENGINEER, P.H. DIVISION, BHUBANESWAR, SAHID NAGAR, ODISHA** C-629
Phone / FAX 0674-2540578 (O) / e-Mail: eephiiibbsr@ori.nic.in
**Office Order No. 9400 /Dt. 18.09.2024**
**Bid Identification No. EEPHBBSR-18(3) / 2024-25 Dt. 31.08.2024**

1) **The Tender ID : - 2024_PHEO_104590_1 for the work** "Installation of 250 KVA, 11/0.4KV Sub-station towards power supply to the Intake well at Kuanria, Dasapalla. **is hereby cancelled due to Single Tender as per OPWD Code Vol-I, Para-3.5.18, Amendment- 2015.**

Sd/- ADDITIONAL CHIEF ENGINEER,
OIPR-13205/11/0020/2425 P.H. DIVISION, BHUBANESWAR

GOVERNMENT OF ODISHA
FOREST, ENVIRONMENT & CLIMATE CHANGE DEPARTMENT
OFFICE OF THE DIVISIONAL FOREST OFFICER, ANGUL FOREST DIVISION-759122 MM-161
E-mail ID- dfoangul@gmail.com, dfo.angul@odisha.gov.in
Phone No-9938022883
Corrigendum Notice No. 3 DFO, ANG 03 720 24-25, dated. 29.08.2024
Office Order No 218, Dated, Angul the 18th September - 2024

**CORRIGENDUM**

The date has been modified as follows in respect of tender call notice for Procurement of various items for the Angul Forest Division during 2024-2025, in the Tender Notice published vide Bid Identification No. DFO/ANG-03/ 2024-25, Dtd. 29.08.2024 in the same tender process as per the specification given below.

| Availability of Tender | | Date & Time of opening of the Tender |
| --- | --- | --- |
| From | To | |
| 1 | 2 | 3 |
| 30.08.2024 at 10.00 A.M | 03.10.2024 upto 5.30 PM | 04.10.2024 at 11.30 AM |

Others can see the details from Notice inviting Tenders, available in website- https://angul.odisha.gov.in. Corrigendum if any, shall only be published in the above website

All other terms and conditions will remain same as published in the above referred tender notice. Inconvenience, if any is highly regretted.

Sd/- Divisional Forest Officer
OIPR-08027/11/0017/2425 Angul Forest Division





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଗାମୀ ଦଶକ...

କରିବେ। ତେଣୁ ଆମେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ନିର୍ଦ୍ଦିଷ୍ଟ ସମୟ ଭିତରେ ପୂରଣ କରିବା ପାଇଁ ପ୍ରଚେଷ୍ଟା କରି ଚାଲିଛୁ। ଭକ୍ତ ଓ ଭଗବାନଙ୍କ ଭିତରେ ଥିବା କୃତ୍ରିମ ପ୍ରାଚୀରକୁ ହଟା ଯାଇଛି ବୋଲି ପ୍ରକାଶ କରି ସେ କହିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ସମୟରେ ଲୋକଙ୍କୁ କିଛି ପ୍ରତିଶ୍ରୁତି ଦେଇଥିଲେ। ଆମେ ସେହି ସବୁ ପ୍ରତିଶ୍ରୁତି ପୂରଣ କରିବାକୁ ପ୍ରଥମ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନେଇଥିଲୁ । ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିବା ଓ ରତ୍ନ ଭଣ୍ଡାର ଖୋଲି ମହାପ୍ରଭୁଙ୍କ ରତ୍ନର ସୁରକ୍ଷା କରିବା ଆମର ପ୍ରଥମ ପଦକ୍ଷେପ ଥିଲା। ଭକ୍ତଙ୍କ ଭାବାବେଗ ସହିତ ସମ୍ପର୍କିତ ଏହି ନିଷ୍ପତ୍ତି ଭକ୍ତ ଓ ଭଗବାନଙ୍କ ଭିତରେ ଥିବା କୃତ୍ରିମ ପ୍ରତିବନ୍ଧକ ସବୁକୁ ଦୂର କରିଥିଲା। ଓଡିଆ ଅସ୍ମିତା ଓ ସ୍ୱାଭିମାନ ଉପରେ ଆଲୋକପାତ କରି ସେ କହିଲେ ଯେ, ଗତ କିଛି ବର୍ଷ ଧରି ଓଡ଼ିଆ ଅସ୍ମିତା, ଭାଷା, ସ୍ୱାଭିମାନ, ପରିଚୟ ଅବହେଳିତ ହୋଇଥିଲା। ୨୦୨୪ ନିର୍ବାଚନରେ ଲୋକେ ଓଡ଼ିଆ ଅସ୍ମିତାର ପୁନଃ ପ୍ରତିଷ୍ଠା ପାଇଁ ମତ ପ୍ରଦାନ କରିଥିଲେ। ଆମେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ସହିତ ଓଡ଼ିଆ ଅସ୍ମିତାର ପୁନଃ ପ୍ରତିପାଦନ ନିମନ୍ତେ ୨୦୦ କୋଟି ଟଙ୍କାର ସ୍ଥାୟୀ ପାଣ୍ଠି ଗଠନ କରିଛୁ। ଓଡ଼ିଆ ଅସ୍ମିତା ଭବନ ନିର୍ମାଣ, ଓଡ଼ିଆ ଅନୁବାଦ ଏକାଡେମୀ ପ୍ରତିଷ୍ଠା ନିମନ୍ତେ ଆମେ ନିଷ୍ପତ୍ତି ନେଇଛୁ। ଶ୍ରୀମନ୍ଦିରର ଉନ୍ନତି ପାଇଁ ଆମ ସରକାର ୫୦୦ କୋଟି ଟଙ୍କାର ସ୍ଥାୟୀ ପାଣ୍ଠିର ବ୍ୟବସ୍ଥା କରିଛନ୍ତି । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଥିଲା ଆମର ବଡ ପ୍ରତିଶ୍ରୁତି। ବଜେଟରେ ୫ ହଜାର କୋଟି ଟଙ୍କାର ବ୍ୟବସ୍ଥା କରି ଆମେ ଏହାକୁ କାର୍ଯ୍ୟକାରୀ କରିଛୁ । ଚାଷୀ ଭାଇ ମାନେ ୪୮ ଘଣ୍ଟା ଭିତରେ ଏହି ମୂଲ୍ୟ ପାଇବେ। ଚାଷୀ ଭାଇ ମାନଙ୍କ ପାଇଁ ଆମେ ସିଏମ-କିଷାନ ଯୋଜନା ଆରମ୍ଭ କରିଛୁ ପିଏମ - ସମ୍ମାନ ନିଧି ସହିତ ସଂଯୁକ୍ତ ହୋଇ ଏହା ଚାଷୀ ଭାଇ ମାନଙ୍କୁ ଆର୍ôଥିକ ସହଯୋଗ ପ୍ରଦାନ କରିବ। ଯୋଉ ଚାଷୀ ମାନେ, ଆଜି ପର୍ଯ୍ୟନ୍ତ କୌଣସି ଆର୍ôଥିକ ସହାୟତା ପାଇବାରୁ ବଞ୍ଚିତ ଅଛନ୍ତି, ସେମାନଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମେ ଏକ ପୋର୍ଟାଲ ଆରମ୍ଭ କରିଛୁ, ଯାହା ଫଳରେ କୌଣସି ଯୋଗ୍ୟ ଚାଷୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେବେ ନାହିଁ । ସୁଭଦ୍ରା ଯୋଜନା ସଂପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଆମର ସବୁଠାରୁ ବଡ଼ ପ୍ରତିଶ୍ରୁତି ଥିଲା ମହିଳା ମାନଙ୍କୁ ଆର୍ôଥିକ ଦୃଷ୍ଟିରୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ପାଇଁ । ଅଭିନବ ପରିକଳ୍ପିତ ସୁଭଦ୍ରା ଯୋଜନା ଓଡ଼ିଶାର ପରିଶ୍ରମୀ ଓ ଉଦ୍ୟମୀ ମା' ମାନଙ୍କୁ ସମ୍ମାନ ଜଣାଇ ଆମ ସରକାର ଆରମ୍ଭ କରିଛନ୍ତି ସୁଭଦ୍ରା ଯୋଜନା। ଦେବୀ ସୁଭଦ୍ରାଙ୍କ ନାମରେ ନାମିତ ସୁଭଦ୍ରା ଯୋଜନାରେ ଉପକୃତ ହେବାକୁ ଯାଉଛନ୍ତି ଏକ କୋଟିରୁ ଉର୍ଦ୍ଧ୍ୱ ମହିଳା ।ବର୍ଷକୁ ୧୦ ହଜାର ଲେଖାଏଁ ପାଞ୍ଚ ବର୍ଷରେ ପ୍ରତ୍ୟେକ ଯୋଗ୍ୟ ମହିଳା ପାଇବେ ପଚାଶ ହଜାର ଟଙ୍କା। ଏହି ଟଙ୍କା ସେମାନଙ୍କୁ ଫେରାଇବାକୁ ପଡ଼ିବ ନାହିଁ, କାରଣ ଏହା ଋଣ ଆକାରରେ ସେମାନଙ୍କୁ ଦିଆଯାଉ ନାହିଁ । ଏହି ଟଙ୍କାକୁ ବିନିଯୋଗ କରି ସେମାନେ କ୍ଷୁଦ୍ର ବ୍ୟବସାୟ, ଖୁଚୁରା ଉତ୍ପାଦନ କିମ୍ବା ଛୋଟ ଦୋକାନ ଟିଏ କରି ନିଜର ଓ ନିଜ ପରିବାରର ରୋଜଗାରକୁ ବଢ଼ାଇ ପାରିବେ । ମହିଳାମାନେ ଆମ ସଂସ୍କୃତିରେ ପୂଜନୀୟ। ସେମାନଙ୍କ ପାଇଁ ସୁଭଦ୍ରା ହେଉଛି, ଆମ ସରକାରର କୃତଜ୍ଞ ନିବେଦନ । ସୁଭଦ୍ରା ଯୋଜନା ସଂପର୍କରେ ଏକ କବିତା ପାଠ କରି ସେ କହିଥିଲେ ଯେ,

'ସୁଭଦ୍ରା ଆଣିବ, ମନେ ହରସ
ପୋଛିବ ଦୁଃଖ, ଦେବ ସୁଖ ପରଶ
ସୁଭଦ୍ରା ଆମର, ଅଟେ ବିଶ୍ୱାସ
ପ୍ରତି ମହିଳାଙ୍କ, ଓଠରେ ହସ'।

ନିଜର ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ସବୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ସଫଳତା ପ୍ରକାଶ କରିଥିଲେ। ପୂର୍ବ ସରକାର ନିଜ ଅହଙ୍କାର ପାଇଁ ଲାଗୁ କରି ନ ଥିବା ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଆୟୁଷ୍ମାନ ଭାରତ ଯୋଜନାକୁ ଆମ ସରକାର ଅତିଶୀଘ୍ର ଲାଗୁ କରିବାକୁ ଯାଉଛନ୍ତି ବୋଲି ପ୍ରକାଶ କରି ମଖ୍ୟମନ୍ତ୍ରୀ କହିଥିଲେ ଏହାଦ୍ୱାରା ଦେଶର ଯେ କୌଣସି ଅଞ୍ଚଳରେ ରହୁଥିବା ଓଡ଼ିଆ ଲୋକଟିଏ ଚିକିତ୍ସା ସୁବିଧା ପାଇ ପାରିବ। ଚଳିତ ବର୍ଷ ବଜେଟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ୩୨ ପ୍ରତିଶତ ବ୍ୟୟ ବରାଦ ବୃଦ୍ଧି କରାଯାଇଛି। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ସ୍ୱାସ୍ଥ୍ୟ ସେବାର ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରି ଆମେ ଲୋକଙ୍କୁ ଘର ପାଖରେ ଉତ୍ତମ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ପ୍ରଚେଷ୍ଟା ଆରମ୍ଭ କରିଛୁ । ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ମେଡିକାଲ କଲେଜ ପ୍ରତିଷ୍ଠା ସହ, ଖାଲି ଥିବା ଡାକ୍ତର ଓ ପାରା ମେଡିକାଲ ପଦବୀ ପୂରଣ ନିମନ୍ତେ କାର୍ଯ୍ୟକ୍ରମ ଆରମ୍ଭ କରିଛୁ।

ଶିକ୍ଷା କ୍ଷେତ୍ରରେ ଆମ ସରକାର ୧୦୦ ଦିନ ଭିତରେ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ପିଏମ୍-ଶ୍ରୀ ଯୋଜନାରେ ୮୦୦ ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ର ଭାବରେ ପ୍ରତିଷ୍ଠା କରାଯିବ। ନୂଆ ଶିକ୍ଷା ନୀତି - ୨୦୨୦ କୁ ଆମେ ଲାଗୁ କରିବାକୁ ନିଷ୍ପତ୍ତି ନେଇ ସାରିଛୁ। ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ସେହିପରି ଉଚ୍ଚ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ଅଭିବୃଦ୍ଧି ପାଇଁ ପିଏମ୍-ଉଷା ଯୋଜନା କାର୍ଯ୍ୟକାରୀ ହେବ। ଛାତ୍ରଛାତ୍ରୀ ମାନେ ଯେଭଳି ଅଧାରୁ ପାଠ ନ ଛାଡନ୍ତି, ସେଥିପାଇଁ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ପାଇଁ ବଜେଟରେ ବ୍ୟବସ୍ଥା ରଖା ଯାଇଛି, ଯାହାଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କୁ ୫୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ। ଭିତ୍ତିଭୂମି ନିର୍ମାଣ ବିକାଶର ମୂଳ ଆବଶ୍ୟକତା। ଗ୍ରାମୀଣ ଭିତ୍ତିଭୂମି ନିର୍ମାଣ ପାଇଁ ୧ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏଥି ସହିତ କେନ୍ଦ୍ର ବଜେଟରେ ଜନଜାତି ଅଧ୍ୟୁଷିତ ଅଞ୍ଚଳକୁ ସବୁଦିନିଆ ପକ୍କା ରାସ୍ତା ନିର୍ମାଣ ନିମନ୍ତେ ବ୍ୟବସ୍ଥା ହୋଇଛି, ଯାହାର ସୁଫଳ ଓଡ଼ିଶାକୁ ମଧ୍ୟ ମିଳିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପାଇଁ ଅଧିକ ଆବାସର ପ୍ରାବଧାନ ରଖାଯାଇଛି । ଶ୍ରମିକ, ବୟସ୍କ ନାଗରିକ ଓ ଦିବ୍ୟାଙ୍ଗ ମାନଙ୍କ ପାଇଁ ସରକାର ଭତ୍ତାର ପରିମାଣ ବୃଦ୍ଧି କରିଛନ୍ତି ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏବେ ମାସିକ ୩ ହଜାର ୫ ଶହ ଟଙ୍କା ପାଇବେ। ନିର୍ମାଣ ଶ୍ରମିକମାନଙ୍କ ପରିବାରରୁ କୌଣସି ଶ୍ରମିକଙ୍କ ଆକସ୍ମିକ ମୃତ୍ୟୁ ହେଲେ ୬ ଲକ୍ଷ ଟଙ୍କା ସହାୟତା ମିଳିବ। ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସରକାର ଏକ ବଡ ନିଷ୍ପତ୍ତି ନେଇଛନ୍ତି। ୫ ବର୍ଷ ମଧ୍ୟରେ ଅଢେଇ ଲକ୍ଷ ସରକାରୀ ପଦବୀ ପୂରଣ କରାଯାଇ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦିଆଯିବ । ସେହିପରି ଅଗ୍ନିବୀର ମାନଙ୍କ ପାଇଁ ୟୁନିଫର୍ମ ସର୍ଭିସ ରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରହିବ। ଗ୍ରାମାଞ୍ଚଳ ତଥା ତୃଣମୂଳ କ୍ଷେତ୍ରରେ କ୍ରୀଡାର ବିକାଶ ପାଇଁ ଆମ ସରକାର ୯୫୨ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଭୁବନେଶ୍ୱରର ଠାରେ ୧୦୦-ଏକର ଅଞ୍ଚଳରେ ଏକ ନୂତନ ବିଶ୍ୱସ୍ତରୀୟ ଷ୍ଟାଡିୟମ ତଥା କ୍ରୀଡ଼ା କେନ୍ଦ୍ର ନିର୍ମାଣ କରାଯିବ। ଜାତୀୟ ହକି ଦଳକୁ ସରକାର ୨୦୩୬ ଯାଏଁ ପ୍ରାୟୋଜିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆମର ଅର୍ଥନୈତିକ ଅଭିବୃଦ୍ଧିର ମୂଳ ଉତ୍ସ ହେଉଛି ଶିଳ୍ପ । ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ କରିବା ପାଇଁ ଶିଳ୍ପ କ୍ଷେତ୍ରର ପ୍ରମୁଖ ଭୂମିକା ରହିବ। ସେଥିପାଇଁ ଶିଳ୍ପ କ୍ଷେତ୍ରକୁ ଆମେ ଅଧିକ ଗୁରୁତ୍ୱ ଦେଉଛୁ । ରାଜ୍ୟ ରାଜଧାନୀ ଅଞ୍ଚଳରେ ଏଫ୍‌ଡିଆଇ ପାର୍କ ପ୍ରତିଷ୍ଠା, ଗାର୍ମେଣ୍ଟ ମାନୁଫାକଚରିଂ, ମେଗା ଫୁଡ୍ ପାର୍କ ଆଦି ପ୍ରତିଷ୍ଠା ପାଇଁ ନିଷ୍ପତ୍ତି କରାଯାଇଛି ।ଏହା ସହିତ ରାଜ୍ୟରେ ୧୧ ଟି ନୂଆ ଏମ୍‌ଏମ୍‌ଏମ୍‌ଇ ପାର୍କ ମଧ୍ୟ ପ୍ରତିଷ୍ଠା କରାଯିବ। ରାଉରକେଲା, ସମ୍ବଲପୁର, ପାରାଦୀପ ଓ ଧାମରା ଅଞ୍ଚଳରେ ଶିଳ୍ପ କରିଡର ସ୍ଥାପନ ମଧ୍ୟ କରାଯିବ। ଦେଶର ପ୍ରଥମ ସେମି କଣ୍ଡକ୍ଟର ମାନୁଫାକଚରିଂ ଫାସିଲିଟି ଭୁବନେଶ୍ୱର ଇନ୍ଫୋ ଭ୍ୟାଲିରେ ପ୍ରତିଷ୍ଠା କରାଯିବ। ଏହାର ଭିତ୍ତି ପ୍ରସ୍ତର ରଖାଯାଇ ସାରିଛି ରାଜ୍ୟର ଆଇଟି, ଆଇଟିଇଏସ୍ ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ୫୦ ହଜାର ନିଯୁକ୍ତି ସୃଷ୍ଟି କରାଯିବ। ରାଜ୍ୟରେ ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ଜରିଆରେ ବର୍ତ୍ତମାନ ସୁଦ୍ଧା ୨୬ ଟି ନୂଆ ପ୍ରକଳ୍ପ ପାଇଁ ଆମେ ଅନୁମୋଦନ ଦେଇ ସାରିଛୁ । ଏହା ଦ୍ୱାରା ରାଜ୍ୟରେ ପ୍ରାୟ ୬ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ ଏବଂ ୧୯ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଆସନ୍ତା ୫ ବର୍ଷ ଆମେ ଶିଳ୍ପ କ୍ଷେତ୍ରରେ ୩.୫ ଲକ୍ଷ ନିଯୁକ୍ତି ସୃଷ୍ଟି କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିକାଶର ପ୍ରଥମ ପାହାଚ ହେଉଛି ଭିତ୍ତିଭୂମି। ଆମର ନୂଆ ସରକାର ଭିତ୍ତିଭୂମି କ୍ଷେତ୍ରରେ ଓଡ଼ିଶା ପାଇଁ ଅପାର ସୁଯୋଗ ସୃଷ୍ଟି କରିଛି । ଏବେ ନିକଟରେ କେନ୍ଦ୍ର ସରକାର କେବଳ ରେଳ କ୍ଷେତ୍ରରେ ୨୦,୦୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ ଓଡ଼ିଶାକୁ ଉପହାର ଦେଇଛନ୍ତି । ରେଳ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ୭୦ ହଜାର କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇ ସାରିଥିବା ବେଳେ ଓଡ଼ିଶାରେ ୧ ଲକ୍ଷ କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେବାର ଯୋଜନା ରହିଛି। ନିକଟରେ ମୁଁ ଦିଲ୍ଲୀ ଗସ୍ତ ବେଳେ ପ୍ରାୟ ୨୧,୦୦୦ କୋଟି ଟଙ୍କାର ଅନେକ ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପ ଓଡ଼ିଶା ପାଇଁ ମଞ୍ଜୁର ହୋଇଛି।ଏହା ସହିତ ୫୦,୦୦୦ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ମଧ୍ୟ କେନ୍ଦ୍ର ସରକାରଙ୍କ ବିଚାରାଧୀନ ଅଛି। ମୋର ପୁରା ବିଶ୍ୱାସ ଏ ସବୁ ପ୍ରକଳ୍ପ ମଧ୍ୟ ମଞ୍ଜୁର ହେବ। ରେଳପଥ, ସଡ଼କପଥ, ଆକାଶପଥ ଓ ବନ୍ଦରର ବିକାଶ ଜରିଆରେ ରାଜ୍ୟରେ ପ୍ରଗତିର ଏକ ସୁବର୍ଣ୍ଣ ଯୁଗ ଆରମ୍ଭ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଆସନ୍ତା ଦଶକ ଓଡ଼ିଶା ପାଇଁ ଭିତ୍ତିଭମି ନିର୍ମାଣର ଦଶକ ହୋଇ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରି ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡିଶା ଓ ୨୦୪୭ ମସିହା ସୁଦ୍ଧା ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ପୂରଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେହିପରି ରାଜ୍ୟ ସରକାର ଦୁର୍ନୀତି ବିରୋଧୀ ସଂକଳ୍ପ ନେଇ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଲାଞ୍ଚ ଦାବି, ଆୟ ବହିର୍ଭୂତ ସଂପତ୍ତିଠୁଳ ଅଭିଯୋଗରେ ୭୧ଟି ମାମଲା ରୁଜୁ କରାଯାଇ ୫୮ଜଣଙ୍କୁ ଗିରଫ କରି ଜେଲ୍ ପଠାଯାଇଛି । ଏଥି ମଧ୍ୟରୁ ୧୭ ପ୍ରଥମ ଶ୍ରେଣୀ ଅଧିକାରୀ ହୋଇଥିବା ବେଳେ ୭ ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ। ପୂର୍ବ ସରକାର କେରାଣ୍ଡି ମାଛ ଧରିବା ଭଳି କେବଳ ଛୋଟ ଛୋଟ କିରାଣୀମାନଙ୍କୁ ଧରୁଥିଲେ। କିନ୍ତୁ ଆମେ ବଡ ବଡ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ମଧ୍ୟ ଛାଡୁ ନାହୁଁ । ସେ କହିଥିଲେ ଯେ ଦୁର୍ନୀତି ମାମଲାରେ ଆମର ଦୋଷୀ ସାବ୍ୟସ୍ତ ହାର ୫୦ ପ୍ରତିଶତ ହୋଇଥିବା ବେଳେ ଆୟ ବହିର୍ଭୂତ ସଂପତ୍ତି ମାମଲାରେ ଦୋଷୀ ସାବ୍ୟସ୍ତ ହାର ୮୦ ପ୍ରତିଶତ ରହିଛି। ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ, ପୁଞ୍ଜିନିବେଶ ଓ ରୋଜଗାର ଉପରେ ଗୁରୁତ୍ୱ ଦେଲେ ହି ବିକଶିତ ଓଡ଼ିଶାର ସ୍ୱପ୍ନ ସମ୍ଭବ ହୋଇପାରିବ। ଓଡ଼ିଶାର ସାଧାରଣ ଲୋକଙ୍କ ଜୀବନ ଧାରଣର ମାନରେ ଗୁଣାତ୍ମକ ପରିବର୍ତ୍ତନ ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ୍ । ବିକଶିତ ଓଡ଼ିଶାର ଅର୍ଥ ହେଲା ଓଡ଼ିଶାର ପ୍ରତ୍ୟେକ ଲୋକଙ୍କ ସମାବେଶୀ ବିକାଶ। ଗୋଟିଏ ସରକାର ପାଇଁ ଶହେ ଦିନ ଖୁବ ଅଧିକ ନୁହେଁ। ଆମେ ପ୍ରତିବଦ୍ଧତାର ସହିତ ପ୍ରୟାସ ଆରମ୍ଭ କରିଛୁ ଲକ୍ଷରେ ପହଞ୍ଚିବା ପାଇଁ । ଜନସାଧାରଣଙ୍କ ସହଯୋଗ ଓ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଆମର ଏକାନ୍ତ କାମ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲୋକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ସୁକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ , ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ପୁରୀ ସାଂସଦ ସମ୍ବିତ ପାତ୍ର, ଜଗତସିଂପୁର ସାଂସଦ ବିଭୁ ପ୍ରସାଦ ତରାଇ, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ଓମ ପ୍ରକାଶ ମିଶ୍ର ଓ ଆଶ୍ରିତ କୁମାର ପଟ୍ଟନାୟକ, ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ରାଜ୍ୟ ସରକାରଙ୍କ ୧୦୦ ଦିନର ସଫଳତା ଉପରେ ଏକ ପୁସ୍ତିକା ଲୋକାର୍ପଣ କରିଥିଲେ। ଏହାଛଡା ସରକାରଙ୍କ ସଫଳତାକୁ ନେଇ ଏକ ଭିଡିଓ ଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଥିଲା। ବୈଠକ ପରେ ମୁଖ୍ୟମନ୍ତ୍ରୀ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ପାଳନ ଉପଲକ୍ଷେ ପୁରୀ ନୀଳାଚଳ ହାଟ ଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆୟୋଜିତ ବିକାଶ ମେଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀରେ ସ୍ୱୟଂସହାୟିକା ଗୋଷ୍ଠୀମାନଙ୍କ ଉତ୍ପାଦିତ ସାମଗ୍ରୀ ଗୁଡିକ ପ୍ରଦର୍ଶିତ ହୋଇଛି । ପରିଶେଷରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ଏବଂ ରାଜ୍ୟର ଜନ ସାଧାରଣଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ।

## ୩୯,୨୭୧ କୋଟି...

ସିଲେକ୍ଟିକ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ପକ୍ଷରୁ ଖୋର୍ଦ୍ଧାରେ ୩୦୩୪ କୋଟି ଟଙ୍କା ନିବେଶରେ ଏକ ସିଲିକନ କାର୍ବାଇଡ୍ ଡିଭାଇସ୍ କାରଖାନା ସ୍ଥାପନ କରାଯିବ । ଖୋର୍ଦ୍ଧାରେ କେନିସ ସର୍କିଟ୍‌ସ ଇଣ୍ଡିଆ ୧୩୯୫ କୋଟି ଟଙ୍କା ଓ ହେଟେରୋଜେନସ୍ ଇଣ୍ଟିଗ୍ରେସନ ପ୍ୟାକେଜିଂ ସଲ୍ୟୁସନ୍ସ ୧୯୨୬ କୋଟି ଟଙ୍କା ନିବେଶ କରିବ। ଇଲେକ୍ଟ୍ରୋଷ୍ଟିଲ କାଷ୍ଟିଙ୍ଗ୍‌ସ ଢେଙ୍କାନାଳରେ ୩୦୦୦ କୋଟି ଟଙ୍କା ନିବେଶ କରି ୫,୦୦,୦୦୦ ଏମ୍‌ଟି କ୍ଷମତା ବିଶିଷ୍ଟ ଡକ୍ଟାଇଲ୍ ଆଇରନ ପାଇପ କାରଖାନା ସ୍ଥାପନ କରିବ। ଜଗତ୍‌ସିଂହପୁରରେ ଇପିଗ୍ରାଲ ଲିମିଟେଡ୍ ୨୮୦୦ କୋଟି ଟଙ୍କା ଓ ଲକ୍ଷ୍ମୀ ଅର୍ଗାନିକ ୨୫୫୫ କୋଟି ଟଙ୍କା ନିବେଶ କରିବ। ସେହିପରି, କେନ୍ଦୁଝରରେ ଶ୍ୟାମ ଷ୍ଟିଲ ମାନୁଫାକ୍ଚରିଂ ତରଫରୁ ୨୫୧୦ କୋଟି ଟଙ୍କା ନିବେଶରେ ଏକ ୦.୫ (ଏମ୍‌ଟିପିଏ)ର ସମନ୍ୱିତ ଇସ୍ପାତ କାରଖାନା ସ୍ଥାପନ କରାଯିବ। କଟକରେ ଅମ୍ବୁଜା କଙ୍କ୍ରିଟ୍ ନର୍ଥ ପକ୍ଷରୁ ୧୪୦୦ କୋଟି ଟଙ୍କା ନିବେଶ କରାଯିବ। ବାଲେଶ୍ୱରରେ ଡାଲମିଆ ଭାରତ ରିଫ୍ରାକ୍ଟରିଜ ପକ୍ଷରୁ ୧୨୦୦ କୋଟି ଟଙ୍କା ନିବେଶରେ ଟାୟାର, ଟ୍ୟୁବ ଓ ଫ୍ଲାପ୍‌ସ କାରଖାନା ସ୍ଥାପନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ନୂତନ ସରକାରଙ୍କ ଏହା ଥିଲା ପ୍ରଥମ ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ ବୈଠକ । ରାଜ୍ୟର ଶିଳ୍ପ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଆମ ସରକାର ପ୍ରତିବଦ୍ଧ ରହିଛି। ଓଡ଼ିଶାକୁ ଭାରତର ଏକ ପ୍ରମୁଖ ନିବେଶସ୍ଥଳ ଭାବେ ଆମେ ଉପସ୍ଥାପନ କରିବାକୁ ଚାହୁଁଛୁ। ଓଡ଼ିଶାକୁ ଏକ ଶ୍ରେଷ୍ଠ ବ୍ୟବସାୟ-ଅନୁକୂଳ ରାଜ୍ୟରେ ପରିଣତ କରିବା ଲାଗି ଆମେ ଉଦ୍ୟମ କରୁଛୁ। ଶିଳ୍ପାୟନ ସହିତ ନିଯୁକ୍ତି ସୃଷ୍ଟିକୁ ଆମେ ଗୁରୁତ୍ୱ ଦେଉଛୁ ବୋଲି ସେ କହିଛନ୍ତି ।

## ଭଦ୍ରକ ଗୁଡୁପୋଖରୀ...

୨୧ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ୧୬୩ ଧାରା ଲାଗୁ ହୋଇଥିବା ଜଣାପଡିଛି। ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଏହି ସମୟରେ ଗୁଡୁପୋଖରୀ ଅଞ୍ଚଳରେ ଏକତ୍ରିତ ନହେବାକୁ ନିର୍ଦ୍ଦେଶ ଦିଆଯାଇଛି । ୧ କି.ମି ପରିସର ମଧ୍ୟରେ ଏକତ୍ରିତ ଓ ଶୋଭାଯାତ୍ରା ଉପରେ କଟକଣା ଲାଗୁ ହୋଇଛି ।

ସେହିଭଳି ଧାମନଗର ତହସିଲଦାରଙ୍କୁ ଉକ୍ତ ସ୍ଥାନରେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଭାବରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି ।

## ଇପିଏଫ୍‌ରୁ ...

କର୍ମଚାରୀଙ୍କ ଆୟ ସୀମା ୧୫,୦୦୦ ଟଙ୍କାରୁ ବୃଦ୍ଧି କରି ୨୧,୦୦୦ ଟଙ୍କା କରିବାକୁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି । ଏହାଛଡା କର୍ମଚାରୀ ରାଜ୍ୟ ବୀମା ଯୋଜନା (ଇଏସ୍‌ଆଇସି)କୁ କର୍ମଚାରୀଙ୍କ ଆୟ ସୀମା ୨୧,୦୦୦ ଟଙ୍କାରୁ ଅଧିକ କରିବାକୁ ଯୋଜନା ପ୍ରସ୍ତୁତ ହେଉଥିବା ଶ୍ରୀ ମାଣ୍ଡଭ୍ୟ କହିଛନ୍ତି।

## ଓଡ଼ିଶା ପୁଲିସକୁ ...

ହାଁସଦାଙ୍କୁ ବଦଳି କରାଯାଇଥିଲା। କ୍ରାଇମ୍‌ବ୍ରାଞ୍ଚର ୫ଜଣିଆ ଟିମ୍ ଭରତପୁର ଥାନାକୁ ଆସି ତଦନ୍ତ କରିଥିଲେ । ସନ୍ଧ୍ୟାରେ ପ୍ରାଥମିକ ତଦନ୍ତ ରିପୋର୍ଟ ଡିଜିପିଙ୍କୁ ପ୍ରଦାନ କରିଥିଲା। ଏହାକୁ ଆଧାର କରି ୫ଜଣଙ୍କୁ ନିଲମ୍ବିତ କରିଛନ୍ତି ଡିଜିପି। ଭରତପୁର ଥାନାର ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ର ବିବାଦୀୟ ହେବା ନୂଆ କଥା ନୁହେଁ । ତାଙ୍କ ନାମରେ ବଟି ଆଦାୟ ଭଳି ସଙ୍ଗୀନ ଅଭିଯୋଗ ଆସିଥିବା ବେଳେ ସେ ପୂର୍ବରୁ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଛନ୍ତି ।

## ଦାନା ବାନ୍ଧୁଛି ...

ନିମ୍ନ ଚାପରେଖା ସକ୍ରିୟ ଥିବା ବେଳେ ଆସନ୍ତା ୨୨ ତାରିଖ ବେଳକୁ ବଙ୍ଗୋପସାଗରରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପର ରୂପ ନେବ। ଏହାର ପ୍ରଭାବରେ ୨୨ ତାରିଖ ଦିନ ଘଡଘଡି ବିଜୁଳି ସହ ପ୍ରବଳ ବର୍ଷା ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଅନୁଗୁଳ, ଢେଙ୍କାନାଳ, ଗଞ୍ଜାମ ଏବଂ ଗଜପତି ଜିଲ୍ଲାକୁ ସତର୍କତା ଜାରି କରାଯାଇଛି।

## ଶୁକ୍ର ପ୍ରଦକ୍ଷିଣ...

ଜୀବଜଗତ ପାଇଁ ବାସୋପଯୋଗୀ ଥିଲା। ମାତ୍ର, ଇତିମଧ୍ୟରେ ଏଥିରେ ଅନେକ କିଛି ପରିବର୍ତ୍ତନ ଘଟିଛି। ଏହାକୁ ପୃଥିବୀ ଯାଆଁଳା ଭାଇ କୁହାଯାଏ। କାରଣ ଏହା ପୃଥିବୀର ସବୁଠୁ ନିକଟତର ଗ୍ରହ। ଶୁକ୍ର ସଂପର୍କରେ ଅନୁସନ୍ଧାନରୁ ଅନେକ ଉପାଦେୟ ତଥ୍ୟ ମିଳିବାର ସମ୍ଭାବନା ରହିଛି। ଗ୍ରହଗୁଡ଼ିକର ସୃଷ୍ଟି, ପୃଥିବୀ ଓ ଶୁକ୍ରର ବିକାଶ ସଂପର୍କରେ ମିଳିବାକୁ ଥିବା ତଥ୍ୟ ସବୁ ବିଜ୍ଞାନ ଜଗତରେ ପ୍ରସାରିତ ହେବ। ଏହା ମଣିଷ ସମାଜ ପାଇଁ ଏକ ନୂଆ ପ୍ରଗତି ଆଣିବ।

ଏହା ବ୍ୟତିତ ଏହି ପ୍ରକଳ୍ପ ଜରିଆରେ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଶୁକ୍ରଯାନ ଓ ଏହାର ଉତକ୍ଷେପଣ ଯାନ ତିଆରି ପାଇଁ ବହୁ ଶିଳ୍ପ ସଂସ୍ଥାଙ୍କ ସଂପୃକ୍ତି ଆବଶ୍ୟକ। ଏଥିପାଇଁ ମଧ୍ୟ ଅନେକ ଗବେଷଣା ସଂସ୍ଥାର ସହଯୋଗ ଦରକାର। ବିଜ୍ଞାନ ଓ ପ୍ରଯୁକ୍ତିର ଛାତ୍ର ଓ ଗବେଷକଙ୍କ ପାଇଁ ଏହା ଅନେକ ସୁଯୋଗ ସୃଷ୍ଟି କରିବ।

ପୂର୍ବରୁ ଭାରତ ଚନ୍ଦ୍ର ଓ ମଙ୍ଗଳକୁ ଯାନ ପଠାଇ ସାରିଛି। ଶୁକ୍ର ପ୍ରଦକ୍ଷିଣ ଅଭିଯାନ ସଫଳ ହେଲେ ଭାରତ ବିଶ୍ୱର ଏକ ସମ୍ଭ୍ରାନ୍ତ ବର୍ଗରେ ସ୍ଥାନ ପାଇବ।

# କେନ୍ଦ୍ରସରକାରଙ୍କ ମିନିରନ୍ କମ୍ପାନୀ ୱାପ୍‌କୋସ୍‌ର ପ୍ରତିନିଧିଙ୍କ ଉପମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ କେନ୍ଦ୍ରସରକାରଙ୍କ ମିନିରନ୍ କମ୍ପାନୀ ୱାପ୍ ?କୋସ୍ ? (ଡଇଚଉଡଙ୍ଫ)ର ପ୍ରତିନିଧି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ବୈଠକ କରିଛନ୍ତି । ଏହି ବୈଠକରେ ଶକ୍ତି, ଜଳସେଚନ ଓ ଭିତ୍ତିଭୂମି ବିକାଶ ନେଇ ଆଲୋଚନା କରିଥିଲେ । ୱାପ୍ ?କୋସ୍ ? ଆଗରୁ ଓଡ଼ିଶାରେ ବିଭିନ୍ନ ପ୍ରକଳ୍ପ କରି ସାରିଛି । ସେଥିରେ ରେଙ୍ଗାଲି ଜଳସେଚନ ପ୍ରକଳ୍ପ, ଗଙ୍ଗାଧର ମେହେର ଉଠାଜଳସେଚନ, ଚିପିଲିମା ପାୱାର ଚାନେଲ୍ ଇତ୍ୟାଦି ଅନ୍ୟତମ । ଚିପିଲିମା ପାୱାର ଚାନେଲ୍ ?ର କିଛି ଅଂଶ ମରାମତି ଆବଶ୍ୟକ କରୁଥିବାରୁ ଏହାର ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା । ଏଥି ସହ ଆଗାମୀ ପ୍ରକଳ୍ପଗୁଡ଼ିକ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ମଧ୍ୟ କରାଯାଇଥିଲା । ପ୍ରକଳ୍ପଗୁଡ଼ିକର ଖର୍ଚ୍ଚ, ଅବଧି ଓ ବିଶେଷତ୍ୱ ବିଷୟରେ ମନ୍ତ୍ରୀ ଶ୍ରୀ ସିଂହଦେଓ ପଚାରି ବୁଝିଥିଲେ । ବୈଠକରେ ହୋଇଥିବା ଆଲୋଚନା ଅଭିନବ ସମାଧାନ ଏବଂ ଅଗ୍ରଗାମୀ ଚିନ୍ତାଧାରା ଓଡ଼ିଶାର ଭିତ୍ତିଭୂମି ଏବଂ ବିକାଶ ପାଇଁ ବହୁତ ସମ୍ଭାବନା ସୃଷ୍ଟି କରିଛି ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ।ବୈଠକରେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା ଏବଂ ଜଳସମ୍ପଦ ଓ ଶକ୍ତି ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

# ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନର ଶୁଭାରମ୍ଭ

# ଓଡ଼ିଶାର ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଜନଜାତି ପରିବାର ହେବେ ଉପକୃତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନର ଶୁଭାରମ୍ଭ କରାଯାଇଛି । ଏହି ଅଭିଯାନ ଅନ୍ତର୍ଗତ ଓଡ଼ିଶାରେ ୨୭ ଟି ଜିଲ୍ଲାର ୨୩୨ ବ୍ଲକର ୭୬୬୭ ଟି ଜନଜାତି ବହୁଳ ଗାଁର ୧୦,୮୫,୬୬୧ ଜନଜାତି ପରିବାର ଉପକୃତ ହେବେ । କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ, ଏହି ଅଭିଯାନରେ ୨୫ ଟି କାର୍ଯ୍ୟକ୍ରମ ସାମିଲ ହେବ ଏବଂ ଏହା ୧୭ ଟି ମନ୍ତ୍ରାଳୟ ତଥା ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେବ । ଭିତିଭୂମି ବିକାଶ, ସାମାଜିକ-ଅର୍ଥନୈତିକ ସଶକ୍ତିକରଣ, ସମସ୍ତଙ୍କ ପାଇଁ ଉତ୍ତମ ଶିକ୍ଷା ତଥା ସ୍ୱାସ୍ଥ୍ୟକର ଜୀବନ ସହ ସମ୍ମାନଜନକ ବାର୍ଦ୍ଧକ୍ୟକୁ ପ୍ରୋତ୍ସାହିତ କରିବାକୁ ଉଦ୍ଦେଶ୍ୟ ରଖାଯାଇଛି । ଏହି ଅଭିଯାନରେ ଆଦିବାସୀ ବହୁଳ ଅଞ୍ଚଳରେ ହୋମ୍ ଷ୍ଟେ କାର୍ଯ୍ୟକ୍ରମ, ଜଙ୍ଗଲ ଅଧିକାର ଆଇନ ଅଧିନରେ ପଟ୍ଟା ପାଇଥିବା ଲୋକଙ୍କ ପାଇଁ ସହାୟତା ଏବଂ ସିକଲ୍ ସେଲ୍ ପରି ରୋଗ ପରିଚାଳନା ଭଳି ଅଭିନବ ପଦକ୍ଷେପକୁ ପ୍ରୋତ୍ସାହିତ କରାଯିବ । ତେବେ ଏହି ଅଭିଯାନ ଅଧିନରେ ହୋଇଥିବା ଅଗ୍ରଗତିକୁ ପିଏମ-ଗତିଶକ୍ତି ପୋର୍ଟାଲ ମାଧ୍ୟମରେ ନିରୀକ୍ଷଣ କରାଯିବ । ସୂଚନାଯୋଗ୍ୟ, ୧୮ ସେପଟ୍ଟେମ୍ବରରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଛି । ୭୯,୧୫୬ କୋଟି ବ୍ୟୟ ବରାଦ ଥିବା ଏହି ଅଭିଯାନରେ ଦେଶର ୩୦ ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୬୩,୦୦୦ ଗ୍ରାମରେ ରହୁଥିବା ପ୍ରାୟ ୫ କୋଟିରୁ ଉର୍ଦ୍ଧ୍ୱ ଜନଜାତିଙ୍କ ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ବ୍ୟୟବରାଦରୁ କେନ୍ଦ୍ର ସରକାର ୫୬,୩୩୩ କୋଟି ଟଙ୍କା ବହନ କରୁଥିବା ବେଳେ ରାଜ୍ୟଗୁଡ଼ିକ ୨୨,୮୨୩ କୋଟି ଟଙ୍କାର ବ୍ୟୟ ଭାର ବହନ କରିବେ । ଏହି ଅଭିଯାନ ଦେଶର ୫୪୯ ଟି ଆଦିବାସୀ ବହୁଳ ଜିଲ୍ଲା ଏବଂ ୨୭୪୦ ବ୍ଲକରେ ଏକ ସମୟରେ ଚାଲିବ ।

# ବିଜେପିର ୧୦୦ ଦିନର ସରକାର ହେଉଛି ପ୍ରତାରଣା ଓ ପ୍ରବଞ୍ଚନାର ସରକାର : ବିଜେଡି



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଅସ୍ମିତା ଓ ବିକାଶର ନାରା ଦେଇ ରାଜ୍ୟରେ ଶାସନକୁ ଆସିଥିବା ବିଜେପି ସରକାର ଏକ ବିଫଳ ଓ ପ୍ରତାରଣାର ସରକାର ବୋଲି ଗୁରୁବାର ଶଙ୍ଖଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡି ମୁଖପାତ୍ର ଡ. ଲେନିନ ମହାନ୍ତି । ବିଜେପିର ଏହି ୧୦୦ ଦିନ ସରକାରରେ ରାଜ୍ୟରେ ଆଇନ ଶୃଙ୍ଖଳା ଭୁଶୁଡ଼ିବା ସହ ସାଧାରଣ ଲୋକଙ୍କ ଜୀବନଯାପନ ଦୁର୍ବିସହ ହୋଇଯାଇଛି । ଅସ୍ମିତା ନାଁରେ ସେମାନେ ରାଜ୍ୟ ଶାସନର ଦୁଇ ମୁଖ୍ୟ ପଦ ଯଥା ଡିଜିପି ଓ ମୁଖ୍ୟ ଶାସନ ସଚିବ ଦୁଇ ଅଣଓଡିଆ ଅଫିସରଙ୍କ ହାତକୁ ଟେକି ଦେଇଛନ୍ତି । ଯାହା ରାଜ୍ୟ ପାଇଁ ଦୁର୍ଭାଗ୍ୟଜନକ ।ଡ. ମହାନ୍ତି ଆହୁରି ମଧ୍ୟ କହିଛନ୍ତି ଅହଂକାରର ଶେଷ ସୀମାରେ ରହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସରକାର । ବିଜେପିର ପ୍ରତ୍ୟେକ ପ୍ରତିଶ୍ରୁତି ପାଣିର ଗାର । କଥା ଓ କାମ ମଧ୍ୟରେ ଆକାଶ ପାତାଳର ପ୍ରଭେଦ ରହିଛି । ରାଜ୍ୟପାଳଙ୍କ ପୁଅ ଜଣେ ଓଡିଆ ଅଧିକାରୀଙ୍କୁ ଲହୁଲୁହାଣ କରି ମାଡ ମାରିଲେ । କିନ୍ତୁ ସେ ଅଧିକାରୀଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ନିଜ ଶାସନ କଳର ଉପଯୋଗ କରି ଏ କଥାକୁ ବିଜେପି ସରକାର ଚପାଇ ଦେଲା । କେବଳ ଏତିକି ନୁହେଁ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ଚରମ ନିଦର୍ଶନ ସ୍ୱରୁପ, ଭାରତୀୟ ସେନାବାହିନୀର ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଭରତପୁର ଥାନାରେ ପୋଲିସ ଅମାନବୀୟ ଭାବେ ମାଡ ମାରିଲେ । ଏହା ବିଜେପି ସରକାରର କେଉଁ ଅସ୍ମିତାର ପରିଚୟ । ଦରଦାମ ବୃଦ୍ଧିରେ ଖାଉଟି ଆଜି ହନ୍ତସନ୍ତ । ଉତ୍ତର ପ୍ରଦେଶ ତଥା ପଞ୍ଜାବରୁ ଆସୁଥିବା ଆଳୁ ଟ୍ରେନ କେଉଁ ଷ୍ଟେସନରେ ପହଂଚିଛି ବୋଲି ପ୍ରଶ୍ନ କରିଛନ୍ତି । ସେହିପରି ୧୦୦ ଦିନ ମଧ୍ୟରେ ଗୋଟିଏ ନୂଆ ଶିଳ୍ପ ମଧ୍ୟ ସେମାନେ ରାଜ୍ୟକୁ ଆଣିପାରିଲେ ନାହିଁ । ଅନ୍ୟ ପଟେ ଶିଳ୍ପ ନକରି ଜେଏସ୍‌ଡବ୍ଲ୍ୟୁ ରାଜ୍ୟରୁ ଚାଲିଯାଇଛି । ଅନ୍ୟପଟେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡିଶାର ବିକାଶ ଦେଶର ଅନ୍ୟ ପ୍ରମୁଖ ରାଜ୍ୟମାନଙ୍କଠାରୁ ସର୍ବାଧିକ ବୋଲି ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ତାର ୱାର୍କିଂ ପେପର ରିପୋର୍ଟରେ ପ୍ରକାଶ କରିଛି । ଏଥିରୁ ସ୍ପଷ୍ଟ ଅନୁମେୟ ରାଜ୍ୟ ଶାସନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ରାଜ୍ୟର ବିକାଶ କିଭଳି ଶିଖରରେ ପହଂଚିଥିଲା । କିନ୍ତୁ ଏବେର ମୋହନ ସରକାର ଏକ ୟୁ-ଟର୍ଣ୍ଣ ସରକାର । ନିଷ୍ପତ୍ତି ଘୋଷଣା କରିବା ପରେ ପୁଣି ପରିବର୍ତ୍ତନ କରୁଛନ୍ତି । ସେହିପରି ବଡ ଠାକୁରଙ୍କୁ ତଳେ ପକାଇ କଚାଡି ଦିଆଗଲା। ଏ ଭଳି ସ୍ୱର୍ଶକାତର ଘଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ସ୍ୱଷ୍ଟତା ଦିଆଗଲା ନାହିଁ । ଆଇନମନ୍ତ୍ରୀ ସଂପୂର୍ଣ୍ଣ ଚୁପ ରହିଲେ । ଏହା ଦର୍ଶାଉଛି ମୋହନ ସରକାରର ବିଫଳତା। ରାଜ୍ୟରେ ପୋଲିସର ବର୍ବରତା ବଢିଚାଲିଥିଲା ବେଳେ ପ୍ରତ୍ୟେକ ବିଭାଗରେ ଏ ସରକାର ବିଫଳ ହୋଇଛି ବୋଲି ଡ. ମହାନ୍ତି କହିଛନ୍ତି । ଏହି ସାମ୍ବାଦିକଙ୍କ ସମ୍ମିଳନୀରେ ବିଜେଡିର ଅନ୍ୟତମ ଗଣମାଧ୍ୟମ ସଂଯୋଜକ ପ୍ରିୟବ୍ରତ ମାଝୀ ଉପସ୍ଥିତ ଥିଲେ ।

# ଆଜି ପୂର୍ବାଞ୍ଚଳ ରାଜ୍ୟମାନଙ୍କ ସହ ଚତୁର୍ଥ ଆଞ୍ଚଳିକ ବୈଠକ କରିବ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶା, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ଆଂଚଳିକ ବୈଠକ ଶୁକ୍ରବାର ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଭାରତ ସରକାରଙ୍କ ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ପକ୍ଷରୁ ଶ୍ରମ ସଂସ୍କାର, ଅଣସଂଗଠିତ ଶ୍ରମିକମାନଙ୍କର ଇଶ୍ରମ-ନ୍ୟାସନାଲ ଡାଟାବେସ୍ (ଏନ୍ ଡିୟୁଡବ୍ଲ୍ୟୁ), କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ (ବିଓସିଡବ୍ଲୁ), କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ଏବଂ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଏହି ବୈଠକ ଆୟୋଜନ କରାଯାଉଛି। କର୍ଣ୍ଣାଟକର ବେଙ୍ଗାଲୁରୁ ଠାରେ କର୍ଣ୍ଣାଟକ, ତାମିଲନାଡୁ, ତେଲଙ୍ଗାନା, କେରଳ, ପୁଡୁଚେରୀ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଭଳି ଦକ୍ଷିଣ ରାଜ୍ୟ/ କେନ୍ଦ୍ରଶାସିତ ଅଂଚଳ ସହିତ ପ୍ରଥମ ଆଂଚଳିକ ବୈଠକ ଆୟୋଜନ ସହିତ ଭାରତ ସରକାରଙ୍କ ଦ୍ୱାରା ଦେଶବ୍ୟାପୀ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ମାନଙ୍କ ସହିତ ଚାଲିଥିବା ଏହି ଆଂଚଳିକ ଆଲୋଚନା ଆରମ୍ଭ ହୋଇଥିଲା । ଏହାପରେ ଚଣ୍ଡିଗଡ଼ରେ ଉତ୍ତରାଂଚଳ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ପଞ୍ଜାବ, ଚଣ୍ଡିଗଡ଼, ହିମାଚଳ ପ୍ରଦେଶ, ଲଦାଖ ଏବଂ ରାଜସ୍ଥାନ ସହ ଦ୍ୱିତୀୟ ଆଂଚଳିକ ବୈଠକ ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ରାଜ୍ୟ/ କେନ୍ଦ୍ରଶାସିତ ଅଂଚଳ ମହାରାଷ୍ଟ୍ର, ଗୋଆ, ଗୁଜରାଟ, ଦାମନ ଓ ଦିଉ ଏବଂ ଦାଦରା ଓ ନଗର ହାଭେଲି ଓ ଲାକ୍ଷାଦ୍ୱୀପ ସହିତ ତୃତୀୟ ଆଂଚଳିକ ବୈଠକ ଗୁଜରାଟର ରାଜକୋଟଠାରେ ଅନୁଷ୍ଠିତ ହୋଇଥିଲା। ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟର ସଚିବ ସୁମିତା ଦାୱରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭାରତ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ଶ୍ରମ କୋଡ୍ ଅଧୀନରେ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଚିଠା ନିୟମାବଳୀରେ ସମନ୍ୱୟ, ନିଯୁକ୍ତି ତଥ୍ୟ ସମ୍ବନ୍ଧୀୟ ପ୍ରସଙ୍ଗ ଏବଂ ପ୍ରସ୍ତାବିତ ନିଯୁକ୍ତି ସଂଯୁକ୍ତ ପ୍ରୋତ୍ସାହନ (ଇଏଲଆଇ) ଯୋଜନା ଉପରେ ପରାମର୍ଶ, ପ୍ରବାସୀ ଶ୍ରମିକଙ୍କ ସମେତ ଅଣସଂଗଠିତ ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ସୁବିଧା ସହଜରେ ଉପଲବ୍ଧ କରାଇବା ପାଇଁ ଇ-ଶ୍ରମ ପୋର୍ଟାଲ୍ 'ୱାନ୍-ଷ୍ଟପ୍ ସଲ୍ୟୁସନ୍' ପ୍ରତିଷ୍ଠା, ବିଓସି ଶ୍ରମିକମାନଙ୍କୁ ବିଭିନ୍ନ କେନ୍ଦ୍ରୀୟ କଲ୍ୟାଣକାରୀ ଯୋଜନାର ସୁବିଧାର ସମ୍ପ୍ରସାରଣ ଏବଂ ନ୍ୟାସନାଲ କ୍ୟାରିୟର ସର୍ଭିସ (ଏନସିଏସ) ଆଦି ପ୍ରମୁଖ ଶ୍ରମ ଓ ନିଯୁକ୍ତି ପ୍ରସଙ୍ଗ ଏହି ବୈଠକରେ ଆଲୋଚନା ହେବ ।

# ରାହୁଲ ଗାନ୍ଧୀଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟକୁ ବିରୋଧ : ରାଜଧାନୀରେ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାହୁଲ ଗାନ୍ଧୀଙ୍କ ପ୍ରତି ବିଜେପି ଓ ତାର ସହଯୋଗୀ ଦଳର ନେତାମାନେ ଆପତ୍ତିଜନକ ମନ୍ତବ୍ୟ ଦେବା ବିରୋଧରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କଂଗ୍ରେସ ଭବନରୁ କଂଗ୍ରେସରୁ ବିଶାଳ ରାଲି ବାହାରିଥିଲା । ବିଜେପି ଅଫିସ ଘେରାଉ କରିବାକୁ ଯିବା ବେଳେ ଖାରବେଳ ନଗର ଥାନା ନିକଟରେ ପୋଲିସ ଅଟକାଇଥିଲା । ସେଠାରେ ପୋଲିସ ଓ କଂଗ୍ରେସ କର୍ମୀ ଧସ୍ତାଧସ୍ତି ହୋଇଥିଲେ । ଆନ୍ଦୋଳନକାରୀଙ୍କୁ ପୋଲିସ ଉଠାଇ ନେଇଥିଲା । ଯେଉଁ ନେତା ମାନେ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି ତାଙ୍କ ବିରୁଦ୍ଧରେ ଥାନାରେ କଂଗ୍ରେସ ପକ୍ଷରୁ ଏତଲା ଦିଆଯାଇଛି । କଂଗ୍ରେସ ଦାବି କରିଛି ଯେଉଁମାନେ ଏଭଳି ମନ୍ତବ୍ୟ ଦେଇଛନ୍ତି ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।



ଭୁବନେଶ୍ୱର
୨୦ ସେପ୍ଟେମ୍ବର
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24



ପୁରୀ : ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।







ରାଜ୍ୟ ବିଜେପି ସରକାରଙ୍କ ୧୦୦ ଦିନର ପୂର୍ତ୍ତି ଉତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ : ସମ୍ବାଦ କଳିକା)

## ଜାରି ହେଲା ଗାଇଡଲାଇନ୍

# ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ମିଳିବ ପରିଚୟପତ୍ର : ଲାଗୁ ହେବ ସ୍ୱତନ୍ତ୍ର ଡ୍ରେସ୍ କୋଡ୍



**ଭୁବନେଶ୍ୱର, ୧୯/୯ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଲୋକଙ୍କ ସୁରକ୍ଷା ନେଇ ଜାରି ହେଲା ଗାଇଡଲାଇନ୍। ଡାକ୍ତର, ଛାତ୍ରଛାତ୍ରୀ ଓ ସ୍ୱାସ୍ଥ୍ୟ ସେବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଇଁ ଗାଇଡଲାଇନ ଜାରି ହୋଇଛି।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀରେ ସ୍ପଷ୍ଟ କରାଯାଇଛି ଯେ, ଏଣିକି ସବୁ ମେଡିକାଲ ଶିକ୍ଷାନୁଷ୍ଠାନ ଚାରିପାଖରେ ପାଚେରି ରହିବ। ସବୁ କର୍ମଚାରୀଙ୍କ ପାଇଁ ପରିଚୟପତ୍ର ଓ ସ୍ୱତନ୍ତ୍ର ଡ୍ରେସ୍ କୋଡ୍ ରହିବ। ପୁରୁଷ ଓ ମହିଳା ଡାକ୍ତରଙ୍କ ପାଇଁ ଡ୍ୟୁଟି ଓ ରେଷ୍ଟ ରୁମ୍ ରହିବ। ସବୁ ସରକାରୀ ମେଡିକାଲ କଲେଜରେ ଫାଣ୍ଡି ବାଧ୍ୟତାମୂଳକ। ଇନଡୋର ରୋଗୀଙ୍କ ପାଇଁ ଭିଜିଟର ପାସ୍ ବ୍ୟବସ୍ଥା କରିବାକୁ ବି ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଓପିଡିରେ ୨୪ ଘଣ୍ଟିଆ ସୁରକ୍ଷାକର୍ମୀ ମୁତୟନ ରହିବେ। ଯେତେ ସମ୍ଭବ ଉଭୟ ପୁରୁଷ ଓ ମହିଳା ସୁରକ୍ଷାକର୍ମୀ ଦାୟିତ୍ୱରେ ରହିବେ।

ସୁରକ୍ଷାକର୍ମୀ କ୍ୟାମ୍ପସ ଭିତରେ ପାଟ୍ରୋଲିଂ କରି ଅନଧୀକୃତ ଯାତ୍ରୀଙ୍କୁ ତଡ଼ିବେ। ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ହଷ୍ଟେଲ ଓ ଗେଟ୍ ବାହାରେ ଲାଗିବ ସିସିଟିଭି କ୍ୟାମେରା। ଆପଦକାଳୀନ ସୂଚନା ଦେବାକୁ ପାନିକ ବଟନ୍, ଜରୁରୀ ଫୋନ୍ ଏବଂ ଆପ୍ ରହିବ। କୌଣସି ଅଘଟଣ ସୂଚନା ହେଲେ କର୍ତ୍ତୃପକ୍ଷ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବେ। କୋଲକାତା ଆରଜି କର ମେଡିକାଲରେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସମଗ୍ର ଦେଶରେ ନିଆଁ ଜଳିଥିଲା। ଡାକ୍ତରମାନେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନରେ ବସିଥିଲେ। ଫଳରେ ବହୁ ଦିନ ପର୍ଯ୍ୟନ୍ତ ସମଗ୍ର ଦେଶରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସୁରକ୍ଷା ନେଇ ଏହି ଗାଇଡଲାଇନ୍ ଜାରି ହୋଇଛି।

# ଭିସୁଟ ଛାତ୍ରୀ ଚିନ୍ମୟୀ ମୃତ୍ୟୁ ମାମଲା, ସିବିଆଇ ତଦନ୍ତ କାହିଁକି ନ ହେବ : ହାଇକୋର୍ଟ

- ଏସ୍‌ସିବି ପରିମଳ ବ୍ୟବସ୍ଥାକୁ ନେଇ ଅସନ୍ତୋଷ
- ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶ
- ପୋଲିସ ହେପାଜତରେ ମୃତ୍ୟୁ ପାଇଁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦିଅ



**କଟକ, ୧୯/୯ ନ୍ୟୁଜ ବ୍ୟୁରୋ**

ବହୁ ଚର୍ଚ୍ଚିତ ଭି ସୁଟ ଛାତ୍ରୀ ଚିନ୍ମୟୀ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ କାହିଁକି ନ ହେବ, ଜବାବ ଲୋଡିଲେ ହାଇକୋର୍ଟ। ଏନେଇ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମଙ୍ଗଳବାର ସୁଦ୍ଧା ଜବାବ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ୨୦୨୩ ଫେବୃୟାରୀ ୨୮ରେ ଘଟିଥିଲା ଏହି ଘଟଣା। ଭିସୁଟ ସମାବର୍ତ୍ତନ ଉତ୍ସବ ପରେ ଚିନ୍ମୟୀ ନିଖୋଜ ନେଇ ପରିବାର ଲୋକ ଥାନାରେ ଖବର କରିଥିଲେ। ମାର୍ଚ୍ଚ ୧ରେ ଚିନ୍ମୟୀଙ୍କ ମୃତ ଦେହ ପାୱାର କେନାଲ ବ୍ରିଜରୁ ମିଳିଥିଲା। ସୂଚନା ଯୋଗ୍ୟ ଯେ, ୨୦୨୩ ଫେବୃୟାରୀ ୨୮ରେ ଭିସୁଟରେ ସମାବର୍ତ୍ତନ ଉତ୍ସବ ଚାଲିଥିବା ବେଳେ ସେଥିରେ ଯୋଗଦେବାକୁ ଇଞ୍ଜିନୟରିଂ ଛାତ୍ରୀ ଚିନ୍ମୟୀ ଭୁବନେଶ୍ୱରରୁ ବୁର୍ଲାକୁ ଯାଇଥିଲେ। ସେହିଦିନ ଅପରାହ୍ନରେ ଚିନ୍ମୟୀ ନିଜ ମା'ଙ୍କ ସହ କଥା ହୋଇଥିଲେ। ତେବେ ସମାବର୍ତ୍ତନ କାର୍ଯ୍ୟକ୍ରମ ସରିବା ପରେ ସେ ପୁନର୍ବାର ଭୁବନେଶ୍ୱର ଫେରିଯିବା ପାଇଁ ପ୍ରସ୍ତୁତ ହେଉଥିଲେ। ହେଲେ ସେହି ରାତିରେ ଭିସୁଟଠାରୁ ସାମାନ୍ୟ ଦୂରରେ ଥିବା ପିସିବ୍ରିଜ ତଳକୁ ଡେଇଁ ଚିନ୍ମୟୀ ଆତ୍ମହତ୍ୟା କରିଥିବା କୁହାଯାଇଥିଲା। ଯାହା ଶୁଣି ତାଙ୍କ ପରିବାରଲୋକେ ପ୍ରଥମେ ବିଶ୍ୱାସ କରିନଥିଲେ। ଚିନ୍ମୟୀ ଆତ୍ମହତ୍ୟା କରିନାହିଁ ବରଂ ତାଙ୍କ ପୁରୁଷବନ୍ଧୁ ହତ୍ୟା କରିଥିବା ପରିବାରଲୋକେ ଅଭିଯୋଗ କରିଥିଲେ।

ଏହାଛଡା ଏସ୍‌ସିବି ମେଡ଼ିକାଲରେ ଲାଗି ରହିଥିବା ଅବ୍ୟବସ୍ଥା, ଖାସ୍ କରି ମେଡିକାଲର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ନେଇ ଖୁବ୍ ଅସନ୍ତୋଷ ପ୍ରକାଶ କରିଛନ୍ତି ହାଇକୋର୍ଟ। ଏ ପ୍ରସଙ୍ଗରେ ସ୍ପଷ୍ଟୀକରଣ ରଖିବା ଲାଗି ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆସନ୍ତା ୨୬ ତାରିଖରେ ସ୍ୱାସ୍ଥ୍ୟ ସଚିବ ହାଜର ହେବାକୁ ନିର୍ଦ୍ଦେଶ ହୋଇଛି, ତାଙ୍କ ସହିତ ଏସସିବି ମେଡ଼ିକାଲ ଅଧୀକ୍ଷକ ବ୍ୟକ୍ତିଗତ ଭାବେ ହାଜର ହେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ନିକଟରେ ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆଡ଼ଭୋକେଟ୍ କମିଟି ଏସସିବି ଗସ୍ତରେ ଯାଇଥିଲା। ସେ ସମୟର ଅବ୍ୟବସ୍ଥାକୁ କୋର୍ଟରେ ଉପସ୍ଥାପନ କରିଥିଲେ କମିଟି ସଦସ୍ୟ। ତେଣେ କଟକ ସହରର ବିପର୍ଯ୍ୟସ୍ତ ରାସ୍ତାଘାଟ ଅବସ୍ଥାକୁ ନେଇ ସିଏମସିର ଏକାଧିକ ଅଧିକାରୀ ହାଇକୋର୍ଟରେ ହଜାର ହୋଇଥିଲେ। ସିଏମସି କମିଶନର ଯେଉଁ ସତ୍ୟପାଠ ଦାଖଲ କରିଛନ୍ତି, ସେଥିରେ ଉଲ୍ଲେଖ ରହିଛି ଯେ, ରାସ୍ତା ମରାମତି କାମ ଆରମ୍ଭ ହୋଇଛି, ଯାହା ୨୬ ତାରିଖ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ୨୬ ତାରିଖ ଦିନ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି।

ସେହିପରି ପୋଲିସ ହେପାଜତରେ ମୃତ୍ୟୁ ପାଇଁ ୨ ଲକ୍ଷ କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଅଭିଯୁକ୍ତଙ୍କୁ ମୁମ୍ବାଇରୁ ଟ୍ରେନରେ ନେଇ ଫେରିବା ବେଳେ ଟ୍ରେନରୁ ଗଳି ପଡ଼ି ମୃତ୍ୟୁ ହୋଇଥିଲା। ୭ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କୁ ଏହି କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ରହିଛି। ୨୦୧୮ରେ ଏକ ମାମଲାରେ ଭଦ୍ରକ ଅଞ୍ଚଳର ଅଭିଯୁକ୍ତ ଅମ୍ରିତ ପୁହାଣକୁ ମୁମ୍ବାଇରୁ ଗିରଫ କରିଥିଲା ପୋଲିସ। ମୃତ୍ୟୁ ପରେ ଅଭିଯୁକ୍ତର ମା' ବାସନ୍ତୀ ପୁହାଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତଙ୍କୁ ଟ୍ରେନରେ ନେଇ ଫେରୁଥିବା ତିନି ପୋଲିସ କର୍ମଚାରୀ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଉତ୍ତର ରଖିଥିଲେ।

## ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ

# ତିହିଡି ମାଟିର ସୁଯୋଗ୍ୟ ସନ୍ତାନ ଥିଲେ ବିଷ୍ଣୁ ବାବୁ : ମୁଖ୍ୟମନ୍ତ୍ରୀ

**ଭଦ୍ରକ ୧୯।୯ ନ୍ୟୁଜ ବ୍ୟୁରୋ**

ପୂର୍ବତନ ବିଧାୟକ ତଥା ବିରୋଧୀ ଦଳ ଉପନେତା ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ତିହିଡି କାଳୀପଡ଼ିଆରେ ସ୍ମୃତି ଚାରଣ ସଭାରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିବା ବେଳେ ତାଙ୍କ ସହ ଉପ ମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ମାନେ ବିଷ୍ଣୁ ସେଠୀଙ୍କ କବିତା ସଙ୍କଳନ 'ନଇ ପାଣି ନଇକୁ ଯା' ଉନ୍ମୋଚିତ କରିଛନ୍ତି। ବିଷ୍ଣୁ ସେଠୀ ସ୍ମୃତି ସଂସଦ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ବିଷ୍ଣୁ ପ୍ରେମୀ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ତିହିଡି ମାଟିର ସୁଯୋଗ୍ୟ ପୁତ୍ରଙ୍କୁ ମୋର ଶ୍ରଦ୍ଧାଞ୍ଜଳି। ୧୯୬୧ରେ ଜନ୍ମିତ ବିଷ୍ଣୁ ସେଠୀ ଛାତ୍ର ଜୀବନରୁ ଆରଏସଏସ ଓ ଏବିଭିପିର ସଦସ୍ୟ ଥିଲେ। ବିଷ୍ଣୁ ବାବୁ ଜଣେ ରାଷ୍ଟ୍ରବାଦୀ ବ୍ୟକ୍ତି, ବରିଷ୍ଠ ବ୍ୟକ୍ତିତ୍ୱ ପାଇଁ ବେଶ ପରିଚିତ। ମୁଁ ୨୦୦୦ ମସିହାରେ ଆମେ ମିଶି ସାଙ୍ଗରେ ବିଧାନସଭାରେ କାର୍ଯ୍ୟ କରିଛୁ। ସେ ୨୦୦୬ରେ ଦଳର ଉପ ସଭାପତି ଥିଲେ। ବିଷ୍ଣୁ ବାବୁ ଜଣେ ଭଲ ବକ୍ତା, କାନ୍ତକବିଙ୍କ ରଚିତ ରାଜ୍ୟ ସଙ୍ଗୀତ ପ୍ରସ୍ତାବ ପାଇଁ ବନ୍ଦେ ଉତ୍କଳ ଜନନୀ ରାଜ୍ୟ ସଙ୍ଗୀତ ଆଖ୍ୟା ପାଇଛି। ସେ ଭଦ୍ରକ ଜିଲ୍ଲାର ସୁପୁତ୍ର ଥିଲେ। ମୋଗଲ ତାମସାକୁ ଲୋକଲୋଚନ ଆଣିବା ପାଇଁ ସେ ମଧ୍ୟ ଚେଷ୍ଟା କରିଥିଲେ। ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି, ଓଡ଼ିଆଙ୍କ ସେବାର କୀର୍ତ୍ତି ଆମ ପାଖରେ ସ୍ମୃତି ଅଛି। ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି, ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ କାର୍ଯ୍ୟ କରିଛି। ତିହିଡି ଆସିଛି, ସଭା କରିଛି। ତାଙ୍କ ସ୍ମୃତିକୁ ରଖୁଛନ୍ତି ତାଙ୍କ ପୁଅ ସୂର୍ଯ୍ୟବଂଶୀ ସୁରଜ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ବିଷ୍ଣୁ ଭାଇ ସଂଘର୍ଷ ଯାତ୍ରାର ପଥିକ ଥିଲେ। ଜୀବନ୍ତ ସମ୍ପର୍କ ଥିଲା ଆମ ସହ। ଆତ୍ମୀୟତାର ସମ୍ପର୍କ ଗଢ଼ିଥିଲେ। କଲେଜ ସମୟରୁ ୧୯୯୧ରୁ ଆମ ବିଚାର ଧାରାରେ କାର୍ଯ୍ୟ କଲେ। ବିଷ୍ଣୁ ଭାଇଙ୍କୁ ସମସ୍ତଙ୍କ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ବୋଲି ଶ୍ରୀ ସାମଲ କହିଛନ୍ତି।



## ବରଗଡ଼ ଓ ବୌଦ୍ଧ ଜିଲ୍ଲାର ସାଙ୍ଗଠନିକ ବୈଠକ

# ତୃଣମୂଳ ସ୍ତରରୁ ସଂଗଠନ ସଜାଡିବାକୁ ବିଜେଡିର ଉଦ୍ୟମ

**ଭୁବନେଶ୍ୱର ୧୯।୯ ନ୍ୟୁଜ ବ୍ୟୁରୋ**

ତୃଣମୂଳ ସ୍ତରରୁ ସଂଗଠନ ସଜାଡିବାକୁ ବିଜେଡିର ଉଦ୍ୟମ ଆରମ୍ଭ ହୋଇଛି। ଗୁରୁବାର ଶଙ୍ଖ ଭବନରେ ବରଗଡ଼ ଏବଂ ବୌଦ୍ଧ ଜିଲ୍ଲାର ସାଙ୍ଗଠନିକ ବୈଠକ ବସିଥିଲା। ଏହି ବୈଠକରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଯୋଗ ଦେଇଥିଲେ। କିଭଳି ଭାବେ ତୃଣମୂଳ ସ୍ତରରୁ ସଂଗଠନ ସୁଦୃଢ଼ ହେବ ସେ ନେଇ ନବୀନ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ପୂର୍ବରୁ ନବୀନ ଛାମୁଆ ସଂଗଠନ ସଜାଡ଼ିବା ପାଇଁ ବୈଠକ କରିବା ସହିତ ବରିଷ୍ଠ ନେତାମାନଙ୍କୁ ଡାକି ଆଲୋଚନା କରିଛନ୍ତି। ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ବରଗଡ଼ ଓ ବୌଦ୍ଧ ଜିଲ୍ଲାର ସାଙ୍ଗଠନିକ ବୈଠକ ହୋଇଥିଲା। ବରଗଡ଼ ଜିଲ୍ଲାକୁ ସବୁବେଳେ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇଥିଲେ। ସଙ୍ଗଠନକୁ ସୁଦୃଢ଼ କରିବାକୁ ଆମେ ଶପଥ ନେଇଛୁ। ବିଜେପି ସରକାର ସୁଭଦ୍ରା ଯୋଜନାରେ ମହିଳାଙ୍କୁ ଭଣ୍ଡାଇଛନ୍ତି। ୩୦୦ ୟୁନିଟ୍ ମାଗଣା ବିଜୁଳି ଦେଲେନି। ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କା କରିବାକୁ କହିଥିଲେ, କିନ୍ତୁ ବର୍ତ୍ତମାନ ସୁଦ୍ଧା କରିନାହାନ୍ତି। ଏହାକୁ ନେଇ ବରଗଡ଼ ଜିଲ୍ଲାରେ ଆନ୍ଦୋଳନ କରାଯିବ। ବରଗଡ଼ ଜିଲ୍ଲାର ୫ ନିର୍ବାଚନ ମଣ୍ଡଳୀର ଭୋଟ୍ ନେଇ ଠକିଥିବା ନେତାଙ୍କୁ ଜବାବ ଦିଆଯିବ। ମନ୍ତ୍ରୀଙ୍କୁ ବିରୋଧ କରାଯିବ। ସେହିଭଳି ବରିଷ୍ଠ ବିଜେଡ଼ି ନେତା ପ୍ରଦୀପ ଅମାତ କହିଛନ୍ତି, ୨୦୨୪ ଜୁନ୍ ୪ ପରେ ସ୍ୱଚ୍ଛ ଓ ନିର୍ମଳ ଶାସନ ଦେଖିବାକୁ ମିଳୁନି। ବିଜେପି କର୍ମୀଙ୍କ ରାଜ ସବୁଠି ଚାଲୁଛି। ଖଣି, ପାଣି, ଦୁର୍ନୀତି ବଢିଛି। ଏଭଳି ସ୍ଥିତିକୁ ଲୋକେ ଅନୁଭବ କଲେଣି। ବୌଦ୍ଧ ଜିଲ୍ଲାରେ ଦଳ କିପରି ସୁଦୃଢ଼ ହେବ ସେନେଇ କାମ କରିବୁ। ଭ୍ରଷ୍ଟାଚାର ସରକାର ବିରୋଧରେ ଲଢ଼େଇ ହେବ ବୋଲି ଶ୍ରୀ ଅମାତ କହିଛନ୍ତି।



# ବେଆଇନ ଗୁଟ୍‌ଖା କାରଖାନା ଉପରେ ଚଢ଼ଉ




**ବ୍ରହ୍ମପୁର, ୧୯/୯ ନ୍ୟୁଜ ବ୍ୟୁରୋ**

ବେଆଇନ ଗୁଟ୍‌ଖା କାରଖାନା ଉପରେ ଚଢ଼ଉ। ଲକ୍ଷାଧିକ ଟଙ୍କାର ମେସିନ ଓ ଗୁଟ୍‌ଖା ଜବତ ହୋଇଛି। ଗଞ୍ଜାମ ଜିଲ୍ଲା ସଦର ଥାନା ଅନ୍ତର୍ଗତ ବାଉଁଶିଆପାଲ୍ଲୀରେ ଥିବା ନୀଳଚକ୍ର ପ୍ରଡକ୍ସନରେ ଦୀର୍ଘ ବର୍ଷ ହେବ ବେଆଇନ ନକଲି ଗୁଟ୍‌ଖା ତିଆରି ହୋଇଆସୁଥିଲା। ପୋଲିସ କୌଣସି ସୂତ୍ରରୁ ଖବର ପାଇଁ ଗୁରୁବାର ସକାଳୁ ବେଆଇନ ଗୁଟ୍‌ଖା କାରଖାନା ଉପରେ ଅତର୍କିତ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ମେସିନ ଏବଂ ଗୁଟ୍‌ଖା ଜବତ କରିଛି। କାରଖାନାରେ ୨୫-୩୦ ବିଦେଶୀ କର୍ମଚାରୀ କାମ କରୁଥିବା ବେଳେ ଅପମିଶ୍ରିତ ହେଉଥିବା କେମିକାଲ ସାଙ୍ଗକୁ ବିଭିନ୍ନ ସାମଗ୍ରୀ ଜବତ କରଯାଇଛି। ଦିନକୁ ପାଖାପାଖି ୬୦-୭୦ ବସ୍ତା ଗୁଟ୍‌ଖା ତିଆରି ହୋଉଥିବା ବେଳେ ଏସବୁ ନକଲି ସାମଗ୍ରୀ କେଉଁ ଅଞ୍ଚଳକୁ ସ୍ଥାନାନ୍ତର ହେଉଥିଲା ସେ ନେଇ ଅଧିକ ଖୋଳତାଡ଼ ଜାରି ରହିଛି।

## କୂଳଡ଼ିହା ଅଭୟାରଣ୍ୟରେ ହାତୀ ମାରି ଦାନ୍ତ ଲୁଟିନେବା ଘଟଣା

# ସବୁଜ ବାହିନୀଙ୍କୁ କୋର୍ଟ ଚାଲାଣ ବେଳେ ଗାଡି ଅଟକାଇଲେ ସମ୍ପର୍କୀୟ

**ନୀଳଗିରି, ୧୯/୯ ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ସୋର ରେଞ୍ଜ କୂଳଡ଼ିହା ଅଭୟାରଣ୍ୟ ବେତେଇ ବିଟ୍‌ରେ କିଛି ମାସ ପୂର୍ବରୁ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ଲୁଚାଇବା ପାଇଁ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ପଦ୍ମଲୋଚନ ପାତ୍ରଙ୍କ ନିର୍ଦ୍ଦେଶରେ ୪ ଜଣ ସବୁଜ ବାହିନୀ ହାତୀର ଶବକୁ ଫିଙ୍ଗି ଦେଇଥିଲେ। ୬ ମାସ ପରେ ଏହି ଘଟଣା ଜଣାପଡ଼ିଥିଲା। ବେତେଇ ଅଞ୍ଚଳର ସବୁଜ ବାହିନୀ ପରମା ବେହେରା, ମହେଶ୍ୱର ବେହେରା, ପ୍ରଫୁଲ୍ଲ ଦେହୁରୀ, ବୁଲୁ ଦେହୁରୀ ସମେତ ଗାର୍ଡ ପଦ୍ମଲୋଚନ ପାତ୍ରଙ୍କୁ କୋର୍ଟ ଚାଲାଣ ବେଳେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ସବୁଜ ବାହିନୀଙ୍କ ସମ୍ପର୍କୀୟମାନେ କୂଳଡ଼ିହା ଅଫିସରେ ତାଲା ପକାଇବା ସହ ବନ ବିଭାଗ ଗାଡିକୁ ଅଟକାଇଥିଲେ। ନୀଳଗିରି ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସବୁଜ ବାହିନୀଙ୍କ ସମ୍ପର୍କୀୟ ସେମାନଙ୍କୁ ନିର୍ଦ୍ଦୋଷ ବୋଲି କହୁଥିବା ବେଳେ ଫରେଷ୍ଟର ଏଭଳି କିଛି ହୋଇନଥିବା କହିଛନ୍ତି। ସୂଚନାନୁଯାୟୀ, ଗତ ଜୁଲାଇ ମାସରେ ହାତୀଟିର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଦେଢ ବର୍ଷ ଭିତରେ କୂଳଡ଼ିହା ଅଭୟାରଣ୍ୟରେ ୧୨ରୁ ଅଧିକ ହାତୀଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

# ନିଲାମ ହେବ ପ୍ରଧାନମନ୍ତ୍ରୀଙ୍କୁ ମିଳିଥିବା ଉପହାର

**ନୂଆଦିଲ୍ଲୀ, ୧୯।୯**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଦେଶ ବିଦେଶରୁ ମିଳିଥିବା ଉପହାରକୁ ନିଲାମ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମିଳିଥିବା ଉପହାର ନିଲାମ ହେବା ଆରମ୍ଭ ହୋଇଛି। ଅକ୍ଟୋବର ପର୍ଯ୍ୟନ୍ତ ହେବାକୁ ଥିବା ଏହି ନିଲାମ ପ୍ରକ୍ରିୟାରେ ପ୍ରଧାନମନ୍ତ୍ରୀଙ୍କର ୬୦୦ରୁ ଅଧିକ ଉପହାରକୁ ସର୍ବସାଧାରଣ କିଣି ପାରିବେ। ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ନିଲାମ ପ୍ରକ୍ରିୟାରେ ସାମିଲ ହେବା ସହ ସାରା ଦୁନିଆରୁ ମିଳିଥିବା ଉପହାରକୁ କିଣିବା ପାଇଁ ସାମିଲ ହେବାକୁ କହିଛନ୍ତି। ଉପହାର ସହ ମିଳିଥିବା ସ୍ମାରକୀ ମଧ୍ୟ ନିଲାମ କରାଯିବ।

ପ୍ରଧାନମନ୍ତ୍ରୀଙ୍କୁ ମିଳିଥିବା ଉପହାର ଓ ସ୍ମାରକୀର ଇ-ନିଲାମ ପ୍ରକ୍ରିୟା ମଙ୍ଗଳବାର ଆରମ୍ଭ ହୋଇଥିଲା। ଏହା ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ରୀୟ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ୬୦୦ରୁ ଅଧିକ ଉପହାର ଓ ସ୍ମାରକୀକୁ ଅନଲାଇନ୍‌ରେ ନିଲାମ କରାଯାଉଛି। ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମିଳିଥିବା ୬୦୦ ଉପହାର ନିଲାମ କରାଯାଉଛି। ଏଥିରେ ଟୋପି, ଜୋତା, ବ୍ୟାଡମିଣ୍ଟନ, ପ୍ରଭୁ ରାମ, ଲକ୍ଷ୍ମଣ ଓ ସୀତାଙ୍କ ମୂର୍ତ୍ତି, ରାମ ମନ୍ଦିର ମଡେଲ୍, କଳସ ସମେତ ଅନ୍ୟାନ୍ୟ ଜିନିଷ ମଧ୍ୟ ରହିଛି। ପ୍ୟାରିସ ପାରା ଅଲିମ୍ପିକରେ କାଂସ୍ୟ ପଦକ ବିଜେତା ନିତ୍ୟା ଶ୍ରୀ ସିଭାନ୍‌ଙ୍କର ବ୍ୟାଡମିଣ୍ଟନ ରାକେଟର ଦାମ ସାଢେ ୫ ଲକ୍ଷ ରଖାଯାଇଛି। ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପରେ ରୌପ୍ୟ ପଦକ ଜିତିଥିବା ଶରଦ କୁମାରଙ୍କ ଟୋପିର ସର୍ବାଧିକ ମୂଲ୍ୟ ୯ ଲକ୍ଷ ଟଙ୍କା ରହିଛି



ଅଧିକ ଦାମର ଜିନିଷ ବ୍ୟତୀତ ୭୦୦ ଟଙ୍କାରେ ମଧ୍ୟ ଅନେକ ଜିନିଷ ଉପଲବ୍ଧ ରହିଛି। ସବୁଠାରୁ ଶସ୍ତା ଉପହାର ୭୦୦ ଟଙ୍କାରେ ରଖାଯାଇଛି। ୧୨୦୦ ଟଙ୍କାରେ ମଧ୍ୟ ଅନେକ ଜିନିଷ ରହିଛି।

ପ୍ରଧାନମନ୍ତ୍ରୀ ଏକ୍ସରେ ଏକ ପୋଷ୍ଟ କରି କହିଛନ୍ତି, ପ୍ରତ୍ୟେକ ବର୍ଷ ସାର୍ବଜନୀନ କାର୍ଯ୍ୟକ୍ରମରେ ମିଳୁଥିବା ବିଭିନ୍ନ ସ୍ମାରକୀର ନିଲାମ କରାଯାଏ। ଗଙ୍ଗା ନଦୀର ସଂରକ୍ଷଣ ଏବଂ ନବୀକରଣ ପାଇଁ ନାମାମୀ ଗଙ୍ଗେ ଏକ ସରକାରୀ ପଦକ୍ଷେପ। ଏହି ପଦକ୍ଷେପରେ ନିଲାମରୁ ପ୍ରାପ୍ତ ଟଙ୍କା ଖର୍ଚ୍ଚ କରାଯାଏ। ପ୍ରଧାନମନ୍ତ୍ରୀଙ୍କୁ ମିଳିଥିବା ଉପହାରକୁ ପାଇବା ପାଇଁ https://pmmementos.gov.in/ ଲିଙ୍କରେ କ୍ଲିକ କରନ୍ତୁ। ନିଜର ପଞ୍ଜିକରଣ କରି ନିଲାମ ପ୍ରକ୍ରିୟାରେ ଯୋଡି ହୋଇ ପାରିବେ। ସବୁଠାରୁ ଶସ୍ତା ଉପହାର ୭୦୦ ଟଙ୍କା ଓ ମହଙ୍ଗା ଉପହାର ୯ ଲକ୍ଷ ଟଙ୍କା। ୨୦୨୩ ମସିହାରେ ପ୍ରଧାନମନ୍ତ୍ରୀଙ୍କୁ ମିଳିଥିବା ୯୧୨ ଉପହାର ନିଲାମ କରାଯାଇଥିଲା।

# ନନ୍ଦନକାନନରୁ ବାଲୁଖଣ୍ଡ ଅଭୟାରଣ୍ୟ ଗଲେ କୃଷ୍ଣସାର ମୃଗ



**ଭୁବନେଶ୍ୱର, ୧୯/୯ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ସ୍ଥିତ ନନ୍ଦନକାନନରୁ କୋଣାର୍କ-ବାଲୁଖଣ୍ଡ ଅଭୟାରଣ୍ୟ ଗଲେ ୧୩ଟି କୃଷ୍ଣସାର ମୃଗ। ଏକ ସ୍ୱତନ୍ତ୍ର ଭ୍ୟାନରେ ନନ୍ଦନକାନନ ଚିଡ଼ିଆଖାନାରୁ କୃଷ୍ଣସାର ମୃଗମାନଙ୍କୁ କୋଣାର୍କ ନିଆଯାଇଥିଲା। ଅଭୟାରଣ୍ୟରେ କୃଷ୍ଣସାର ମୃଗ ବଂଶ ବୃଦ୍ଧି ପାଇଁ ବନ ବିଭାଗ ଏପରି ବ୍ୟବସ୍ଥା କରିଛି। କୋଣାର୍କ-ବାଲୁଖଣ୍ଡ ଅଭୟାରଣ୍ୟରେ ପୂର୍ବରୁ କୃଷ୍ଣସାର ମୃଗ ଥିଲେ। ହେଲେ ଗତ ୨୦ ବର୍ଷ ହେଲା ସେମାନଙ୍କ ବଂଶ ଲୋପ ପାଇଯାଇଛି। ଏବେ ପର୍ଯ୍ୟାପ୍ତ ପରିମାଣର ଚିତ୍ରା ହରିଣ ରହିଛନ୍ତି। ରିପୋର୍ଟ ଅନୁସାରେ ୫୦୦୦ରୁ ଅଧିକ ହରିଣ ଥିବା ଜଣାପଡ଼ିଛି। ତେବେ କୃଷ୍ଣସାର ମୃଗ ବଂଶ ବୃଦ୍ଧି ପାଇଁ ପ୍ରଶାସନ ଉଦ୍ୟମ ଆରମ୍ଭ କରିଛି। ପ୍ରଥମ ପର୍ଯ୍ୟାୟରେ ଅର୍ଥାତ ଗତ ଜୁନ ୧୮ ତାରିଖରେ ୬ଟି ମାଈ ଓ ୪ଟି ଅଣ୍ଡିରା ମୋଟ୍ ୧୦ଟି କୃଷ୍ଣସାର ମୃଗ ଉକ୍ତ ଅଭୟାରଣ୍ୟରେ ଛଡ଼ା ଯାଇଥିଲା। ଏବେ ଆଉ ୧୩ କୃଷ୍ଣସାର ମୃଗ ନନ୍ଦନକାନନରୁ ଯାଇଛି। ଅଭୟାରଣ୍ୟକୁ ଆସିଥିବା କୃଷ୍ଣସାର ମୃଗମାନଙ୍କୁ ଏବେ କ୍ୱାରେଣ୍ଟାଇନ୍‌ରେ ରଖାଯାଇଛି। ପ୍ରାୟ ୧୦ ଦିନ ପରେ ସେମାନଙ୍କୁ ଅଭୟାରଣ୍ୟରେ ମୁକ୍ତ ଭାବେ ଛଡ଼ାଯିବ। ସେମାନଙ୍କୁ କୁରୁଜଙ୍ଗ ଇଡିସି ସଂଲଗ୍ନ ଜଙ୍ଗଲରେ ଛଡ଼ାଯିବ। ସେମାନଙ୍କ ଖାଇବା ପାଇଁ ସ୍ୱତନ୍ତ୍ର ଘାସ ଓ ପିଇବା ପାଣିର ବ୍ୟବସ୍ଥା କରାଯାଇଛି। ଆଗକୁ ଆହୁରି ୨ଟି କୃଷ୍ଣସାର ମୃଗ ନନ୍ଦନକାନନରୁ ଆସିବାର ସମ୍ଭାବନା ରହିଛି।